

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୭ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 JULY 2025

Vol.No. 36 ■ No.188 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ଇଗ୍ନୋରେ ନାମଲେଖା ଅବଧି ଆସନ୍ତା ୩୧ ଯାଏ ବଢ଼ିଲା

ନୂଆଦିଲ୍ଲୀ,୧୬/୭ : ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ରେ ଜୁଲାଇ-୨୦୨୫ ଶିକ୍ଷା ଅଧିବେଶନ ପାଇଁ ନାମଲେଖା ପ୍ରକ୍ରିୟା ଘୋଷଣା କରାଯାଇଛି। ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଂଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ ପାଠ୍ୟକ୍ରମରେ ନାମଲେଖା ଅବଧିକୁ ଆସନ୍ତା ୩୧ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସ୍ନାତକ ପାଠ୍ୟକ୍ରମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ▶▶ପୃଷ୍ଠା ୭

# ଭାରତ-ଚୀନ୍‌କୁ ନାଟୋର ଧମକ

## ରଷ୍ ସହ ବ୍ୟାପାର କଲେ ହେବ ସାଙ୍ଘାତିକ



ନୂଆଦିଲ୍ଲୀ,୧୬/୭ : ୟୁକ୍ରେନ ଉପରେ ରଷର ଆକ୍ରମଣକୁ ନେଇ ପାଶ୍ଚାତ୍ୟ ଦେଶ ଏବଂ ରଷ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି । ଏହାରି ଭିତରେ ନାଟୋର ମହାସଚିବ ମାର୍କ ରୁଟେ ଏକ କଡ଼ା ଚେତାବନୀ ଦେଇଛନ୍ତି, ଯାହାର ସିଧାସଳଖ ସଙ୍କେତ ଭାରତ ଏବଂ ଚୀନ ଭଳି ଦେଶମାନଙ୍କ ପାଇଁ । ମାର୍କ ରୁଟେ କହିଛନ୍ତି ଯେ ଯେଉଁ ଦେଶଗୁଡ଼ିକ ରଷ ସହିତ ସମ୍ପର୍କ ରଖିବେ, ସେମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିବ । ୱାଶିଂଟନରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମାର୍କ ରୁଟେ ଚେତାବନୀ କାହିଁକି ଦେଇଛନ୍ତି ସେ କଥା କହିଥିଲେ । ତାଙ୍କର ଏହି ବୟାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧ ଜାରି ରଖିଥିବା ରଷ ଉପରେ ଅର୍ଥନୈତିକ ଏବଂ କୂଟନୈତିକ ଚାପ ବଢ଼ାଇବା। ମାର୍କ ରୁଟେ ସ୍ପଷ୍ଟ ଭାବରେ ଚୀନକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଚୀନ ଏକ ପଟେ ନିଜକୁ ନିରପେକ୍ଷ ଦର୍ଶାଇ ପାଶ୍ଚାତ୍ୟ ଦେଶମାନଙ୍କ ସହ ସମ୍ପର୍କ ସୁଧାରିବାକୁ ଚେଷ୍ଟା କରୁଛି, ଅନ୍ୟପଟେ ୟୁକ୍ରେନ ଯୁଦ୍ଧକୁ ଇନ୍ଧନ ଯୋଗାଉଛି । ଚୀନ ରଷକୁ ମାଇକ୍ରୋ-ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଏବଂ ଅନ୍ୟାନ୍ୟ ଟେକ୍ନୋଲୋଜି ଯୋଗାଉଛି, ଯାହା ରଷକୁ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର ଏବଂ ଯୁଦ୍ଧ ବିମାନ ତିଆରି କରିବାରେ ସାହାଯ୍ୟ କରୁଛି । ନାଟୋ ଏହାକୁ ୟୁରୋପୀୟ ସୁରକ୍ଷା ପାଇଁ ଏକ ବଡ଼ ବିପଦ ବୋଲି ମନେ କରୁଛି । ନାଟୋ ମୁଖ୍ୟ ସ୍ପଷ୍ଟ କରିଛନ୍ତି ଯେ ଚୀନ ଏକାସାଙ୍ଗରେ ଦୁଇଟି ନୀତି ଆପଣାଇ ପାରିବ ନାହିଁ । ଯଦି ସେ ପାଶ୍ଚାତ୍ୟ ଦେଶ ସହ ଭଲ ସମ୍ପର୍କ ଚାହୁଁଛି, ତେବେ ତାକୁ ରଷକୁ ସାମରିକ ସହାୟତା ଦେବା ବନ୍ଦ କରିବାକୁ ପଡ଼ିବ । ଯଦିଓ ମାର୍କ ରୁଟେ ମୁଖ୍ୟତଃ ଚୀନକୁ ଟାର୍ଗେଟ କରିଥିଲେ, ତାଙ୍କର ଏହି ବୟାନ ଭାରତ ଭଳି ଦେଶମାନଙ୍କ ପାଇଁ ମଧ୍ୟ ଏକ ପରୋକ୍ଷ ଚେତାବନୀ । ଭାରତ ଯୁଦ୍ଧ ଆରମ୍ଭ ହେବା ପରଠାରୁ ରଷଠାରୁ ବିପୁଳ ପରିମାଣର ଶସ୍ତା ଅଶୋଧିତ ତୈଳ କିଣି ଆସୁଛି, ଯାହା ରଷର ଅର୍ଥନୀତିକୁ ସହାୟତା ଦେଉଛି । ନାଟୋ ଚାହୁଁଛି ଯେ ରଷ ସହ ବ୍ୟାପାର କରୁଥିବା ସମସ୍ତ ଦେଶ ଏହା ଉପରେ ପୁନର୍ବିଚାର କରିବା ଆବଶ୍ୟକ । ମାର୍କ ରୁଟେ କହିଛନ୍ତି ଯେ ରଷକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ଉପରେ କିପରି ଆର୍ଥିକ ପ୍ରତିବନ୍ଧକ ଲଗାଯାଇପାରିବ, ସେନେଇ ନାଟୋ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଆଲୋଚନା ଚାଲିଛି । ଏହାର ଅର୍ଥ ହେଉଛି ଭବିଷ୍ୟତରେ ଏହି ଦେଶଗୁଡ଼ିକ ଉପରେ କିଛି ମାତ୍ରାରେ ପ୍ରତିବନ୍ଧକ ଲଗାଯାଇପାରେ । ଏହା ବ୍ୟାପାର କ୍ଷେତ୍ରରେ ହେଉ କିମ୍ବା ଅନ୍ୟ କୂଟନୈତିକ ସ୍ତରରେ, ଏହାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ତେବେ ଭାରତ ସବୁବେଳେ ନିଜର ସ୍ୱାଧୀନ ବୈଦେଶିକ ନୀତିକୁ ଗୁରୁତ୍ୱ ଦେଇଆସିଛି । ଭାରତ ଯୁଦ୍ଧକୁ ବିରୋଧ କରିବା ସହ କୂଟନୀତି ଏବଂ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆହ୍ୱାନ ଦେଇଛି। କିନ୍ତୁ ନାଟୋର ଏହି କଡ଼ା ଆଭିମୁଖ୍ୟ ପରେ, ରଷ ସହ ସମ୍ପର୍କକୁ ନେଇ ଭାରତ ଉପରେ ଆଗାମୀ ଦିନରେ ଚାପ ବଢ଼ିବାର ସମ୍ଭାବନା ରହିଛି ।

## ଦିଲ୍ଲୀର ୧୦ ସ୍କୁଲକୁ ବୋମା ଧମକ : ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ



ନୂଆଦିଲ୍ଲୀ,୧୬/୭ : ଦିଲ୍ଲୀର ୫ ସ୍କୁଲକୁ ବୋମା ଧମକ। ବୁଧବାର ଦିଲ୍ଲୀର ୫ଟି ସ୍କୁଲକୁ ବୋମା ମାଡ଼ ନେଇ ଧମକ ମିଳିଛି । ଲଗାତାର ତିନି ଦିନ ଧରି ଜାତୀୟ ରାଜଧାନୀର ଶିକ୍ଷାନୁଷ୍ଠାନ ଗୁଡିକୁ ଧମକ ମିଳିଛି। ଗତ ୩ ଦିନରେ ୧୦ ଟି ସ୍କୁଲକୁ ଏଭଳି ଧମକ ମିଳିବା ପରେ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀର ସେଣ୍ଟ ଥୋମାସ, ବସନ୍ତ ଭେଲି, ମଦର ଇଣ୍ଟରନ୍ୟାସନାଲ, ରିଚମୋଣ୍ଡ ଗ୍ଲୋବାଲ ଏବଂ ସର୍ଦ୍ଦାର ପଟେଲ ସ୍କୁଲକୁ ବୋମା ଧମକ ମିଳିଛି । ଧମକ ମିଳିବା ପରେ ଛାତ୍ରଛାତ୍ରୀଙ୍କୁ ସ୍କୁଲରୁ ବାହାର କରିବା ସହ ସାରା ରାତି ସ୍କୁଲ ଷ୍ଟାଫ ବିଦ୍ୟାଳୟ ପରିସର ଭିତରେ ଜଗି ରହିଛନ୍ତି । ବୋମା ଧମକ ମିଳିଥିବା ସ୍କୁଲଗୁଡିକରେ ବୋମା ନିଷ୍କ୍ରିୟକାରୀ ଟିମ୍, ଡଗ ସ୍କ୍ୱାଡ୍, ସାଇବର ଏକ୍ସପର୍ଟ ଟିମ୍ ସହ ଦିଲ୍ଲୀ ପୁଲିସ ସ୍କୁଲଗୁଡିକରେ ଯାଞ୍ଚ କରିଛନ୍ତି। ଘଟଣାର ତଦନ୍ତ ଚାଲଇଥିବାରେ ସ୍କୁଲ କର୍ତ୍ତୃପକ୍ଷ ଘଟଣା ଉପରେ ନଜର ରଖିଛନ୍ତି । ପିଲାଙ୍କ ମଧ୍ୟରେ ଭୟ ବଢୁଥିବାରୁ ପାଠପଢାରେ ବାଧା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି।

## ଆଜି କଂଗ୍ରେସର ଓଡ଼ିଶା ବନ୍ଦ ଡାକରା: ଓଡ଼ିଶା ଆସିପାରନ୍ତି ପ୍ରିୟଙ୍କା

ଭୁବନେଶ୍ୱର, ୧୬/୭ (ନି.ପ୍ର): ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଏବେ ଉଠୁଛି ପଡୁଛି ସାରା ଓଡ଼ିଶା । ରାଜ୍ୟ ରାଜନୀତି ସରଗରମ ଥିବାବେଳେ ଆସନ୍ତାକାଲି ଓଡ଼ିଶା ବନ୍ଦ ପାଇଁ ଡାକରା ଦେଇଛି କଂଗ୍ରେସ । ସକାଳ ୬ ରୁ ସନ୍ଧ୍ୟା ୬, ୧୨ଘଣ୍ଟିଆ ବନ୍ଦ ଡାକରା ଦେଇଛି ଦଳ । କଂଗ୍ରେସ ସମେତ ଆଠ ସମଭାବାପନ୍ନ ବିରୋଧୀ ଦଳ ଏହି ବନ୍ଦ ଡାକରାରେ ସମର୍ଥନ ଜଣାଇଛନ୍ତି । ପୀଡ଼ିତାଙ୍କ ବଳିଦାନ ପ୍ରତି ସମ୍ମାନ ଜଣାଇ ନ୍ୟାୟିକ ତଦନ୍ତ ଦାବି ଏବଂ ମହିଳା ସୁରକ୍ଷା ପାଇଁ

- ♦ଗାଡ଼ି ମୋଟର ଚଳାଚଳ ବନ୍ଦ ରହିବ
- ♦ସ୍କୁଲ୍ କଲେଜ୍, ଦୋକାନ ବଜାର ବନ୍ଦ ରହିବ
- ♦ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ
- ♦ସ୍ୱାସ୍ଥ୍ୟସେବା ଜାରି ରହିବ
- ♦ମେଡିକାଲ୍, ମେଡିସିନ୍ ଷ୍ଟୋର ଖୋଲା
- ♦ଆମ୍ବୁଲାନ୍ସକୁ ବାଦ ଦିଆଯିବ

ଦେଇଛନ୍ତି ଅଖ ଚକ ବନ୍ଦ ଡାକରା । ଆମ୍ବୁଲାନ୍ସ ସହ କିଛି ଜରୁରୀ ସେବାକୁ ଛାଡ଼ିଦେଲେ କଂଗ୍ରେସ ସ୍କୁଲ, କଲେଜ, ୟୁନିଭର୍ସିଟି, ପରିବହନ ସବୁ କିଛି ବନ୍ଦ କରିବ । ପ୍ରତି ଛକରେ ପିକେଟିଂ କରି ଧାରଣା ଦେବ କଂଗ୍ରେସ । ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି ଏଫ୍‌ଏମ୍ କଲେଜର ଘଟଣା । ଜାତୀୟ ସ୍ତରରେ କଂଗ୍ରେସ ଏହାକୁ ପ୍ରସଙ୍ଗ କରିଛି । ଛାତ୍ରୀଙ୍କ ବାପାଙ୍କ ସହ ଫୋନ୍ ଯୋଗେ କଥା ହେଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଫୋନ୍‌ରେ ଆଲୋଚନା ବେଳେ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ରାହୁଲ । ସେପଟେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ବାଲେଶ୍ୱର ଘଟଣାରେ ଓଡ଼ିଶା ଆସିବା ନେଇ ରଣନୀତି ପ୍ରସ୍ତୁତ କରୁଛି ଦଳ । ଆସନ୍ତା ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେଉଥିବା ବେଳେ ସଂସଦରେ ଓଡ଼ିଶା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାକୁ ଯୋଜନା କରୁଛି ବୋଲି କହିଛନ୍ତି ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା ।

# ଏଫଏମ ଛାତ୍ରୀ ମୃତ୍ୟୁ: ବିଜେଡିର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ସଫଳ



ବାଲେଶ୍ୱର, ୧୬/୭ (ନି.ପ୍ର): ୮ଘଣ୍ଟିଆ ବାଲେଶ୍ୱର ବନ୍ଦ ସଫଳ। ଏଫଏମ ଛାତ୍ରୀ ମୃତ୍ୟୁକୁ ନେଇ ବାଲେଶ୍ୱରରେ ରାଜରାସ୍ତାକୁ ଓହ୍ଲାଇଛି ବିଜେଡି । ସକାଳ ୬ଟାରୁ ଧର୍ମଘଟ ଆରମ୍ଭ ହୋଇଥିବାବେଳେ ଦିନ ୨ଟାଏ ଯାଏଁ ଚାଲିଥିଲା ଆନ୍ଦୋଳନ । ରାସ୍ତାରେ ଟାୟାର ଜାଳି ପ୍ରତିବାଦ ଚଳାଇଥିଲେ ବିଜେଡି କର୍ମୀ । ହାତରେ ପୋଷ୍ଟର ଓ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ ବିଜେଡ଼ି କର୍ମୀ ଓ ନେତା । ବନ୍ଦ ପ୍ରଭାବରେ ସହରରେ ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ସରକାରୀ ଓ ବେସରକାରୀ ଅଫିସ୍ ମଧ୍ୟ ବନ୍ଦ ରଖାଯାଇଥିଲା। ବାଲେଶ୍ୱରରେ ବନ୍ଦ ପାଳନ ବେଳେ ଷ୍ଟେସନ୍ ଛକ ନିକଟରେ ଉପଜିଲ୍ଲାପାଳଙ୍କ ଗାଡି ଅଟକାଇଲେ ବିଜେଡି କର୍ମୀ । ▶▶ପୃଷ୍ଠା ୭

## ଲୋୟର ପିଏମ୍‌ଜିରେ ଖଣ୍ଡଯୁଦ୍ଧ: ଆହତ ନେତା ଓ ପୁଲିସ

ଭୁବନେଶ୍ୱର, ୧୬/୭ (ନି.ପ୍ର): ଲୋକସେବା ଭବନ ଘେରାଉ ବେଳେ ଆଜି ଲୋୟର ପିଏମ୍‌ଜିରେ ମୁହାଁମୁହିଁ ହୋଇଛନ୍ତି ବିଜେଡି ନେତା ଓ ପୁଲିସ । ଧସ୍ତାଧସ୍ତିରେ ଉଭୟ ପକ୍ଷର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ବିଜେଡିର ଲୋକସେବା ଭବନ ଘେରାଉ ବେଳେ ଭୁବନେଶ୍ୱର ଲୋୟର



ପିଏମ୍‌ଜି ରଣକ୍ଷେତ୍ର ପାଲଟିଛି । ପୁଲିସ ସହ ଧସ୍ତାଧସ୍ତି ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ପୁଲିସକୁ ▶▶ପୃଷ୍ଠା ୭

## ଛାତ୍ରୀଙ୍କ ଆତ୍ମହୁତି ଘଟଣା : ତଦନ୍ତ କରିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୧୬/୭ (ନି.ପ୍ର): କ୍ରାଇମବ୍ରାଞ୍ଚ ହାତକୁ ଗଲା ଛାତ୍ରୀଙ୍କ ଆତ୍ମହୁତି ଘଟଣା । ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ କରିବ କ୍ରାଇମବ୍ରାଞ୍ଚ, ଘଟଣା ଉପରୁ ହଟିବ ପରଦା । ସବୁ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ହେବ । ▶▶ପୃଷ୍ଠା ୭

## ସୌମ୍ୟାଶ୍ରୀଙ୍କ ବାପାଙ୍କ ସହ କଥା ହେଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୧୬/୭ : ସୌମ୍ୟାଶ୍ରୀଙ୍କ ବାପାଙ୍କ ସହ କଥା ହେଲେ କଂଗ୍ରେସ ସାଂସଦ ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଆଜି ସକାଳେ ରାହୁଲ ଫୋନ୍ ଯୋଗେ କଥା ହୋଇଥିବା କହିଛନ୍ତି ସୌମ୍ୟଶ୍ରୀଙ୍କ ବାପା ବଳରାମ ବିଶି । ▶▶ପୃଷ୍ଠା ୭



## ବୋକାରୋରେ ପୋଲିସ-ନକ୍ସଲ ମୁହାଁମୁହିଁ: ଜଣେ ନକ୍ସଲ ନିହତ

ରାଂଚି, ୧୬/୭ ବୋକାରୋ ଜିଲ୍ଲାର ଜାଗେଶ୍ୱର ବିହାର ଥାନା କ୍ଷେତ୍ରରେ ଲୁଗୁ ପାହାଡ଼ର କାଶୀଟାଣ୍ଡ ଜଙ୍ଗଲରେ ବୁଧବାର ସକାଳେ ପୁଲିସ ଓ ନକ୍ସଲ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏହି ସମୟରେ ପୁଲିସ ଜଣେ ନକ୍ସଲକୁ ଗୁଳି କରି ମାରିଛନ୍ତି। ଗୁଳି ବିନିମୟରେ କୋବ୍ରା ବାଟାଲିୟନର ଜଣେ ଯବାନ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ଏୟାରଲିଫ୍ଟ କରି ରାଞ୍ଚିକୁ ନିଆଯାଉଛି। ବର୍ତ୍ତମାନ ଉଭୟ ପକ୍ଷରୁ ରହି ରହି ଗୁଳି ବିନିମୟ ଜାରି ରହିଛି । ବୋକାରୋ ଏସ୍‌ପି ହରବିନ୍ଦର ସିଂହ କହିଛନ୍ତି ଯେ ଝୁମରା ଓ ଲୁଗୁ ପାହାଡ଼ ମଧ୍ୟରେ ଗୁଳି ବିନିମୟ ଘଟିଛି। ବର୍ତ୍ତମାନ ରହି ରହି ଗୁଳି ବିନିମୟ ହେଉଛି। ନେଟୱାର୍କ ଅଭାବରୁ ତଥ୍ୟ ପହଁଚିବାରେ ବିଳମ୍ବ ହେଉଛି। ସର୍ଚ୍ଚ ଅଭିଯାନ ପରେ ଗୁଳି ବିନିମୟର ପ୍ରକୃତ ପରିସ୍ଥିତି ବିଷୟରେ ଜଣାପଡିବ । ଏହି ଗୁଳିବିନିମୟ ସେହି ପାହାଡ଼ ଉପରେ ହେଉଛି, ଯେଉଁଠି ଏପ୍ରିଲ ମାସରେ ଏକ କୋଟି ଟଙ୍କା ଇନାମ ଥିବା ନକ୍ସଲ ସହିତ ମୋଟ ଆଠଜଣ ନକ୍ସଲ ନିହତ ହୋଇଥିଲେ ।

## ରାଜ୍ୟ କ୍ୟାବିନେଟ୍‌ରେ ୧୩ଟି ପ୍ରସ୍ତାବକୁ ମଂଜୁରୀ

ଭୁବନେଶ୍ୱର, ୧୬/୭ (ନି.ପ୍ର): ରାଜ୍ୟ ସରକାର କ୍ୟାବିନେଟ୍‌ରେ ଆଜି ୧୩ଟି ପ୍ରସ୍ତାବ ଉପରେ ମୋହର ମାରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୧ଟି ବିଭାଗର ୧୩ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସ୍ୱରାଷ୍ଟ୍ର, ସ୍ୱାସ୍ଥ୍ୟ, ଶକ୍ତି, ରାଜସ୍ୱ , ଗୃହ ନିର୍ମାଣ, ଗଣଶିକ୍ଷା ଆଦି ବିଭାଗରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ କ୍ୟାବିନେଟ୍ ବୈଠକରେ ଆଲୋଚନା ହୋଇଥିଲା। ଆଦର୍ଶ ବିଦ୍ୟାଳୟର ମାସିକ ରେଣ୍ଟକୁ ସରକାର ମୁକ୍ତ କରିଛନ୍ତି। ଆଉ



ଛାତ୍ରଛାତ୍ରୀଙ୍କୁ ଦେୟ ଦେବାକୁ ହେବନାହିଁ। ଏଥିପାଇଁ ୫ ବର୍ଷରେ ୩୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଛାତ୍ରଛାତ୍ରୀ ପୂର୍ବରୁ ମାସିକ ୨ ହଜାର ଟଙ୍କା ରେଣ୍ଟ୍ ଦେଉଥିଲେ। ରାଜ୍ୟ ସରକାର କ୍ୟାବିନେଟ୍ ବୈଠକରେ ବଡ଼ ନିଷ୍ପତ୍ତି ନେଇଛନ୍ତି। ସରକାର ଆଦର୍ଶ ବିଦ୍ୟାଳୟରେ ରେଣ୍ଟ ମୁକ୍ତ କରିଛନ୍ତି। ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଆଉ ମାସିକ ଦେୟ ଦେବାକୁ ପଡ଼ିବ ନାହିଁ। ଏଥି ପାଇଁ ସରକାର ୫ ବର୍ଷରେ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବେ। ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଆଇନରେ କିଛି ପରିବର୍ତ୍ତନ ଆଣିଛନ୍ତି। ସ୍ଥାୟୀ କୁଳପତି ନିଯୁକ୍ତି ପର୍ଯ୍ୟନ୍ତ ଭାରପ୍ରାପ୍ତ କୁଳପତିଙ୍କୁ କ୍ଷମତା ପ୍ରଦାନ କରିବେ। ରାଜ୍ୟ ସରକାର ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ବିଭାଜନ କରିଛନ୍ତି। ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲା ଘୋଷଣା ହୋଇଛି। ରାଇରଂଗପୁର ପୁଲିସ ଜିଲ୍ଲାରେ ରହିବ ୨ଟି ଏସ୍‌ଡିପିଓ। ରାଇରଂଗପୁର, କରଂଜିଲ୍ଲାରେ ରହିବେ ଏସ୍‌ଡିପିଓ। ରାଇରଂଗପୁର ପୁଲିସ ଜିଲ୍ଲାରେ ▶▶ପୃଷ୍ଠା ୭

## ସୀମା ଡେଇଁଲା ବାର୍ଡ ଫ୍ଲୁ: ପିପିଲି ପରେ କେନ୍ଦ୍ରାପଡ଼ା ଡେରାବିଶରେ କୁକୁଡା ମଡ଼କ

ଭୁବନେଶ୍ୱର, ୧୬/୭ (ନି.ପ୍ର): ପୁରୀ ପରେ ଏବେ କେନ୍ଦ୍ରାପଡ଼ାକୁ ଡେଇଁଲାଣି ବାର୍ଡ ଫ୍ଲୁ । ଭୂତାଣୁ ଚିହ୍ନଟ ପରେ ଆରମ୍ଭ ହୋଇଛି କୁକୁଡ଼ାମରା ଅଭିଯାନ । ଡେରାବିଶ ଗୋଲାର ହାଟ ଅଞ୍ଚଳର କୁକୁଡ଼ା ଚାଷୀ ପ୍ରଭାକର ଲେଙ୍କାଙ୍କ ଫାର୍ମରେ ମରିଛନ୍ତି ଶହ ଶହ କୁକୁଡ଼ା । ଗତ ୩ରୁ ୪ ଦିନରେ ମଲେଣି ୮୦୦ କୁକୁଡ଼ା । ଯାହାକୁ ନେଇ ଆତଙ୍କରେ ଚାଷୀ । ଖବର ପାଇ ୭ ଜଣିଆ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ ପରେ ନମୁନା ସଂଗ୍ରହ କରିଛନ୍ତି । କାହିଁକି ଏତେ ସଂଖ୍ୟାରେ କୁକୁଡ଼ା ମରୁଛନ୍ତି, ତାହା ଅନୁଧ୍ୟାନ କରିଛି ଟିମ୍ । ଏପଟେ ପୁରୀ ଜିଲ୍ଲାରେ ଭୟ ବଢ଼ାଇଲାଣି ବାର୍ଡ ଫ୍ଲୁ । ଡେଲାଙ୍ଗ ପରେ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଫାର୍ମରେ ହଜାର ହଜାର ସଂଖ୍ୟାରେ କୁକୁଡ଼ା ମରି ପଡ଼ିଥିବା ଦେଖିବାକୁ ମିଳିଛି । ବାରମ୍ବାର କୃଷ୍ଣପ୍ରସାଦ ବ୍ଲକରେ କୁକୁଡ଼ା ମଡ଼କ ଲାଗି ରହିଥିବାରୁ ରକ୍ତ, ନାଳ, ମୂତ୍ର ପରୀକ୍ଷା କରିବା ପାଇଁ ଚାଷୀ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଚିଲିକା ବିଦେଶୀ ପକ୍ଷୀଙ୍କ ଆଗମନ ସ୍ଥଳୀ ହୋଇଥିବାରୁ ବାର୍ଡ ଫ୍ଲୁ'ର ଭୟ ପକ୍ଷୀପ୍ରେମୀଙ୍କୁ ଚିନ୍ତାରେ ପକାଇଛି । ଅନ୍ୟପଟେ ଡେଲାଙ୍ଗରେ ପିଛା ଛାଡୁନି କୁକୁଡ଼ା ଚାଷୀଙ୍କ ଦୁଃଖ । ପ୍ରତିଦିନ ବିଭିନ୍ନ ଫାର୍ମରେ ଶହ ଶହ କୁକୁଡ଼ା ମରୁଥିବା ବେଳେ ପିପିଲି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ କୌଣସି ପଦକ୍ଷେପ ନେଉନଥିବା ଚାଷୀମାନେ ▶▶ପୃଷ୍ଠା ୭

# ଜୁନାଗଡ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

ଭବାନୀପାଟଣା, ୧୬/୦୭ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୪୩ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୨୭ ଗୋଟି ଓ ସାମୂହିକ ୧୩ ଗୋଟି ରହିଥିବା ବେଳେ ୦୬ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଭତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଅବକାରୀ, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ପୂର୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର ?ୟକାରୀ ହେବାକୁ ଥିବା ସମ୍ପର୍କିତ ସମସ୍ତ ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ( ପ୍ରବେଶନ) ଅନିମେସ ପ୍ରଧାନ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଧର୍ମଗଡ଼, ଅଜୟ କୁମାର ତିର୍କୀ, ବ୍ଲକ ଅଧକ୍ଷକ୍ଷ ସବିତା ମେହେର, ବିଡିଓ, ଦେବାଶିଷ କର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା କିଶୋର କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ବେକରେ ଫାଶି ଲଗାଇ ଫାଇନାନ୍ସ କର୍ମଚାରୀ ମୃତ : ଧର୍ମଶାଳା ପୋଲିସର ତଦନ୍ତ ଜାରି

ଧର୍ମଶାଳା, ୧୬/୦୭ (ନି.ପ୍ର): ଯାଜପୁରରେ ଅଘଟଣ । ବେକରେ ଫାଶି ଲଗାଇ ଯୁବ ଫାଇନାନ୍ସ କର୍ମଚାରୀଙ୍କ ମୃତ । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ନିକଟସ୍ଥ ଏକ ଭଡା ଘରୁ ବନ୍ଦ କୋଠରୀରୁ ମୃତ ଦେହ ଉଦ୍ଧାର ହୋଇଛି । ମୃତକ ଜଣକ ହେଲେ କଟକ ଜିଲା ଗୋବିନ୍ଦପୁର କନ୍ଦଳ ଗ୍ରାମର ମହେଶ୍ୱର ମହାରଣାଙ୍କ ପୁଅ ରାକେଶ (୩୧) ବୋଲି ଜଣାପଡିଛି । ରାକେଶ ଦେଢ ବର୍ଷ ହେବ ଚଣ୍ଡିଖୋଲସ୍ଥ ମୁଥୁଟ ମାଇକ୍ରୋ ଫାଇନାନ୍ସ କମ୍ପାନୀରେ କ୍ରେଡିଟ୍ ଫାଇନାନ୍ସ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ । ଏହି ଭଡା ଘରେ ୨ ଜଣ କର୍ମଚାରୀଙ୍କ ସହ ରହି ଆସୁଥିଲେ । ତେବେ ଆଜି ଝୁଲନ୍ତା ଅବସ୍ଥାରେ ବନ୍ଦ କୋଠରୀରୁ ମୃତକୁ ନେଇ ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । କେଉଁ ପରିସ୍ଥିତ ଓ କେଉଁ କାରଣରୁ ସେ ଏଭଳି ଚରମ ନିସ୍ପତି ନେଲେ, ଯାହାକୁ ନେଇ ସମସ୍ତଙ୍କୁ ଦ୍ୱନ୍ଦରେ ପକାଇ ଦେଇଛି । ସୂଚନା ମୁତାବକ, ରାକେଶ ଦେଢ ବର୍ଷ ହେବ ଏହି ଫାଇନାନ୍ସ କମ୍ପାନୀରେ କାମ କରି ଆସୁଥିଲେ । ସେ ଏବଂ ତାର ଅନ୍ୟ ୨ଜଣ କମ୍ପାନୀ କର୍ମଚାରୀଙ୍କ ସହ ଚଣ୍ଡିଖୋଲରେ ଏକ ଭଡା ଘରେ ରହି ଆସୁଥିଲେ । ତେବେ ଗତକାଲି ରାତିରେ ୨ ଜଣ ସହକର୍ମୀ ଘରକୁ ଆସିଥିଲେ । ହେଲେ ଘର ଭିତରୁ ବନ୍ଦ ରହିଥିଲା । ବାରମ୍ବାର ଡାକିବା ଫଳରେ ସେ କବାଟ ଖୋଲି ନ ଥିଲେ । ଯାହାକି ବହୁ ସମୟ ଅପେକ୍ଷା ପରେ ସେମାନଙ୍କୁ ସନ୍ଦେହ ହୋଇଥିଲା । ଯାହାକୁ ନେଇ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପଂହଚି କବାଟ ଭାଙ୍ଗି ଘର ଭିତରୁ ଏକ ଫ୍ୟାନରେ ଝୁଲୁ ଥିବା ଅବସ୍ଥାରେ ମୃତ ଦେହକୁ ଉଦ୍ଧାର କରିଥିଲା । ପୋଲିସ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଜାରି ରଖିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଶବ ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ଦିଆଯାଇଥିବା ଜଣାପଡିଛି ।

## ଫୈଜାନେ କଞ୍ଜୁଲ ଇମାନରେ ଚାରା ରୋପଣ

ଭଦ୍ରକ, ୧୬/୦୭ (ନି.ପ୍ର): ଭଦ୍ରକ ଆର.ଏମ.ସି. ମାର୍କେଟ ସ୍ଥିତ ଦ୍ୱାତେ ଇସଲାମୀ ଇଣ୍ଡିଆ ପକ୍ଷରୁ ମଦରସା ଜମିଆତୁଲ ମଦିନା ଫୈଜାନେ କଞ୍ଜୁଲ ଇମାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମଦରସାର ଅଧକ୍ଷ ସୈୟଦ ମକବୁଲ ସାହେବ ଚାରା ରୋପଣ ଶୁଭାରମ୍ଭ ଓ ମଦରସା ର ଛାତ୍ରମାନଙ୍କ ଦ୍ୱାରା ଏକ ପଦଯାତ୍ରା ବାହାରି ପୁରୁଣା ବଜ଼ାର ପରିକ୍ରମା କରି ପୁଣି ମଦରସା କୁ ଫେରିବା ସହିତ ବୃକ୍ଷରୋପଣ ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନା ବାର୍ତା ଦେଇଥିଲେ । ଏବଂ ଚାରା ଲଗାଓ ଗଛ ବଡାଓ ସ୍ଲୋଗାନ ମଧ ଲଗାଇଥିଲେ । ପରିବେଶର ସୁରକ୍ଷା ପାଇଂ ପ୍ରତ୍ୟେକ ପରିବାର ଚାରା ରୋପଣ ପାଇଂ ପରାମର୍ଶ ଦେଇଥିଲେ । ମଦରସା ର ଛାତ୍ରମାନେ ମଦରସାରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ । ଏବଂ ଜନସାଧାରଣଙ୍କୁ ମଧ ଚାରା ବାଂଟିଥିଲେ । ମଦରସା ଜମିଆତୁଲ ମଦିନା ଫୈଜାନେ କଞ୍ଜୁଲ ଇମାନର ଶିକ୍ଷକ ଶେଖ ଜାବିର , ସାବିର ଅତାରି ପ୍ରମୁଖ ଚାରା ରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅବିଭକ୍ତ ବ୍ରହ୍ମବରଦାରେ ସୁଧୁରୁନି ଟ୍ରାଫିକ୍ ସମସ୍ୟା : ଜବର ଦଖଲ ଉଚ୍ଛେଦ ହେବ

ଧର୍ମଶାଳା, ୧୬/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଏକ ବ୍ୟବସାୟ ପ୍ରତିଷ୍ଠାନଭାବେ ବେଶ୍ ପରିଚିତ । ଜିଲାର କେନ୍ଦ୍ର ବିନ୍ଦୁ । ବରୁହାଁ ବାଲିଚନ୍ଦ୍ରପୁର ଏବଂ ଜାରକା- ବ୍ରହ୍ମବରଦାକୁ ସଂଯୋଗ କରୁଛି । ଏହି ଅଂଚଳକୁ ଦୈନନ୍ଦିନ ଶହଶହ ଜନସାଧାରଣ ଓ ବ୍ୟବସାୟୀମାନେ ନିର୍ଭର କରନ୍ତି । ଏହା ସହିତ ବ୍ରହ୍ମବରଦାରେ ୧୦ରୁ ଉର୍ଦ୍ଧ ସରକାରୀ ଓ ବେସରକାରୀ ବିଦ୍ୟାଳୟ ,୨ଟି ମହାବିଦ୍ୟାଳୟ, ୩ଟି ରାଷ୍ଟାୟତ ବ୍ୟାଙ୍କ ଓ ୩ଗୋଟି ଘରୋଇ ଫାଇନାସ୍ କମ୍ପାନୀ ସହ ବହୁ ପ୍ରତିଷ୍ଠିତ ବ୍ୟବସାୟ କେନ୍ଦ୍ର ରହିଛି । ବ୍ୟାଙ୍କଛକ, ପୁରୁଣା ଫାଣ୍ଡିଛକ, ତାରିଣୀଛକ ,ମଙ୍ଗଳା ମାର୍କେଟ ଓ ଦୂର୍ଗାଛକ ସହ ମହେଶ୍ୱରପୁର ପଂଚାୟତର ଚାନ୍ଦପୁର ଓ ବମ୍ଭେଛକ ରହିଛି । ଏହି ସ୍ଥାନକୁ ସକାଳ ଓ ସନ୍ଧ୍ୟାରେ ନାହିଁ ନ ଥିବା ଭିଡ ଜମି ଥାଏ । ଫଳରେ ସକାଳ ୯ଟାରୁ ୧୦ଟା ଓ ପୂର୍ବାହ୍ନ ୪ ବେଳେ ଭିଡ ଜମିବା ହେତୁ ସ୍କୁଲ କଲେଜରୁ ଫେରୁଥିବା ଛାତ୍ରଛାତ୍ରୀମାନେ ଘଂଟା ଘଂଟା ଜାମରେ ଫଶି ରହୁଛନ୍ତି । ଅନ୍ୟ ପକ୍ଷରେ ବ୍ୟବସାୟୀମାନେ ନିଜ ନିଜ ପ୍ରତିଷ୍ଠାନ ଗୁଡିକୁ ମୁଖ୍ୟ ରାସ୍ତାକୁ ବଢାଇ ଦେଇଥିବା ବେଳେ ଆସୁଥିବା ଗ୍ରାହକମାନେ ଜିନିଷ କିଣାକିଣି ସମୟରେ ଗାଡିଗୁଡିକୁ ରାସ୍ତା ଉପରେ ରଖିବାକୁ ବାଧ୍ୟ ହେଉଛନ୍ତି । ସେପଟେ କିଛି ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜମିରେ ଘର ଓ ଅସ୍ଥାୟୀ ଦୋକାନ ଗୃହ ନିର୍ମାଣ କରିଛନ୍ତି । ଫଳରେ ଯାତାୟତ ସମୟରେ ମଧ୍ୟ ଆମ୍ବୁଲାନ୍ସ ଓ ବାଇକରେ ଯାଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହଉଛନ୍ତି । ସେପଟେ ଥାନାରେ ଆବଶ୍ୟକୀୟ କର୍ମଚାରୀ ଅଭାବରୁ ବିଭିନ୍ନ ଛକମାନଙ୍କରେ ପାଟ୍ରୋଲିଂ କରିବା ସମ୍ଭବ ହେଉ ନ ଥିବା ଜଣାପଡିଛି । ବେଆଇନ ଜବର ଦଖଲକୁ ନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ । ଜିଲା ପ୍ରଶାସନ ସ୍ୱତନ୍ତ୍ରଭାବେ ଏହି ଅଂଚଳ ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ନିକଟରେ ବ୍ରହ୍ମବରଦା ତାରିଣୀଛକଠାରୁ ମହେଶ୍ୱରପୁର ପଂଚାୟତ ବ୍ରାହ୍ମଣୀ ସେତୁ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡରେ ସରକାରୀ ଜମିକୁ ଚିହ୍ନଟ କରାଯାଇ ଜବର ଦଖଲ ଉଚ୍ଛେଦ ହେବ ବୋଲି ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରା ତାଙ୍କ ପତିକ୍ରୀୟାରେ କହିଛନ୍ତି ।

# ଚନ୍ଦନଭାଟି ପେକ୍ସରେ ପ୍ରଥମ ଥର ଲାଗି ତୈଳ ଜାତୀୟ ବୀଜ କ୍ରୟର ଶୁଭାରମ୍ଭ

ବଲାଙ୍ଗିର, ୧୬/୦୭ (ନି.ପ୍ର): ଓଡିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ଲିଃ. ଓ ଆଂଚଳିକ କ୍ଷେତ୍ର ପରିଚାଳକ ମାର୍କଫେଡ୍, ବଲାଙ୍ଗୀରଙ୍କ ଦ୍ୱାରା ବଲାଙ୍ଗୀର ଜିଲ୍ଲାର ଚନ୍ଦନଭାଟି ପେକ୍ସରେ ପ୍ରଥମ ଥାର ଲାଗି ତୈଳ ଜାତୀୟ ବୀଜ କ୍ରୟର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର ପବିତ୍ର କୁମାର ବେହେରା ଯୋଗଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବାବୁଲି ଚରଣ ସେଠି, ଡିଆରସିଏସ ପ୍ରମୋଦ କୁମାର ବରିହା, ଏଡିଓ ବଡ ପଣ୍ଡା, ଏଆରସିଏସ ଜାଭିୟର ସରେନ, ଏରିଆ ମେନେଜେର ମାର୍କଫେଡ଼ ରାଜେଶ କୁମାର ପଣ୍ଡା, ଚନ୍ଦନଭାଟି ସମିତି ସଭ୍ୟା ସଂଗୀତା ପାଣିଗ୍ରାହୀ, ସରପଂଚ ପଙ୍କଜିନୀ ସାହୁ ପ୍ରମୁଖ ମଂଚାସୀନ ଥିଲେ । ବଲାଙ୍ଗୀର ଜିଲ୍ଲାର ୨୯ଟି ପେକ୍ସ ମାଧମରେ ଜିଲ୍ଲାରେ ୩୧୮୦ କୁଇଂଟାଲ ମୁଗ, ୪୧ କୁଇଂଟାଲ ବିରି, ୨୩୪ କୁଇଂଟାଲ ଚିନାବାଦାମ କ୍ରୟ ପାଇଁ ପଞ୍ଜିକରଣ କରାଯାଇଅଛି । ଆଜିର ଏହି କାର୍ଯ୍ୟକ୍ରମରେ ଚନ୍ଦନଭାଟି ପେକ୍ସ ଦ୍ୱାରା ୧୯୯ କୁଇଂଟାଲ ମୁଗ କ୍ରୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଜନା ଅଧିକାରୀ ସୁଧାକର ନନ୍ଦ, ବ୍ଲକ କୃଷି ଅଧିକାରୀ ବିଶ୍ୱଜିତ ପାଟଯୋଶୀ, ସହାୟକ କୃଷି ଅଧିକାରୀ ସୁଜାତା ଛତ୍ରିଆ ତଥା ଚନ୍ଦନଭାଟିର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଗ୍ରାମବାସୀ, ଚନ୍ଦନଭାଟି ପେକ୍ସର କର୍ମଚାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

# କଳାହାଣ୍ଡି ଜିଲ୍ଲାରେ ବିଶ୍ୱ ଯୁବ କୌଶଳ ଦିବସ ପାଳିତ

ଭବାନୀପାଟଣା, ୧୬/୦୭ (ନି.ପ୍ର): ବିଶ୍ୱ ଯୁବ କୌଶଳ ଦିବସ ଅବସରରେ ମାଇ ଭାରତ କଳାହାଣ୍ଡି, ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟ ଓ ଜନ ଶିକ୍ଷଣ ସଂସ୍ଥାନ, କଳାହାଣ୍ଡି ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସଂଯୁକ୍ତ ପଦକ୍ଷେପରେ ସମ୍ପ୍ରସାରଣ ତାଲିମ କେନ୍ଦ୍ର, ଭବାନୀପାଟଣା ଠାରେ ବିଶ୍ୱ ଯୁବ କୌଶଳ ଦିବସ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଯୁବ ପିଢିକୁ ବୃତିମୂଳକ କୌଶଳ ମାଧମରେ ସ୍ୱାବଲମ୍ବନ ଓ ନିଜ ଭବିଷ୍ୟତ ଗଢିବା ପାଇଁ ପ୍ରୋତ୍ସାହନ ଦେବା। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗଦେଇ ସେ ନିଜ ଉଦ୍‌ବୋଧନରେ ଯୁବ ଶକ୍ତିର ସଠିକ୍ ଦିଗନିର୍ଦ୍ଦେଶ ଓ ଦକ୍ଷତା ବିକାଶ ଉପରେ ଜୋର ଦେଇ କହିଥିଲେ, "ଯୁବକ ମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଯଦି ସଠିକ୍ ପ୍ରଶିକ୍ଷଣ ଓ ଅବସର ମିଳିଥାଏ, ତେବେ ସେମାନେ ଜୀବନରେ ଆଗକୁ ବଢ଼ିପାରିବେ।" ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ସିଆରପିଏଫ ୬୪ବିଏନ ର ଡେପୁଟି କମାଣ୍ଡାଂଟ ସଚିଦାନନ୍ଦ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁବ୍ରତ କୁମାର ତ୍ରିପାଠୀ ଓ ମାଇ ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ଯୋଗଦେଇ ଦିବସପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ୧୦୦ ଯୁବ ଲାଭାନ୍ୱିତଙ୍କୁ ତାଲିମ ପରେ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ସାର୍ଟିଫିକେଟ୍ ସେମାନଙ୍କୁ କୌଶଳ ଅଧାରିତ ଚାକିରି କିମ୍ବା ଉଦ୍ୟମିତା ଯାତ୍ରାରେ ଏକ ମଜବୁତ ସ୍ରୋତ ହେବ। ଏଥିରେ ମଂଚ ପରିଚାଳନା କରିଥିଲେ ଆର୍ଯ୍ୟ ନାୟକ, କାର୍ଯ୍ୟକ୍ରମର ଶେଷରେ କ୍ଷୀରମଣୀ କୁମ୍ଭାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମର୍ପିତ ଭାବେ ନିଜ ସେବା ଦେଇଥିଲେ ସ୍ୱେଚ୍ଛାସେବୀ ଶମ୍ଭୁ ବିଶି, ଚୁଡାମଣି ମାଝି, ରାଜବୀର ବାଗ୍, ଦୀପକ ବେହେରା, ଅଭିଷେକ୍ ମହାପାତ୍ର, ଅମ୍ବେ ପ୍ରସାଦ ପ୍ରଦାନି, ଲିପାମଣୀ ନାଗ, ପଂକଜିନୀ ମାଝି, ଭୀଷ୍ମ ବାଗ ଓ ଶାଶ୍ୱତୀ ରଥ।

# ଜିଲ୍ଲା ସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ ଅନୁଷ୍ଠିତ

ପୁରୀ, ୧୬/୦୭ (ନି.ପ୍ର): ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଜିଲ୍ଲା ସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ ଆଜି ପୂର୍ବାହ୍ନରେ ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା ତଥା ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ ଚଂଚଳ ରାଣା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଆଇନ ରେ ରହିଥିବା ବ୍ୟବସ୍ଥା ଆଧାର ରେ ସେମାନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସେମାନଙ୍କ ପ୍ରତି ନିର୍ଯ୍ୟାତନା କ୍ଷେତ୍ରରେ ସହାୟତା, ଇଂଟର କାଷ୍ଟ ବିବାହ କ୍ଷେତ୍ରରେ ସହାୟତା ଇତ୍ୟାଦି ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅନେକ ସମୟରେ ମାମଲା ଗୁଡିକ ର ସତ୍ୟତା ଉପରେ, ଜାତି ଗତ ପ୍ରମାଣ ପତ୍ର ସମ୍ପର୍କରେ ମଧ ପ୍ରଶ୍ନ ଉଠିଥାଏ। ତେଣୁ ଯୁଗ୍ମ ତଦନ୍ତ ସମୟରେ ସଠିକ ଭାବେ ଏହାର ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ବ୍ୟାପକ ସଚେତନତା ମାଧ୍ୟମରେ ହିତାଧିକାରୀଙ୍କୁ ଅବଗତ କରାଇବା, ମାମଲା ଗୁଡିକ ର ସଠିକ ଅନୁଧ୍ୟାନ କରିବା, ସାହାଯ୍ୟ କରୁଥିବା ନାମରେ ଫାଇଦା ନେବାକୁ ଚାହୁଁ ଥିବା କିଛି ବ୍ୟକ୍ତି ଙ୍କ ସମ୍ପର୍କରେ ତଦନ୍ତ ସହ ସତ୍ୟ ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଷତିଗ୍ରସ୍ତ ବ୍ୟକ୍ତି ଙ୍କୁ ଆର୍ଥିକ ସହାୟତା କ୍ଷେତ୍ରରେ ପୂର୍ବରୁ ଅଫ ଲାଇନରେ ଆବେଦନ କରିବାକୁ ପଡୁଥିଲା ବେଳେ ୧୨ ୧୦ ୨୦୨୨ ତାରିଖ ଠାରୁ ଅନଲାଇନ ସାକାର ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି। ଏହି ବ୍ୟବସ୍ଥା ରେ ୨୦୨୩ ରେ ୪୪ ଗୋଟି, ୨୦୨୪ରେ ୩୬ ଗୋଟି ଓ ୨୦୨୫ର ଜୁଲାଇ ୧୧ ପର୍ଯ୍ୟନ୍ତ ଗୋଟିଏ ଏହିଭଳି ୮୧ଟି ମାମଲାରେ ୧୦୬ ଜଣଙ୍କୁ ୧,୧୮,୬୨,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୮୩୪ ଟି ମାମଲା ମଧ୍ୟରୁ ଯୁଗ୍ମ ତଦନ୍ତ ମାଧମରେ ୭୧୮ ର ତଦନ୍ତ ଶେଷ ହୋଇ ଥିବା ବେଳେ ୧୧୬ ଟି ବକେୟା ରହିଛି। ଇଣ୍ଟର କାଷ୍ଟ ବିବାହ କ୍ଷେତ୍ରରେ ୨୦୨୩-୨୪ ଠାରୁ ଚଳିତ ବର୍ଷ ଜୁଲାଇ ୧୧ ପର୍ଯ୍ୟନ୍ତ ୩୪୧ ଜଣ ଦମ୍ପତି ଉପକୃତ ହୋଇ ୮,୧୯,୫୦, ୦୦୦ ଟଙ୍କା ପ୍ରାପ୍ତ ହୋଇଛନ୍ତି। ଏହି ଅର୍ଥ ସେମାନଙ୍କ ଆକାଉଂଟକୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ ପି ସଚିନ ପଟେଲ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, କମିଟିର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି କାର୍ଯ୍ୟସୂଚୀ ଅନୁସାରେ ତଥ୍ୟ ପ୍ରଦାନ କରିଥିଲେ।

# ଜିଲ୍ଲା ଚିକିତ୍ସାଳୟରେ ମାରପିଟ ମାମଲା : ୨ ଗିରଫ

ଜୟପୁର, ୧୬/୦୭ (ନି.ପ୍ର): ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ଶିଶୁ ବିଭାଗ ଓ୍ୱାର୍ଡରେ ଗତ ସୋମବାର ରାତି ୪ଜଣ ଦୁର୍ବୃତ କାର୍ଯ୍ୟରତ ସୁରକ୍ଷାକର୍ମୀ ଓ ୪ର୍ଥ ଶ୍ରେଣୀ କର୍ମଚାରିଙ୍କୁ ମାରପିଟ କରିବା ଓ ମହିଳା ନର୍ସଙ୍କୁ ଦୁଃବ୍ୟବହାର କରିଥିବା ନେଇ ଜୟପୁର ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ରେ ଦୁଇ ଅଭିଯୁକ୍ତ କୁ ଗିରଫ କରିଛି ପୋଲିସ ଓ ଗିରଫ ଅଭିଯୁକ୍ତ ମାନେ ହେଲେ ଉମୁରୀ ଗ୍ରାମର ସୁରଜ ଖୋସଲା ଓ ସୁରଜ ବାଘ । ଅଭିଯୋଗ ପରେ ସଦର ପୁଲିସ ସିସିଟିଭି ଯାଂଚ କରି ଦୁର୍ବୃତ ମାନଙ୍କୁ ଚିହ୍ନଟ କରି ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ଗତ ସୋମବାର ରାତି ସାଢେ ୧୧ଟା ସମୟରେ ଜଣେ ନାବାଳିକା ରୋଗୀ ଚିକିତ୍ସାଳୟକୁ ଆସିଥିଲେ। ଏହିପରି ଉପସ୍ଥିତ ନର୍ସ ମାନେ ସସ୍ପୃକ୍ତା ନାବାଳିକା ରୋଗୀକୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସାଲାଇନ ପ୍ରଦାନ କରିଥିଲେ। ହଠାତ ଜଣେ ଯୁବକ ମାତାଲ ଅବସ୍ଥାରେ ପହଁଚି ନାବାଳିକାଙ୍କ ସାଲାଇନ ବାହାର କରିବାକୁ ଲାଗିଥିଲା। ଏହିପରି ସୁରକ୍ଷାକର୍ମୀ ଦୁର୍ବୃତକୁ ଅଟକାଇ ବାହାରକୁ ଯିବାକୁ କହିଥିଲେ। ଦୁର୍ବୃତ ଜଣକୁ ବାହାରକୁ ଯାଇ ଅନ୍ୟ ୩ଜଣ ଦୁର୍ବୃତଙ୍କୁ ଡାକିଆଣିଥିଲେ। ୪ଜଣ ଦୁର୍ବୃତ ଡାକ୍ତରଖାନାରେ ଥିବା ନର୍ସ ଏବଂ ପିତବାସ ଚାଲାଣ ନାମକ ଜଣେ ୪ର୍ଥ ଶ୍ରେଣୀ କର୍ମଚାରିଙ୍କୁ ମାଡ ମାରିଥିଲେ। ସେଠାରେ ଦାୟୀତ୍ୱରେ ଥିବା ୩ଜଣ ନର୍ସଙ୍କୁ ଗାଳିଗୁଲଜ କରିବା ସହ ଦୁଃବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିନେଇ କର୍ମଚାରୀ ମାନେ ନିଜର ସୁରକ୍ଷା ପାଇଁ ଗତ ରବିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକଙ୍କୁ ଲିଖିତ ଭାବେ ଜଣାଇବା ପରେ ଅଧିକ୍ଷକ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ମାଲକାନଗିରି, ୧୬/୦୭ (ନି.ପ୍ର): ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଚାଲାଣ ଗୁଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସର ମଧ୍ୟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଦବର ପ୍ରଧାନ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ମାନୀତ ଅତିଥି ଅଶୋକ କୁମାର ଷଡ଼ଙ୍ଗୀ (ପୂର୍ବତନ ଅଧକ୍ଷ, ମାଲକାନଗିରି ମହାବିଦ୍ୟାଳୟ), ସବୁଜ ବାହିନୀ ଅଧିକାରୀ ତଥା ସମ୍ମାନୀତ ଅତିଥି ଡକ୍ଟର ରଞ୍ଜନ କୁମାର ସ୍ୱାଇଁ (ବାଣିଜ୍ୟ ବିଭାଗ, ମାଲକାନଗିରି ମହାବିଦ୍ୟାଳୟ) ଯୋଗ ଦେଇ ବୃକ୍ଷ ରୋପଣ ଏକ ମହାନ କର୍ମ, ପିଲାଟିଏ ଗଛଟିଏ, ଏକ ପେଡ ମାଆ କେ ନାମ, ଗଛ ବଂଟିଲେ ଆମେ ବଂଚିବା ଭଳି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ତତ୍ପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଆମ୍ବ, ପଣସ, ଅଁଳା, କରଞ୍ଜ, ଲିମ୍ବ, କାଜୁ ଓ ସଜନା ଭଳି ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ୩୦୦ ରୁ ଅଧିକ ଛାତ୍ରଛାତ୍ରୀ ଓ ୫୦ ରୁ ଉର୍ଦ୍ଧ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ଏନ.ସି.ସି. ସଂଯୋଜକ ମହେଶ (ହିନ୍ଦୀ ଶିକ୍ଷକ) କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ।

# ଭାରସମ୍ୟ ହରାଇ ଆଇଚର ଦୁର୍ଘଟଣା : ଚାଳକ ଆହତ

କୋରେଇ, ୧୬/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଂଗଡା ବ୍ରିଜ ନିକଟରେ ଆଜି ସକାଳୁ ଏକ ଆଇଚର ଟ୍ରକ ଭାରସମ୍ୟ ହରାଇ ଡିଭାଇଡର ଉପରେ ପିଟିହୋଇ ଦୁର୍ଘଟଣାର ଶିକାର ହେବା ସହ ଚାଳକ ଆହତ ହୋଇଛନ୍ତି। ପ୍ରକାଶଯେ କଟକ ଟାଂଗିରୁ ସିମେଂଟ ବୋଝେଇ କରି ଏକ ଆଇଛର ଟ୍ରକ ( ଓଡି୨୩ଜି ୭୬୯୯) କେନ୍ଦୁଝର ଜିଲ୍ଲା ଛେନାପତି ଅଭିମୁଖେ ଆସୁଥିବା ବେଳେ ଜାତୀୟ ରାଜପଥର ସଂଗଡା ବ୍ରିଜ ନିକଟରେ ତାର ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ ଡିଭାଇଡର ଉପରେ ଚଢି ଯାଇଥିଲା । ଫଳରେ ଚାଳକ ଛତିଆ ସୋଲାର ଗ୍ରାମର ମହେଶ ପାଲ ଆହତ ହେବା ସହ ଗାଡିଟି କ୍ଷତିଗ୍ରସ୍ତ ହୋଇଥିଲା । ରାଜପଥ ପେଟ୍ରୋଲିଂଗ ଗାଡି ପହଂଚି ଚାଳକକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିଲେ ।

# ଖରସ୍ରୋତା ସରକାରୀ ଉଚ୍ଚ ବିଦ୍ୟାଳୟର ୫୨ ତମ ପ୍ରତିଷ୍ଠା ଦିବସ ପାଳିତ

କୋରେଇ, ୧୬/୦୭ (ନି.ପ୍ର): ଯାଜପୁର ବ୍ଲକ ଅନ୍ତର୍ଗତ ବେରୁଦା ପଂଚାୟତ ଜହଳସ୍ଥିତ ଖରସ୍ରୋତା ସରକାରୀ ଉଚ୍ଚ ବିଦ୍ୟ୍ୟାଳୟର ୫୨ ତମ ପ୍ରତିଷ୍ଠା ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା । କୃତୀ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମତେ ସମସ୍ତ ପୁରାତନ ଓ ବର୍ତମାନର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭା ପ୍ରଧାନ ଶିକ୍ଷକ ଅଶୋକ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ନିମନ୍ତ୍ରୀତ ଅତିଥିଭାବେ ଭରତ ଚନ୍ଦ୍ର ବେହେରା, କେଦାର ନାଥ ଭଦ୍ର, କୈଳାସ ଚନ୍ଦ୍ର ବାରିକ, ଭଗବାନ ନାୟକ, ପିତାମ୍ବର ଭଦ୍ର, ଚୈତନ୍ୟ ଚରଣ ସାହୁ, ହେମଲତା ବିଶ୍ୱାଳ, ଆର୍ତତ୍ରାଣ ସ୍ୱାଇଁ, ପ୍ରଦୀପ କୁମାର ନାୟକ, ଧରଣୀ ଧର ଭଦ୍ର, ଉତମ ଭଦ୍ର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ, କର୍ମଚାରୀ ସହଯୋଗ କରିଥିଲେ ।

# ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରି ପାଳନ କରିଛି ନିଜର ୫ମ ପ୍ରତିଷ୍ଠା ଉତ୍ସବ 'ନିର୍ମାଲ୍ୟ'

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରି ନିଜର ୫ମ ପ୍ରତିଷ୍ଠା ଉତ୍ସବ 'ନିର୍ମାଲ୍ୟ' ପାଳନ କରିଛି ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଘରୋଇ ହୋଟେଲରେ । ରବିବାର, ୧୩ ଜୁଲାଇ ସନ୍ଧ୍ୟା ୬:୦୦ ରେ ଏହି ଉତ୍ସବ ପାଳନ କରିଥିଲା ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରିର ଜନସାଧାରଣଙ୍କ ପାଇଁ ନିଜର ସହଯୋଗ ଓ ଉତ୍ସାହର ପର୍ବ । ଏହି ବିଶେଷ ମୁହୂର୍ତରେ କ୍ଲବର ବରିଷ୍ଠ ସଦସ୍ୟ ସୁଜିତ କୁମାର ରାଉତଙ୍କୁ ରୋଟାରୀ ବର୍ଷ ୨୦୨୫-୨୬ ପାଇଁ ଆନୁଷ୍ଠାନିକ ଭାବରେ ସଭାପତି ଭାବରେ ନିଯୁକ୍ତି ଦିଆଯାଇଥିଲା, ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରି ରାକେଶ ଦଳାଇ ନୂତନ ସମ୍ପାଦକଙ୍କ ସ୍ଥାନ ଅଳଙ୍କୃତ କରି ଜନସେବା ପ୍ରତି ଉତ୍ସର୍ଗୀକୃ କ୍ଲବର ସେବା ଏବଂ ନେତୃତ୍ୱର ଐତିହ୍ୟକୁ ଆଗକୁ ବହନ କରିବା ପାଇଁ ପ୍ରତିବଦ୍ଧ ହୋଇଥିଲେ । ଏହି ସମାରୋହରେ ମୁଖ୍ୟ ଅତିଥି କ୍ଲବର ବରିଷ୍ଠ ସଦସ୍ୟ ମନୋଜ ତ୍ରିପାଠୀ, ଜିଲ୍ଲା ଗଭର୍ଣ୍ଣର ଓ ରୋଟାରୀ କମ୍ୟୁନିଟିର ରାଜ୍ୟରେ ବିକଶିତ ଭୂମିକା ଏବଂ ନିରନ୍ତରତା ଏବଂ ନବସୃଜନର ଗୁରୁତ୍ୱ ଉପରେ ନିଜର ଅଭିଭାଷଣ ସହିତ ଉପସ୍ଥିତ କର୍ମୀ ଓ ଅନ୍ୟ ସମସ୍ତ ସଦସ୍ୟଙ୍କୁ




ଅନୁପ୍ରାଣିତ କରିଥିଲେ। ଉତ୍କଳ ବିଲ୍ଡର୍ସର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସୁବାଷ ଭୁରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ସମାଜ ସେବା ଏବଂ ଯୁବ ଶକ୍ତିର ସମାଜ ସେବାରେ ପ୍ରଚେଷ୍ଟା କ୍ଷେତ୍ରରେ କ୍ଲବର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ସଂସ୍ଥାର ଅଧକ୍ଷ ଓ କ୍ଲବର ବରିଷ୍ଠ ସଦସ୍ୟ ପୁଣ୍ୟଶ୍ଳୋକ ମହାନ୍ତିଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ସୁନ୍ଦର ଭାବରେ ପରିଚାଳିତ ହୋଇଥିଲା, ଯାହା ସମସ୍ତ ଉପସ୍ଥିତ ବ୍ୟକ୍ତି ବର୍ଗଙ୍କ ପାଇଁ ଏକ ସୁଗମ ଏବଂ ସ୍ମରଣୀୟ ଅନୁଭୂତି ଦେଇଥିଲା । ସନ୍ଧ୍ୟାରେ ସଂସ୍ଥାର ସଂଯୋଜକ ରୋଟାରିଆନ ଶ୍ରୀସତ୍ୟଜିତ୍ରୁ ସତପଥୀ ପ୍ରଦାନ କରିଥିଲେ ଧନ୍ୟବାଦ ଓ ଆନ୍ତରିକ କୃତଜ୍ଞତା ।

## ଧାରାବାହିକ:

ଭାଗ-୮

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୧୮ଶ ଅଧ୍ୟାୟ, ପ୍ରଳମ୍ବାସୁର ଉଦ୍ଧାର

ମାୟାରୂପୀ ଭଗବାନ, ବଳରାମ ସ୍ୱୟଂ ଅନନ୍ତ ଏବଂ ମାୟା ଗୋପବାଳକ ମାନେ ଦେବତା ଥିବାରୁ ଗୋପପୁର ଦ୍ୱିତୀୟ ବୈକୁଣ୍ଠର ଶୋଭାଧାରଣ କଲା । ସର୍ବଦା ପୁଷ୍ପ ପ୍ରସ୍ଫୁଟିତ ହେବା ସହ ବୃକ୍ଷ ଫଳଧାରଣ କଲେ ଓ ଅବସନ୍ତରେ ମଳୟ ବହିଲା । ପଶୁପକ୍ଷୀଗଣ ମନରୁ ହିଂସା ଛାଡି ଏକତ୍ର ବାସ କଲେ । ଘୋର ନିଦାଘରେ ମଧ୍ୟ ବନଭୂମି ଶାନ୍ତ ଶୀତଳ ଓ ତଟିନୀର କୁଳୁକୁଳୁ ନାଦ, କୋକିଳର କୁହୁତାନ ଏକ ଅପୂର୍ବ ଶୋଭା ସୃଷ୍ଟିକଲା । ଭଗବାନଙ୍କ ସଙ୍ଗସୁଖ ପାଇ ସ୍ଥାବର, ଜଙ୍ଗମ ଆନନ୍ଦରେ ଉତ୍‌ଫୁଲିତ ହେଲେ । ଏହି ଉଲ୍ଲାସମୟ ପ୍ରାକୃତିକ ଶୋଭା ମଧ୍ୟରେ ରାମକୃଷ୍ଣ ଗୋରୁ ଗୋପାଳ ପରିବେଷ୍ଟିତ ହୋଇ ଶିଙ୍ଗା, ବଂଶୀବାଦନ ସହିତ ନୃତ୍ୟଗୀତରେ ମାତି ଯାଇଥାନ୍ତି । ସେହି ସୁର ସାକ୍ଷୀ ଗୋପାଳରୂପୀ ଦେବତାଗଣ ସ୍ତୁତି ପାଠ କରୁଥାନ୍ତି । ଏହି ସମୟରେ କଂସର ଅନୁଚର ପ୍ରଳମ୍ବା ନାମକ ମହାପରାକ୍ରମୀ ଅସୁର ରାମକୃଷ୍ଣଙ୍କୁ ମାରିବାକୁ ସେଠାରେ ଉପସ୍ଥିତ ହୁଏ । ଶ୍ରୀକୃଷ୍ଣ ପ୍ରଳମ୍ବାର ଉଦ୍ଦେଶ୍ୟ ଜାଣିପାରି ଗୋଟାଏ ଖେଳ ଆରମ୍ଭ କରିଦେଲେ । ଜଣେ ପିଲା ଆଉ ଜଣଙ୍କ ସହ ଲଢିବ ଏବଂ ଯିଏ ହାରିବ ଜିଣିଥିବା ପିଲାକୁ କାନ୍ଧରେ ବସାଇ ବୁଲାଇବ । କୃଷ୍ଣ ରାମଙ୍କୁ ଇଙ୍ଗିତରେ ଜଣାଇଦେବାରୁ ବଳରାମ ବାଳକ ରୂପୀ ପ୍ରଳମ୍ବା ସହିତ ଲଢେଇର ଅବତୀର୍ଣ୍ଣ ହେଲେ । ପ୍ରଳମ୍ବା ହାରିଯିବାରୁ ବଳରାମଙ୍କୁ କାନ୍ଧରେ ବସାଇ ନେଇଗଲା ଓ କ୍ରମେ ଗହନ ବନର ପ୍ରବେଶ କରି ଏକାକୀ ବଳରାମଙ୍କୁ ହତ୍ୟା କରିବ ଭାବି ଆନନ୍ଦିତ ହେଲା । ବଳରାମ ଅସୁରର ମନକଥା ଜାଣି ନିଜ ଶରୀରକୁ ମେରୁ ତୁଲ୍ୟ ଗୋରୁ କରିଦେବାରୁ ପ୍ରଳମ୍ବା ମଧ୍ୟ ନିଜ ଶରୀର ବିସ୍ତାରକ କଲା । ମାତ୍ର ଯିଏ ସାରା ସଂସାରର ଭାରା ବହନ କରିଛି ତାକୁ କିଏ ବା ବୋହିପାରିବ ? ସେ ଯେତେବେଳେ ବଳରାମଙ୍କ ଭାରା ବହିବାକୁ ଅକ୍ଷମ ହେଲା ଫିଙ୍ଗି ଦେବାକୁ ଚେଷ୍ଟାକରି ବିଫଳ ହେଲା । ବଳରାମ ଦୁଇଗୋଡକୁ ତା ବେକରେ ଛନ୍ଦିଦେଇ ତା ମୁଣ୍ଡରେ ମୁଷ୍ଟାଘାତ କରିବାରୁ ମୁଣ୍ଡ ଚୂର୍ଣ୍ଣବିଚୂର୍ଣ୍ଣିତ ହୋଇଗଲା । ତା ବିରାଟ ଶରୀର ଭୂଲୁଣ୍ଠିତ ହେବାରୁ ଦେବତାଗଣ ପୁଷ୍ପ ବୃଷ୍ଟିକଲେ । ମଲାବେଳେ ଅସୁର ଘୋର ଶବ୍ଦ କରିବାରୁ ଗୋପବାଳକମାନେ ସେଠାକୁ ଆସି ଦେଖିଲେ ପ୍ରଳମ୍ବା ମରିଯାଇଛି । ସେମାନେ ବଳରାମଙ୍କୁ କାନ୍ଧରେ ବସାଇ ଉଠାଇନେଲେ ଏବଂ କୌତୁକ କରି କହିଲେ "ହେ ଭାଇ, ତୁମକୁ କାନ୍ଧରେ ବସାଇଛୁ । ଆମକୁ ପ୍ରଳମ୍ବା ଭାବି ମାରିବ ନାହିଁ ।"

### ୧୯ଶ ଅଧ୍ୟାୟ, ଗାଇଗୋରୁ ଓ ଗୋପାଳଙ୍କ ରକ୍ଷା ନିମନ୍ତେ ଭଗବାନ ଶ୍ରୀକୃଷ୍ଣଙ୍କର ଅଗ୍ନି ଭକ୍ଷଣ

ଦିନେ ଗୋବତ୍ସା ସହିତ ଗୋପବାଳକମାନେ ଦାବାଗ୍ନି ଘେର ମଧ୍ୟରେ ରହି ଯାଇ ଆକୁଳ ସ୍ୱରରେ ରାମକୃଷ୍ଣଙ୍କୁ ଡାକ ପକାଇଲେ । କୃଷ୍ଣ ବୃକ୍ଷ ଉପରକୁ ଚଢିଯାଇ ଦେଖିଲେ ଯେ ବନାଗ୍ନି ଲେଲିହାନ ଜିହ୍ୱା ବିସ୍ତାର କରି ଗୋଧନ ସହ ବାଳକମାନଙ୍କୁ ଘେରିଯାଇଛି । ଶ୍ରୀକୃଷ୍ଣ ସଙ୍ଗେ ସଙ୍ଗେ ମାୟାବଳରେ ସମସ୍ତ ବନାଗ୍ନିକୁ ଭକ୍ଷଣ କରିଦେଲେ । ଅଗ୍ନି ନିର୍ବାପିତ ହେବାରୁ ଗୋପବାଳକମାନେ ଧେନୁବତ୍ସା ସହ ବାହାରକୁ ଆସି କୃଷ୍ଣଙ୍କୁ ଆଲିଙ୍ଗନ କରିବା ସହ ତାଙ୍କ ମୁହଁକୁ ଚାହିଁ କିଛି ଖୋଜିବାରେ ଲାଗିଲେ । ନିଜ ମଧ୍ୟରେ କଥା ହେଲେ ଇଏ କେଉଁ ଦେବତା ଆମ ମଧ୍ୟରେ ରହିଛି । ସମସ୍ତ ସଙ୍କଟରୁ ଆମକୁ ରକ୍ଷା କରୁଛି । ଜଣେ ପଚାରିଦେଲା, କାହ୍ନୁ ସତ କହ ତୁ କିଏ ? କୃଷ୍ଣ ମୃଦୁହାସ ଦେଇ କହିଲେ ମୁଁ ପରା ତୋ ସାଙ୍ଗ ।

### ୨୦ଶ ଅଧ୍ୟାୟ, ବର୍ଷା ଓ ଶରତ ଋତୁର ବର୍ଣ୍ଣନା

ରାମକୃଷ୍ଣଙ୍କର ଅଲୌକିକ କଥାମାନ ଶ୍ରବଣ ଏବଂ ଦର୍ଶନ କରି ଗୋପପୁରବାସୀ ସେମାନଙ୍କର ପ୍ରଶଂସା କରିବା ସହ ସେମାନେ ଯେ ସାଧାରଣ ଦେବତା ନୁହଁନ୍ତି ଏ କଥା ଜାଣିସାରିଥିଲେ । ସେମାନଙ୍କୁ ଏତେ ବଡ ବଡ ବିପଦରୁ ଉଦ୍ଧାର କରିଥିବା ଏ ଦୁଇ ଭାଇ ନିଶ୍ଚିତ ହରିହର ଏ ବିଶ୍ୱାସ ସେମାନଙ୍କର ଦୃଢ ହେବା ସହ ନିଜକୁ ଧନ୍ୟ ମନେ କଲେ । ଏହି ସମୟରେ ଗୋପପୁରକୁ ଶସ୍ୟ ସମ୍ପଦ ଦାୟୀ ବର୍ଷାଋତୁର ଆଗମନ ଘଟେ । ଫଳରେ ଆକାଶରେ ନୀଳ ଜଳଦ ଶୋଭା ପାଇବା ସହ ବିଦ୍ୟୁତର ସ୍ୱର୍ଣ୍ଣମୟୀ ଝଲକ ଏବଂ ଗୁରୁ ଗମ୍ଭୀର ବଜ୍ର ନିର୍ଘୋଷ ଚତୁର୍ଦ୍ଦିଗକୁ ପ୍ରକମ୍ପିତ କଲା । ଦୀର୍ଘ ଅଷ୍ଟମାସର ପ୍ରତୀକ୍ଷା ପରେ ମୂଷଳଧାରାରେ ବାରିପାତ ନିଦାଘ ସନ୍ତପ୍ତ ପୃଥିବୀକୁ ସ୍ନିଗ୍ଧ ଓ ଶୀତଳତାରେ ଭରିଦେଲା । ଧରିତ୍ରୀ ଶ୍ୟାମଳିମାରେ ପୂର୍ଣ୍ଣ ହେଲା । ରାତ୍ରର ଅନ୍ଧକାର ଖଦ୍ୟୋତର ଆଲୋକରେ ଦୀପାଳୀର ଭ୍ରମ ସୃଷ୍ଟିକଲା । କଳିଯୁଗରେ ପାପର ପ୍ରକାଶ ହେତୁ ପାଷାଣ୍ଡଗଣର ଶାସ୍ତ୍ର ପ୍ରକାଶ ପାଏ ମାତ୍ର ବେଦ ସମୂହ ପ୍ରକାଶ ପାଇପାରେ ନାହିଁ । ବରଂ ନିନ୍ଦିତ ହେବା ପରି ରାତ୍ରିର ଅନ୍ଧକାରରେ ଖଦ୍ୟୋତମାନେ ପ୍ରକାଶ ପାଇଲେ ହେଲେ ମେଘାଛନ୍ନ ଆକାଶରେ ଗ୍ରହନକ୍ଷତ୍ରାଦି ପ୍ରକାଶିତ ହୋଇପାରିଲେ ନାହିଁ । ନିତ୍ୟକର୍ମ ଶେଷରେ ଆଚାର୍ଯ୍ୟଙ୍କର ପଦଶବ୍ଦ ଶୁଣି ଶିଷ୍ୟମାନେ ଯେପରି ଅଧ୍ୟୟନ ଆରମ୍ଭ କରନ୍ତି ସେହିପରି ଭେକ ସମୂହ ମେଘଧ୍ୱନି ଶୁଣି ଶବ୍ଦ କରିବାକୁ ଆରମ୍ଭ କଲେ । ଇନ୍ଦ୍ରିୟ ପରବଶ ପୁରୁଷର ଶରୀର ଓ ଧନ ସମ୍ପଦ ନିରସ ପରି ଶୁଷ୍କ ପଡିଥିବା ନଦୀମାନେ ବନ୍ୟା ଜଳଦ୍ୱାରା ସ୍ଫୀତ ହୋଇଉଠିଲେ । ପୃଥିବୀର ପୃଷ୍ଠଦେଶ କେଉଁଠି ନୂତନ ତୃଣରାଶିଦ୍ୱାରା ଶ୍ୟାମଳ ବର୍ଣ୍ଣ ତ ଅନ୍ୟ କେଉଁଠାରେ ସାଧବ ବୋହୂ ଦ୍ୱାରା ରକ୍ତବର୍ଣ୍ଣ ଧାରଣ କଲା । ଛତ୍ରାକାରରେ ଛତୁ ଫୁଟିବାରୁ ତାହା ଧରଣୀରାଣୀର ଛତ୍ରପରି ପ୍ରତୀକ ହେଲା । ଧାନକ୍ଷେତ ଶ୍ୟାମଳିମା ଦେଖି କୃଷକ ଆନନ୍ଦିତ ହେଲେ । ଭଗବାନଙ୍କ ସେବା ଓ ଆରାଧନା ଦ୍ୱାରା ପ୍ରାଣୀକୁ ଯେଉଁ ସନ୍ତୁଷ୍ଟି ମିଳେ ସେହିପରି ଉଭୟ ଜଳ ଓ ସ୍ଥଳ ସୌନ୍ଦର୍ଯ୍ୟ ଧାରଣ କଲା । ଅପକ୍ୱ ଯୋଗୀର ବିଷୟବାସନାସକ୍ତ ଚିତ୍ତରେ ଯେପରି ବିକ୍ଷୋଭ ସୃଷ୍ଟି ହୁଏ ସମୁଦ୍ର ନଦୀମାନଙ୍କ ସହିତ ମିଳିତ ହୋଇ କ୍ଷୋଭିତ ହେଲା । କୃଷ୍ଣାଶ୍ରିତ ପ୍ରାଣୀ ଯେପରି ତ୍ରିତାପଗ୍ରସ୍ତ ହୋଇ ବିବ୍ରତ ହୁଏନାହିଁ ସେହିପରି ପର୍ବତ ସମୂହ ବ୍ୟଥିତ ହେଲେନାହିଁ । ବ୍ରାହ୍ମଣଗଣର ଚର୍ଚ୍ଚାଭାବରୁ ଯେପରି କାଳର ପ୍ରଭାବ ଦ୍ୱାରା ଲୁପ୍ତପ୍ରାୟ ବେଦମାର୍ଗ ବିଷୟରେ ସନ୍ଦେହ ଜନ୍ମେ ସେହିପରି ପଥଧାର ତୃଣଛାଦିତ ହୋଇ ପ୍ରକୃତ ପଥ କିଏ ବୋଲି ମନର ସନ୍ଦେହ ହେଲା । ବିଟପୀନାରୀମାନଙ୍କ ମନ ଯେପରି ଗୁଣବାନ ପୁରୁଷଠାରେ ରହିପାରେ ନାହିଁ ସେହିପରି ଜନହିତକାରୀ ମେଘମଣ୍ଡଳରେ ବିଦ୍ୟୁତ ସ୍ଥିର ହୋଇ ରହିପାରିଲା ନାହିଁ । ମିଥ୍ୟା ଦ୍ୱାରା ସତ୍ୟ ଆବୃତ୍ତ ହେବାପରି ଚନ୍ଦ୍ର ମେଘାଛନ୍ନ ହୋଇ ଅଦୃଶ୍ୟ ହେଲେ । ଅତିଥି ଦେଖି ସାଧୁ ବ୍ୟକ୍ତି ଆନନ୍ଦିତ ହେବାପରି ମୟୂରମାନେ ମେଘର ଆଗମନୀରେ ଆନନ୍ଦିତ ହେଲେ । ତପଃକ୍ଲିଷ୍ଟ କ୍ଷୀଣ ଶରୀର ବ୍ୟକ୍ତି ତପଃ ସିଦ୍ଧି ପରେ ଯେପରି ପୁନର୍ବାର ସୁନ୍ଦର ଓ ସୁସଞ୍ଜହୋଇଥାଏ ସେହିପରି ନିଦାଘ ତପ୍ତ ବୃକ୍ଷ ସମୂହ ବର୍ଷା ଜଳ ଲାଭକରି ପତ୍ରପୁଷ୍ପ ମଣ୍ଡିତ ହୋଇ ଶୋଭା ପ୍ରକାଶ ପାଇଲେ । ସଂସାରୀ ବ୍ୟକ୍ତି କର୍ମ ଜଂଞ୍ଜାଳ ସାରି ଗୃହରେ ରହିବା ପରି ସାରସମାନେ ସରୋବର ନିକଟରେ ବାସକଲେ । କଳିଯୁଗରେ ପାଷାଣ୍ଡଗଣ ଦ୍ୱାରା ବେଦମାର୍ଗ ନଷ୍ଟ ହେବାପରି ବର୍ଷାଜଳରେ ସେତୁ ମାନ ନଷ୍ଟହେଲା । ପୁରୋହିତଙ୍କ ଦ୍ୱାରା ପ୍ରଣୋଦିତ ହୋଇ ରାଜା, ପ୍ରାର୍ଥୀଙ୍କୁ ଦାନ ଦେବାପରି ବାୟୁ ଦ୍ୱାରା ପ୍ରେରିତ ହୋଇ ବର୍ଷା ଜଳଦାନକଲେ । ବର୍ଷା ଋତୁରେ ପ୍ରଚୁର ଖଜୁରୀ ଓ ଜମ୍ବୁଫଳପୂର୍ଣ୍ଣ ବନ ମଧ୍ୟରେ ପଶି ଦୁଇଭାଇ ସାଥୀ ମାନଙ୍କ ସହ ନାନା କ୍ରୀଡାରେ ମତ୍ତ ହେଲେ । ବତ୍ସାଯୁକ୍ତ ଗାଭୀମାନେ କ୍ଷୀରବତୀ ହେବା ସହ କୃଷ୍ଣ ସମସ୍ତଙ୍କୁ ସେମାନଙ୍କ ନାମରେ ଡାକିବାରୁ ଆତ୍ୟନ୍ତିକ ସ୍ନେହ କାରଣରୁ ପହ୍ନାରୁ କ୍ଷିର ସ୍ରାବ ହେବାକୁ ଲାଗିଲା । ଶ୍ରୀକୃଷ୍ଣ ଘରୁ ଆଣିଥିବା ଦଧିଅନ୍ନ କିମ୍ବା ପକ୍ୱଫଳମୂଳାଦି ବୃକ୍ଷମୂଳରେ ଭକ୍ଷଣ କରି ପର୍ବତ ଗୁହାରେ ବିହାର କରିବାକୁ ଲାଗିଲେ । କ୍ରମେ ବର୍ଷାଋତୁ ଯାଇ ଶରତଋତୁର ଆଗମନ ଘଟିଲା । ଶୁଷ୍କ ମେଘମାଳା ଆକାଶରେ ସଞ୍ଚରିବା ସହ ପୁଷ୍କରିଣୀମାନଙ୍କର ଜଳ ନିର୍ମଳ ହେଲା ଏବଂ ବାୟୁର ଉଗ୍ରତା କମି ଶାନ୍ତ ଭାବରେ ପ୍ରବାହିତ ହେଲା । ଭ୍ରଷ୍ଟ ଯୋଗୀ ଯୋଗକରି ଯେପରି ସ୍ଥିରତାକୁ ପ୍ରାପ୍ତ ହୁଏ ସେହିପରି ଭୂମି, ଜଳ, ଆକାଶ ଆଦି ପ୍ରାକୃତିକ ପରିବେଶ ସ୍ୱାଭାବିକ ସ୍ଥିର ନିର୍ମଳ ରୂପ ଧାରଣ କଲା । ମେଘମାନ ଜଳ ତ୍ୟାଗକରି ହରିଭକ୍ତ ପ୍ରାଣୀ ବାସନା ତ୍ୟାଗ କଲାପରି ନିର୍ମଳ ଦେଖାଗଲେ । ପର୍ବତମାନ ସଂସାର ମୋହ ତ୍ୟାଗୀ ଯୋଗୀ ଭଳି ସମସ୍ତ ଜଳ ତ୍ୟାଗ କଲେ ଏବଂ କିଛି ଜଳକୁ ଜ୍ଞାନୀ ଲୋକର ଜ୍ଞାନଦାନ ପରି ସତ୍କାର୍ଯ୍ୟରେ ଲଗାଇଲେ । ନିର୍ବୋଧ ମନୁଷ୍ୟ ଯେପରି ନିତ୍ୟ କ୍ଷୟ ଯାଉଥିବା ଆୟୁ ସମ୍ପର୍କରେ ଅନଭିଜ୍ଞ ରହି ଆନନ୍ଦରେ ରହେ ସେହିପରି ସ୍ୱଳ୍ପ ଜଳବିହାରୀ ଜୀବଗଣ ଜଳରାଶିର ନିତ୍ୟ ହ୍ରାସ ସତ୍ତ୍ୱେ ଆନନ୍ଦରେ ବିହାର କଲେ ଏବଂ ଦରିଦ୍ର ଲୋକର ଅର୍ଥାଭାବ ଜନିତ ଦୁଃଖ ଭଳି ସ୍ୱଳ୍ପ ଜଳରେ ସୂର୍ଯ୍ୟତାପରେ ସନ୍ତାପିତ ହେବାକୁ ଲାଗିଲେ । ଯୋଗ, ଧ୍ୟାନାଦି ଦ୍ୱାରା ପ୍ରାଣୀର ଅଜ୍ଞାନ ଭାବ ଲୋପ ପାଇଲା ପରି ଭୂମିରୁ ପଙ୍କ କ୍ରମେ ଶୁଷ୍କ ହୋଇଗଲା । ବେଦ ବେଦାନ୍ତ ତତ୍ତ୍ୱ ଜ୍ଞାନ ଲାଭକରି ମୁନିମାନେ ସ୍ଥିର ହୋଇଯିବା ପରି ଶରତଋତୁର ଗୁଣ ଗ୍ରହଣ କରି ସମୁଦ୍ର ସ୍ଥିର ହୋଇଗଲା । ଯୋଗୀମାନେ ବାୟୁ ନିୟନ୍ତ୍ରଣ କରି ସାଧନ କଲାଭଳି କୃଷକମାନେ ଧାନ୍ୟ କ୍ଷେତ୍ରରେ ବନ୍ଧ ବାନ୍ଧି ଜଳ ଆବଦ୍ଧ କରି ଫସଲରେ ଉପଯୋଗ କଲେ । ଆତ୍ମଜ୍ଞାନ ଦେହାଭିମାନ ନାଶ କଲାପରି, ଶ୍ରୀକୃଷ୍ଣ ଦର୍ଶନ ଗୋପୀମାନଙ୍କର ସନ୍ତାପ ନାଶ କଲାପରି, ଶାରଦୀୟ ଚନ୍ଦ୍ର, ସୂର୍ଯ୍ୟ କିରଣ ତପ୍ତ ଜୀବଗଣର ସନ୍ତାପ ନାଶକଲା । ବିଶୁଦ୍ଧ ଚିତ୍ତପରି ଶରଦାକାଶ ନିର୍ମଳ, ମେଘମୁକ୍ତ ଓ ତାରକା ଖଚିତ ଦେଖାଗଲା । ସେଥିରେ ପୂର୍ଣ୍ଣଚନ୍ଦ୍ର ଶୋଭା ପାଇଲେ । ପୁଷ୍ପିତ କାନନରେ ସମଶୀତୋଷ୍ଣ ବାୟୁ ସେବନ କରି ସମସ୍ତେ ତୃପ୍ତ ହେଲେ ହେଁ ଶ୍ରୀକୃଷ୍ଣଙ୍କୁ ନପାଇ ଗୋପୀମାନେ ତାପିତ ହେଲେ । ଶରତଋତୁରେ ଗାଭୀ, ମୃଗୀ, ପକ୍ଷୀ ଓ ନାରୀମାନେ ସ୍ୱ ସ୍ୱ ପତିସଙ୍ଗ ଇଛିଲେ । ସୂର୍ଯ୍ୟଙ୍କ ଆଗମନରେ କୁମୁଦ ବ୍ୟତୀତ ଅନ୍ୟ ପୁଷ୍ପମାନେ ପ୍ରଫୁଲ୍ଲିତ ହେଲେ । ଧାନ୍ୟକ୍ଷେତର ସବୁଜିମା ସମସ୍ତଙ୍କ ମନରେ ଆନନ୍ଦ ଭରିଦେବାରୁ ଉତ୍ସବମାନ ପାଳିତ ହେଲା । ଉପବାସ ପରେ ବ୍ରହ୍ମଚାରୀ ଭୋଜନ କଲାପରି ବର୍ଷାଋତୁରେ ଋଷି, ନୃପତି ଓ ବଣିକମାନେ ଶରତଋତୁର ଆଗମନରେ ନିଜ ନିଜ କର୍ମ ନିମିତ୍ତ ସ୍ଥାନାନ୍ତର ହେଲେ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରିଙ୍ଗ

# ଦାନ ଦେଇ ପ୍ରଶଂସା ଭିକ୍ଷା



ଶ୍ୱେତା ରାଉତ୍

ଦୁଇ ସାଙ୍ଗ ଜଙ୍ଗଲ ରାସ୍ତା ଦେଇ ଚାଲି ଚାଲି ଯାଉଥିଲେ । ପ୍ରବଳ ଖରା ଯୋଗୁଁ ଥକିଯାଇ ଗୋଟେ ଗଛ ମୂଳରେ ବିଶ୍ରାମ ନେଲେ । ରଘୁ ଓ ତା ସ୍ତ୍ରୀ ଧୋବୀ ଦୁହେଁ ସେଇ ରାସ୍ତାରେ ଦହି ନେଇ ବିକିବାକୁ ଯାଉଥିଲେ । ଦେଖିଲେ ଦୁଇ ପଥିକ ଖରାରେ କ୍ଳାନ୍ତ ହୋଇ ଗଛ ମୂଳରେ ବସିଛନ୍ତି, ତେଣୁ ସେମାନେ ତାଙ୍କୁ ଦହି ପିଇବାକୁ ଦେଲେ । ଦୁଇ ସାଙ୍ଗ ଦହି ପିଇ ଚାଲିବା ଆରମ୍ଭ କଲେ । ରଘୁ ଭାବିଲା କେଡେ ଆଲଜ୍ୟା ଲୋକ ଏମାନେ,ଏତେ ଖରାରେ ଛଟପଟ ହେଉଥିଲେ, ଆମେ ଦହି ପିଆଇଲୁ ଅଥଚ ଧନ୍ୟବାଦଟିଏ ଦେଲେନାହିଁ ? ଦୁଇ ସାଙ୍ଗଙ୍କୁ ପଛରୁ ଅଟକାଇ ରଘୁ ଖୁବ୍ ଗାଳିକଲା 'ତୁମକୁ ଖରାପ ଲାଗୁନି, ପେଟେ ଦହି ପିଇ ହେକୁଟି ମାରି ଚାଲିଯାଉଛ, ଧନ୍ୟବାଦଟିଏ ବି ଯୋଡ଼ିଲାନି କହିବାକୁ ? ଅପାତ୍ରରେ ଯାହା ଦାନ କଲୁ ଆମେ' । ରଘୁର ରାଗ ଶାନ୍ତ କରିବାକୁ ଯାଇ ଧୋବୀ କହିଲା- ଛାଡ ସେ କଥା ସେମାନେ କଣ ଆମକୁ ମାଗିଥିଲେ, ଆମେ ସ୍ୱଇଛାରେ ତାଙ୍କୁ ଦହି ପିଆଇଲେ, କାହାକୁ କିଛି ଦାନ କରି ଆଶା କରିବା ଭଲ ନୁହେଁ । ଧୋବୀ, ରଘୁକୁ ଡାକି ନେଇ ଚାଲିଗଲା ।

କିଛି ବାଟ ଗଲାପରେ ରାସ୍ତାରେ ରଘୁ ଝୁଣ୍ଟି ପଡ଼ିଲା, ତଳକୁ ଚାହିଁ ଦେଖେ ତ ପାଦରୁ ରକ୍ତ ଧାର ଧାର ବୋହି ଯାଉଛି । ଧୋବୀ, ସ୍ୱାମୀ ପାଦରୁ ଭଙ୍ଗା କାଚ ଖଣ୍ଡେ ଭିଡ଼ି ବାହାର କଲା ଓ ତା ଶାଢ଼ୀରୁ ଖଣ୍ଡେ କପଡ଼ା ଚିରି ବାନ୍ଧିଦେଲା । ରଘୁ ଛୋଟେଇ ଛୋଟେଇ ଧୋବୀ ଉପରେ ଭରା ଦେଇ ଘର ଆଡ଼କୁ ଆଗେଇଲେ । ଅଧା ଦହି ପଥିକଙ୍କୁ ପିଆଇଲେ, ଆଉ ଅଧା କିଛି ବେପାର ହୋଇନି, କଣ ଯେ କରିବେ ! ଦୁହେଁ ଭାବି ଭାବି ଯାଉଛନ୍ତି, ଧୋବୀର ନଜର ପଡିଲା ରାସ୍ତା କଡ଼ରେ ଥିବା ପଥର ପାଖକୁ, କଣ ଗୋଟେ ପଡିଥିବାର ଦେଖି ଧୋବୀ ଉଠାଇଲା ବେଳକୁ ବହୁତ ଓଜନିଆ ନୂଆ ରୂପା ପାଉଁଜି ଦୁଇଟି ଓ ଅଳ୍ପ ଦୂରରେ କିଛି ଟଙ୍କା ଓ ଚୁନା ପଇସା ପଡ଼ିଛି । ସତେ ଯେମିତି କେଉଁ ଚୋର ତରବରରେ ଦଉଡ଼ି ଗଲାବେଳେ ବାଟରେ ପକାଇ ଦେଇ ଯାଇଛି ! ଧୋବୀ ଈଶ୍ୱରଙ୍କୁ ଡାକି ନେବ କି ନାହିଁ ଘଡ଼ିଏ ଚିନ୍ତା କଲା, ଦେଖିଲା ଆଖପାଖରେ କେହି ନାହିଁ, ଈଶ୍ୱର ତାକୁ ଉପହାର ଦେଇଦେଲେ କି ? ଏମିତି ଭାବି ପାଉଁଜି ଓ ପଇସା ନେଇ ଦୁହେଁ ଘରକୁ ଫେରିଲେ ।

ଘରେ ଆସି ଦେଖିଲେ ଜଣେ ସାଧୁ ପିଣ୍ଡାରେ ବସିଛନ୍ତି । ଦୁହେଁ ପ୍ରଣାମ କଲେ । ରଘୁ ପଚାରିଲା ବାବା 'ବାଟରେ ମୁଁ ଶୋଷିଲା ପଥିକଙ୍କୁ ଦହି ପିଆଇ ଆସିଲି ହେଲେ ଈଶ୍ୱର ମୋତେ ପ୍ରଶଂସା କରିବା ବଦଳରେ ଦଣ୍ଡ କାହିଁକି ଦେଲେ ? ବାବା ଅଳ୍ପ ହସି କହିଲେ 'ପୁଅ ମୁଁ ସବୁ ଜାଣେ, ତେଣୁ କହୁଛି - ତୁମେ ଦୁହେଁ ପଥିକଙ୍କୁ ଦହି ପିଆଇଲ,ଭଲ କାମ କଲ, କିନ୍ତୁ ଧୋବୀ ସେବାର ଆନନ୍ଦ ନେଉଥିବା ବେଳେ,ତୁମେ ସେବା ଦ୍ୱାରା ପ୍ରଶଂସା ଆଶା କରୁଥିଲ, ଅର୍ଥାତ୍ କିଛି ଦେବା ବଦଳରେ କିଛି ପାଇବାର ଇଚ୍ଛାକୁ କେବେ ସେବା କୁହାଯାଏ ନାହିଁ । ତାପରେ ତୁମେ ପଥିକଙ୍କୁ ଡାକି ଗାଳି ଗୁଲଜ ବି କଲ, ଯାହା ଏକ ଅପରାଧ । ସେମାନେ ନିର୍ଦ୍ଦୋଷ ଥିଲେ, ସେମାନେ ତୁମକୁ ଦହି ମାଗିନଥିଲେ । ତେଣୁ ସେ ଆତ୍ମାକୁ ଯେଉଁ କଷ୍ଟ ଦେଲ ତାର ପ୍ରଭାବରେ ତୁମକୁ ଏହି କଷ୍ଟ ମିଳିଲା ଧୋବୀ ଦାନ କଲାବେଳେ କିଛି ଆଶା କରିନଥିଲା ଓ ତାର ସେବା ଭାବ ଥିଲା, ତେଣୁ ତୁମ ପାଦରେ କ୍ଷତ ଥିବା ବେଳେ ତା ପାଦରେ ପାଉଁଜି ଭେଟି ଦେଲେ ଈଶ୍ୱର । ରଘୁ ବାବାଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲା ।

ବାସ୍ତବିକ ମଣିଷ ଅର୍ଥ, ସେବା, ସମ୍ପତ୍ତି, ସମୟ ଯାହା ବି ଦାନ କରୁ ଯଦି ପ୍ରତିବଦଳରେ ତାର ସ୍ୱାର୍ଥ, ଆଶା, ଆକାଂକ୍ଷା, କାମନା ରହିଥାଏ ତେବେ ତାହା କେବେ ପୁଣ୍ୟ ଫଳ ଦେଇନଥାଏ,ସେବା ବା ଦାନ ସବୁବେଳେ ନିଷ୍କାମ ହେବା ଦରକାର । ଯଦି ଆମଠୁ କେହି ଉପକୃତ ହୋଇ ଆମକୁ ପ୍ରଶଂସା ନକରି, ନିନ୍ଦା କରେ, ଧୋକା ଦିଏ, ଠକେ, ଆମେ ଆଦୌ ବିଚଳିତ ହେବା କଥା ନୁହେଁ, କାରଣ ମଣିଷର ସାମର୍ଥ୍ୟ କଣ ସେ ପ୍ରତିବଦଳରେ ଦେଇପାରିବ । ଆମର ପ୍ରତିଟି କର୍ମର ସାକ୍ଷୀ ଈଶ୍ୱର, ସିଏ ଯେତେବେଳେ କର୍ମ ଦେଖି ଫଳ ଦିଅନ୍ତି ତାହା ମଣିଷ କାମନାର ବାହାରେ ହୋଇଥାଏ । ତେଣୁ କର୍ମ ପ୍ରଶଂସାରହିତ ହେଲେ ଈଶ୍ୱରଙ୍କୁ ବି ମାଗିବା ଦରକାର ନାହିଁ, ଆପେ ଆପେ ଭାଗ୍ୟରେ ଖଞ୍ଜି ଦିଅନ୍ତି ଈଶ୍ୱର ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ବର୍ଷାଦିନେ ଘରେ ହେଉଛନ୍ତି କି ପୋକ: ଆପଣାନ୍ତୁ ଏହି ଉପାୟ

**ବର୍ଷାଦିନେ ସାଧାରଣତଃ କୀଟପତଙ୍ଗଙ୍କ ସଂଖ୍ୟା ବହୁତ ବଢ଼ିଯାଏ । ତେବେ ଘରକୁ ଏମାନଙ୍କଠାରୁ ସୁରକ୍ଷିତ ରଖିବାକୁ ହେଲେ କିଭଳି ପ୍ରତିକାର କରିବେ ଜାଣିରଖନ୍ତୁ...**



ବର୍ଷାଦିନେ ଘର ଭିତରକୁ କୀଟପତଙ୍ଗଠାରୁ ସୁରକ୍ଷା ଦେବା ପାଇଁ ଏକ ଘରୋଇ ସ୍ପ୍ରେ ତିଆରି କରନ୍ତୁ । ଏଥିପାଇଁ ଏକ ପାତ୍ରରେ ପ୍ରଥମେ ପାଣି ଗରମ କରନ୍ତୁ । ସେଥିରେ ଲବଙ୍ଗ ପକାଇ କିଛି ସମୟ ଫୁଟାନ୍ତୁ । ପାଣିର ରଙ୍ଗ ବଦଳିଗଲା ପରେ ସେଥିରେ ୧ ଚାମଚ ବେକିଂ ସୋଡ଼ା ଓ ତେଜପତ୍ର ପକାଇ ଫୁଟାନ୍ତୁ । ଏବେ ଏହାକୁ ଥଣ୍ଡାକରି ଏକ ସ୍ପ୍ରେ ବୋତଲରେ ରଖନ୍ତୁ । ଏହାକୁ ଘରର ବିଭିନ୍ନ ସ୍ଥାନରେ ସ୍ପ୍ରେ କରି ଦିଅନ୍ତୁ । କୀଟ ହେଉଥିବା ସ୍ଥାନରେ ଧଳା ଭିନେଗାର ପକାନ୍ତୁ । ପୋକ ହେବେ ନାହିଁ । କୀଟପତଙ୍ଗ ଦୂରେଇବା ପାଇଁ ସେହି ସ୍ଥାନରେ ଲୁଣ ପକାନ୍ତୁ । ଏହା ପ୍ରଭାବରେ ପୋକମାନଙ୍କ ସଂଖ୍ୟା କମ୍ ହୋଇଯିବ । ଲେମ୍ବୁରସ ସ୍ପ୍ରେ କରିବା ଫଳରେ ପୋକ ଆସିବେ ନାହିଁ । ଘରୁ ପୋକ ବାହାରକରିବା ପାଇଁ ରସୁଣ ମଧ୍ୟ ବେଶ୍ ଉପାଦେୟ । ଏଥିପାଇଁ ରସୁଣକୁ ଛେଚି ପାଣିରେ ମିଶାନ୍ତୁ । ଏହାକୁ ପୋକ ଆସୁଥିବା ସ୍ଥାନରେ ପକାନ୍ତୁ ।

# ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ: ସୁସ୍ଥ ରହିବ ହାର୍ଟ



ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ । ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ । ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ପୁଦିନା ପତ୍ରରୁ କିଛି ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ । ଭୁର୍ସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଝ ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ । ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ । ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ । ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ । ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସ୍ଥାୟୀ ବିକାଶ ଲକ୍ଷ୍ୟ: ଭାରତର ଅଗ୍ରଗତି, ଆହ୍ୱାନ ଓ ବାସ୍ତବତା

ସ୍ଥାୟୀ ବିକାଶ ରିପୋର୍ଟ ୨୦୨୫ରେ ଭାରତର ସ୍ଥାନ ୧୬୭ଟି ଦେଶ ମଧ୍ୟରୁ ୯୯ତମକୁ ଉନ୍ନୀତ ହେବା, ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ବିଷୟ। ବିଶେଷକରି, ସ୍ଥାୟୀ ବିକାଶ ଲକ୍ଷ୍ୟ-୧ (ଦାରିଦ୍ର୍ୟ ଦୂରୀକରଣ) ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ-୧୦ (ଅସମାନତା ହ୍ରାସ) ଭଳି ମାନବ-କୈନ୍ଦ୍ରିକ ଲକ୍ଷ୍ୟଗୁଡ଼ିକରେ ଦେଶର ଦୃଢ଼ ଅଗ୍ରଗତି, ସାମାଜିକ ବିକାଶ ଦିଗରେ ସରକାରୀ ନୀତିର ପ୍ରଭାବକୁ ପ୍ରମାଣିତ କରୁଛି । ତେବେ, ଏହି ଉପଲବ୍ଧି ଏକ ବୃହତ୍ତର ଏବଂ ଅଧିକ ଜଟିଳ ଚିତ୍ରର କେବଳ ଗୋଟିଏ ପାର୍ଶ୍ୱ । ରିପୋର୍ଟଟି ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଭାରତର ଏକ-ତୃତୀୟାଂଶ ସ୍ଥାୟୀ ବିକାଶ ଲକ୍ଷ୍ୟ (SDG) ହିଁ କେବଳ ନିର୍ଦ୍ଧାରିତ ମାର୍ଗରେ ଅଗ୍ରସର ହେଉଛି । ଅନ୍ୟପଟେ, ସ୍ଥାୟୀ ବିକାଶ ଲକ୍ଷ୍ୟ-୧୩ (ଜଳବାୟୁ ପଦକ୍ଷେପ), ସ୍ଥାୟୀ ବିକାଶ ଲକ୍ଷ୍ୟ-୧୫ (ସ୍ଥଳଭାଗରେ ଜୀବନ) ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ-୧୪ (ଜଳତଳ ଜୀବନ) ଭଳି ପରିବେଶ-କୈନ୍ଦ୍ରିକ ଲକ୍ଷ୍ୟଗୁଡ଼ିକରେ ଆମର ପ୍ରଦର୍ଶନ କେବଳ ସ୍ଥିର ନୁହେଁ, ବରଂ କେତେକ କ୍ଷେତ୍ରରେ ଏକ ପତନମୁଖୀ ପ୍ରବୃତ୍ତି ଦେଖାଉଛି। ଏହା ସୂଚିତ କରୁଛି ଯେ ଆମର ବିକାଶର ମଡେଲ, ସ୍ଥାୟିତ୍ୱ ଏବଂ ପରିବେଶଗତ ସନ୍ତୁଳନ ମଧ୍ୟରେ ଏକ ଚିନ୍ତାଜନକ ବ୍ୟବଧାନ ସୃଷ୍ଟି କରୁଛି, ଯାହା ଦୀର୍ଘକାଳୀନ ଭାବେ ଆମର ସାମାଜିକ-ଅର୍ଥନୈତିକ ସଫଳତାକୁ ମଧ୍ୟ ପ୍ରଭାବିତ କରିପାରେ ।

ଭାରତର ଶକ୍ତି କ୍ଷେତ୍ର ଏହି ଅସନ୍ତୁଳନର ଏକ ପ୍ରମୁଖ ଉଦାହରଣ । ସ୍ଥାୟୀ ବିକାଶ ଲକ୍ଷ୍ୟ-୧୩ (ଜଳବାୟୁ ପଦକ୍ଷେପ) ହାସଲ ପଥରେ ଆମର ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା । ଦେଶର ୭୦%ରୁ ଅଧିକ ବିଦ୍ୟୁତ ଶକ୍ତିର ଆବଶ୍ୟକତା କୋଇଲା ମାଧ୍ୟମରେ ପୂରଣ ହେଉଛି, ଯାହା ଅର୍ଥନୀତିକୁ ଗତି ଦେଉଥିବାବେଳେ ପରିବେଶ ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଉଛି । ଏହାର ପରିଣାମ ସ୍ୱରୂପ, ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ତମ କାର୍ବନ ଉତ୍ସର୍ଜନକାରୀ ରାଷ୍ଟ୍ର । ଯଦିଓ ଆମେ ନବୀକରଣଯୋଗ୍ୟ ଶକ୍ତିର ପ୍ରତିଷ୍ଠାପିତ କ୍ଷମତାକୁ ପ୍ରାୟ ୪୫% ପର୍ଯ୍ୟନ୍ତ ବୃଦ୍ଧି କରିପାରିଛୁ, ବାସ୍ତବ ଉତ୍ପାଦନରେ ଏହାର ଭାଗ ମାତ୍ର ୨୨-୨୪% ମଧ୍ୟରେ ସୀମିତ ରହିଛି । ଏହି ପାର୍ଥକ୍ୟ ପଛରେ ଗ୍ରୀଡ୍ ଏକୀକରଣ, ଶକ୍ତି ସଂରକ୍ଷଣ ବ୍ୟବସ୍ଥାର ଅଭାବ ଏବଂ ସୌର ଓ ପବନ ଶକ୍ତିର ଅନିୟମିତତା ଭଳି ବୈଷୟିକ ଏବଂ ନୀତିଗତ ଆହ୍ୱାନ ରହିଛି । ଏହା ସ୍ପଷ୍ଟ କରୁଛି ଯେ କେବଳ କ୍ଷମତା ସ୍ଥାପନ ଯଥେଷ୍ଟ ନୁହେଁ, ବରଂ ଜୀବାଶ୍ମ ଇନ୍ଧନ ଉପରୁ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏକ ସୁଚିନ୍ତିତ ଏବଂ ଦୀର୍ଘମିଆଦୀ ରଣନୀତିର ଆବଶ୍ୟକତା ରହିଛି ।

ସେହିପରି, ଦେଶରେ ଜଳ ପରିଚାଳନା ସ୍ଥାୟୀ ବିକାଶ ଲକ୍ଷ୍ୟ-୬ (ସ୍ୱଚ୍ଛ ଜଳ ଏବଂ ପରିମଳ) ହାସଲ ଦିଗରେ ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି । ନୀତି ଆୟୋଗର ଆକଳନ ଅନୁସାରେ, ଦେଶର ପ୍ରାୟ ୬୦ କୋଟି ଲୋକ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରଭାବ କୃଷି ଉପରେ ସବୁଠାରୁ ଅଧିକ, କାରଣ ଭାରତର ମୋଟ ଜଳ ବ୍ୟବହାରର ପ୍ରାୟ ୮୦% କୃଷି କ୍ଷେତ୍ରରେ ହୋଇଥାଏ। ଜଳ ସଙ୍କଟ ସିଧାସଳଖ ସ୍ଥାୟୀ ବିକାଶ ଲକ୍ଷ୍ୟ-୨ (ଶୂନ୍ୟ କ୍ଷୁଧା) ପାଇଁ ବିପଦ ସୃଷ୍ଟି କରୁଛି । ଏଥିସହିତ, ଦେଶରେ ଉତ୍ପନ୍ନ ହେଉଥିବା ମୋଟ ନର୍ଦ୍ଦମା ଜଳର ପ୍ରାୟ ୭୦% ବିନା କୌଣସି ବିଶୋଧନରେ ସିଧାସଳଖ ନଦୀ ଏବଂ ଅନ୍ୟାନ୍ୟ ଜଳାଶୟରେ ମିଶୁଛି । ଏହା କେବଳ ଜଳ ସମ୍ପଦକୁ ଦୂଷିତ କରୁନାହିଁ, ବରଂ ଜଳବାହିତ ରୋଗର ବ୍ୟାପକତା ବୃଦ୍ଧି କରି ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ପକାଉଛି । 'ଜଳ ଜୀବନ ମିଶନ' ଭଳି ପଦକ୍ଷେପଗୁଡ଼ିକ ଘରେ ଘରେ ପାଣି ପହଞ୍ଚାଇବା ଉପରେ ଧ୍ୟାନ ଦେଉଥିବାବେଳେ, ଜଳ ଉତ୍ସର ସ୍ଥାୟିତ୍ୱ, ପୁନଃଚକ୍ରଣ ଏବଂ ଜଳର ଦକ୍ଷ ବ୍ୟବହାର ଉପରେ ସମାନ ଗୁରୁତ୍ୱ ଦେବା ଜରୁରୀ।

ଦ୍ରୁତ ଏବଂ ଅନିୟନ୍ତ୍ରିତ ସହରୀକରଣ ସ୍ଥାୟୀ ବିକାଶ ଲକ୍ଷ୍ୟ-୧୧ (ସ୍ଥାୟୀ ସହର ଏବଂ ସମୁଦାୟ) ପାଇଁ ନୂତନ ଆହ୍ୱାନ ସୃଷ୍ଟି କରିଛି । ସରକାରୀ ତଥ୍ୟ ଅନୁସାରେ, ପ୍ରତି ଚାରିଜଣ ସହରୀ ବାସିନ୍ଦାଙ୍କ ମଧ୍ୟରୁ ଜଣେ ବସ୍ତିରେ ବାସ କରନ୍ତି, ଯେଉଁଠାରେ ମୌଳିକ ସୁବିଧାର ଅଭାବ ସେମାନଙ୍କ ଜୀବନମାନକୁ ପ୍ରଭାବିତ କରୁଛି । ବିଶ୍ୱ ବ୍ୟାଙ୍କର ଏକ ଅଧ୍ୟୟନ ଅନୁସାରେ, ଭାରତର ସମଗ୍ର ୧୪୦ କୋଟି ଜନସଂଖ୍ୟା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡଠାରୁ ଅଧିକ ବାୟୁ ପ୍ରଦୂଷଣର ସମ୍ମୁଖୀନ ହେଉଛନ୍ତି । ଏହାର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ଯାନବାହାନ ଓ ଶିଳ୍ପରୁ ନିର୍ଗତ ଧୂଆଁ, ନିର୍ମାଣ କାର୍ଯ୍ୟ ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଦୁର୍ବଳତା ଅନ୍ତର୍ଭୁକ୍ତ, ଯାହା ସ୍ଥାୟୀ ବିକାଶ ଲକ୍ଷ୍ୟ-୧୨ (ଦାୟିତ୍ୱପୂର୍ଣ୍ଣ ଉପଭୋଗ ଏବଂ ଉତ୍ପାଦନ) ର ମୂଳ ସିଦ୍ଧାନ୍ତର ପରିପନ୍ଥୀ । ଦେଶରେ ସଂଗୃହିତ ହେଉଥିବା ମୋଟ କଠିନ ବର୍ଜ୍ୟବସ୍ତୁର ପ୍ରାୟ ୬୦% ପ୍ରକ୍ରିୟାକରଣ ହେଉଥିବା ବେଳେ, ଅବଶିଷ୍ଟ ବର୍ଜ୍ୟବସ୍ତୁ ପରିବେଶ ପ୍ରଦୂଷଣର କାରଣ ପାଲଟୁଛି ଏବଂ ସହରଗୁଡ଼ିକର ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟକର ପରିବେଶକୁ ନଷ୍ଟ କରୁଛି ।

୨୦୩୦ ଲକ୍ଷ୍ୟ ହାସଲ ପାଇଁ ମାତ୍ର ପାଞ୍ଚ ବର୍ଷ ବାକି ଥିବା ବେଳେ, ଏକ ସମନ୍ୱିତ ଏବଂ ସୁଚିନ୍ତିତ ରଣନୀତିର ଆବଶ୍ୟକତା ଅପରିହାର୍ଯ୍ୟ । ଆମକୁ ବୁଝିବାକୁ ହେବ ଯେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଉଭୟ ଅପରିହାର୍ଯ୍ୟ । ଏଥିପାଇଁ କେବଳ ନୀତି ନିର୍ଦ୍ଧାରଣ ଯଥେଷ୍ଟ ନୁହେଁ, ବରଂ ଦୃଢ଼ ନିୟାମକ କାର୍ଯ୍ୟକାରିତା, ସବୁଜ ପ୍ରଯୁକ୍ତିବିଦ୍ୟାରେ ନିବେଶ, ସହରୀ ଯୋଜନାରେ ପରିବେଶକୁ ପ୍ରାଥମିକତା ଏବଂ ଜନସାଧାରଣଙ୍କ ସକ୍ରିୟ ସହଭାଗିତା ମଧ୍ୟ ଏକାନ୍ତ ଆବଶ୍ୟକ । ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ସନ୍ତୁଳିତ ପଥ ଅନୁସରଣ କରିବା ହିଁ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ଏବଂ ଏହା ହିଁ ଏକ ବିକଶିତ ରାଷ୍ଟ୍ର ଭାବରେ ଭାରତର ଭବିଷ୍ୟତକୁ ସୁନିଶ୍ଚିତ କରିବ ।



# ବିକଳାଙ୍ଗ ନ୍ୟାୟ ବ୍ୟବସ୍ଥା

**ଆଶୁତୋଷ ନାୟକ**

ଜନ୍ମରୁ ମୃତ୍ୟୁ ପ୍ରଯ୍ୟନ୍ତ ଆମ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ କୋଟି କୋଟି ଟଙ୍କା ଯୋଜନା ନାମରେ ହରିଲୁଟ କରୁଛନ୍ତି ଆମ ସମାଜର ବଡ଼ପଣ୍ଡା ବୋଲାଉଥିବା ନେତା, ମନ୍ତ୍ରୀ, ଅଫିସର । ରାଜନେତାଙ୍କ ଛତ୍ରଛାୟା ତଳେ ବଡ଼ବାବୁ, ଆଇଏସ ଅଫିସର ମାନେ କୋଟି କୋଟି ଟଙ୍କା ହରିଲୁଟ କରୁଛନ୍ତି ସାଧାରଣ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ନିଜର ବିଶାଳ ସାମ୍ରାଜ୍ୟ ନିର୍ମାଣ ରେ ବିନିଯୋଗ କରୁଛନ୍ତି । ଆମ ରାଜ୍ୟ ଓଡିଶାରେ ଏବେ କିଛି ଦିନ ମଧ୍ୟରେ ଅନେକ ବଡ଼ ମାଛ କୋଟିପତି ବାବୁ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି ।

ଆମ ଦେଶରେ ବିଭିନ୍ନ ରାଜନୈତିକ ଦଳ କ୍ଷମତାରେ ରହିଛନ୍ତି। କିନ୍ତୁ ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ମଧ ସାଧାରଣ ଗରିବ ଓ ମଧ୍ୟବିତ୍ତଙ୍କ ମୁଣ୍ଡପିଛା ଆୟ ସେପରି ଆଖିଦୃଶିଆ ବୃଦ୍ଧି ହୋଇନାହିଁ । ଏହାର ମୁଖ୍ୟ କାରଣ ହେଉଛି ସବୁ ରାଜନୈତିକ ଦଳ ମାନଙ୍କର ଗୋଟିଏ ଲକ୍ଷ୍ୟ ଭୋଟବ୍ୟାଙ୍କ ରାଜନୀତି । ମାଳ ମାଳ ଯୋଜନା ପ୍ରଣୟନ କରାଯାଉଛି କିନ୍ତୁ ସବୁ ରାଜନୈତିକ ଦଳ ମାନଙ୍କର ଯୋଜନାରେ ନିଜର ରାଜନୈତିକ ଅଭିଳାଷା ରହୁଛି ଯାହାଫଳରେ ନାଲି ଫିତା ତଳେ କାଗଜ କଲମରେ ଯୋଜନାର ରୂପରେଖ ରହିଯାଉଛି । ରାଜନୀତିର ପଶାପାଲିରେ ପେଶି ହେଉଛନ୍ତି ସାଧାରଣ ଗରିବ, ମଧ୍ୟବିତ୍ତ । ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆଜିବି ଅନେକ ଅସହାୟ ବ୍ୟକ୍ତି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରୁ ବଞ୍ଚିତ। ସେମାନଙ୍କ ପାଇଁ ଯୋଜନା ଗୁଡିକ 'ଆକାଶ କଇଆ, ଚିଲିକା ମାଛ ସଦୃଶ'। ସ୍ୱାଧୀନତାର ଏତେବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ ଆଜି ଯାଏ କୌଣସି ରାଜନୈତିକ ଦଳ ସାଧାରଣ ଜନତାଙ୍କୁ ଆତ୍ମନିର୍ଭରଶୀଳ କରିବାପାଇଁ ସେପରି ଯୋଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚି ଟୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨% ଜିଏସଟି ଆଦାୟ କରୁଛନ୍ତି ।ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ'। ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ ।

ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରର ରିପୋର୍ଟ ଅନୁସାରେ ୨୦୧୪ ମସିହାରେ ୨୭୦୦୦ ମହିଳା ବିଭିନ୍ନ ସମସ୍ୟା ପାଇଁ ଆତ୍ମହତ୍ୟା କରିଥିଲେ ଏବଂ ୬୦୦୦୦ ପୁରୁଷ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହୋଇଥିଲେ । ୨୦୧୯ ମସିହାରେ ପାଖାପାଖି ୧ଲକ୍ଷ ୧୮ହଜାର ବ୍ୟକ୍ତି ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ୮୦୦୦୦ ପୁରୁଷ ଏବଂ ୩୪୦୦୦ ମହିଳା ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି । ୨୦୨୧ମସିହାରେ ଆମ ଦେଶରେ ୧ଲକ୍ଷ ୬୪ହଜାରରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି ।ସେଥିମଧ୍ୟରୁ ବିବାହିତ ପୁରୁଷଙ୍କ ସଂଖ୍ୟା ୮୧୦୦୦ ଏବଂ ମହିଳାଙ୍କ ସଂଖ୍ୟା ୨୮,୬୮୦ ରହିଥିଲା ।

ନିକଟରେ ବେଙ୍ଗାଲୁରରେ ଏକ ଆଇଟି କମ୍ପାନୀର ଯୁବ ଏଆଇ ଇଞ୍ଜିନିୟର ଅତୁଲ ସୁବାଷ ଆମ ଆଇନ ବ୍ୟବସ୍ଥାରେ ରହିଥିବା ସାଙ୍ଘାତିକ ତ୍ରୁଟି ଏବଂ ପତ୍ନୀ ଓ ଶାଶୁଙ୍କ ଅକଥନୀୟ ମାନସିକ ନିର୍ଯ୍ୟାତନା ଓ ଅତ୍ୟାଚାର ସହିନପାରି ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି । ଆତ୍ମହତ୍ୟା କରିବା ପୂର୍ବରୁ ଦେଇଥିବା ୮୦ମିନିଟର ଶେଷ ଭିଡ଼ିଓ ସନ୍ଦେଶ ଏବଂ ୨୪ପୃଷ୍ଠାର ଚିଠି ଅତ୍ୟନ୍ତ ହୃଦୟବିଦାରକ ଓ ଦୁଃଖଦ । ଆମ ପ୍ରଶାସନ ଓ ସରକାରଙ୍କୁ ଏହା ଗୁରୁତର ସହ ନେବାକୁ ପଡିବ ।ଆମ ନ୍ୟାୟ ବ୍ୟବସ୍ଥା କିପରି ବିକଳାଙ୍ଗ ହୋଇପଡିଛି ଏହି ଘଟଣା ଏହାର ଜ୍ୱଳନ୍ତ ପ୍ରମାଣ । ଆମ ସମାଜରେ ପ୍ରତିଷ୍ଠିତ ଅନେକ ବିଦ୍ୱାନ ବ୍ୟକ୍ତି ଏହା ମତବ୍ୟକ୍ତ କରନ୍ତି କି ମୃତ୍ୟୁ ପୂର୍ବରୁ ଦିଆଯାଇଥିବା ମନ୍ତବ୍ୟ କଦାପି ମିଥ୍ୟା ହୋଇନଥାଏ ।

ଏକ ଏନଜିଓକୁ ଲେଖିଥିବା ନିଜ ୨୪ପୃଷ୍ଠାର ଚିଠିରେ ଅତୁଲ ରାଷ୍ଟ୍ରପତିଙ୍କ ନାମ ଉଲେଖ କରି ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥା କଥା ବି କହିଛନ୍ତି । ଅତୁଲ ଲେଖିଥିବା ଚିଠିର ପ୍ରତି ପୃଷ୍ଠାରେ 'ମୋତେ ନ୍ୟାୟ ମିଳିବା ଉଚିତ' ବୋଲି ଲେଖିଛନ୍ତି । ମୃତ୍ୟୁ ପରେ ତାଙ୍କ ପ୍ରାର୍ଥିବ ଶରୀରକୁ ପତ୍ନୀଙ୍କୁ ନଛୁଇବାକୁ ସେ କହିଛନ୍ତି । ତାଙ୍କୁ ନିର୍ଯାତନା ଦେଇଥିବା ପ୍ରତ୍ୟେକ ବ୍ୟକ୍ତି ଦଣ୍ଡ ନପାଇବା ପ୍ରଯ୍ୟନ୍ତ ଅସ୍ଥି ବିସର୍ଜନ ନକରିବାକୁ ସେ ପରିବାରବର୍ଗ କୁ ଅନୁରୋଧ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ସବୁକିଛି ପ୍ରମାଣ ଥାଇ ଯଦି ଆମ ବ୍ୟବସ୍ଥା ତାଙ୍କୁ ନ୍ୟାୟ ଦେବାକୁ ଅସମର୍ଥ ହୁଏ ତେବେ ତାଙ୍କ ଅସ୍ଥିକୁ ଅଦାଲତ ବାହାରେ ଥିବା ନାଳରେ ଭାଷାଇଦେବାକୁ ସେ ଅନୁରୋଧ କରିଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ ।

ନିଜ ଶେଷ ଭିଡ଼ିଓ ସନ୍ଦେଶରେ ନିଜର ଦୁଃଖଭରା ଜୀବନ ବୃତ୍ତାନ୍ତକୁ ବର୍ଣନା କରିଛନ୍ତି । ବିବାହର ଦୁଇ ବର୍ଷ ପରେ ତାଙ୍କ ପତ୍ନୀ ଦେଢ଼ବର୍ଷର ପୁଅ ସହ ଛାଡି ପଳାଇଥିଲେ । ବାହାରେ ରହି ସବୁବେଳେ ଟଙ୍କା ଦେବା ପାଇଁ କହି ଶୋଷଣ କରୁଥିଲେ ।ପ୍ରତିମାସ ୪୦ହଜାର ଟଙ୍କା ଭରଣପୋଷଣ ପାଇଁ ନେଉଥିଲେ କିନ୍ତୁ ପିଲାପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା କହି ୨-୪ଲକ୍ଷ ଟଙ୍କା ଦାବି କରିଥିଲେ । କୋର୍ଟରେ ମାମଲା ଯାଇଥିଲା କିନ୍ତୁ ଜୌନପୁର ଫାମିଲି କୋର୍ଟର ଲେଡି ବିଚାରପତି ରିତା କୌଶିକ ମାମଲା ଦଫାରଫା ପାଇଁ ତାଙ୍କୁ ୫ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ଅତୁଲ କହିଛନ୍ତି ।

ଡ଼ିସେମ୍ବର ୯ତାରିଖରେ ଇଣ୍ଟରନେଟରେ ୮୦ମିନିଟର ଭିଡ଼ିଓ ସନ୍ଦେଶ ଜାରି କରି ଆତ୍ମହତ୍ୟାର କାରଣ ସହ ନିଜର ଶେଷ ଇଚ୍ଛା ଏବଂ ଆମ ଆଇନ ବ୍ୟବସ୍ଥାର ବିକଳ ଚିତ୍ରକୁ ଉପସ୍ଥାପନା କରିଥିଲେ ଓ ନିଜ ଜୀବନକୁ ଶେଷ କରିବା ହିଁ ଅନ୍ତିମ ବିକଳ୍ପ ବୋଲି କହିଥିଲେ । ସେ ଆହୁରି ମଧ କହିଛନ୍ତି ଷଡଯନ୍ତ୍ର କରି କିପରି ତାଙ୍କ ବିରୁଦ୍ଧରେ ୧୦ରୁ ଅଧିକ ମିଥ୍ୟା ମାମଲା କରାଯାଇଥିଲା । ଆମ ଭ୍ରଷ୍ଟ ନ୍ୟାୟ ବ୍ୟବସ୍ଥା ହିଁ ତାଙ୍କ ଆତ୍ମହତ୍ୟାର ପ୍ରମୁଖ କାରଣ । ଅତୁଲଙ୍କୁ ଆତ୍ମହତ୍ୟା କରିବା ପାଇଁ ତାଙ୍କ ପତ୍ନୀ ଓ ଶାଶୁ ଉସୁକାଇଥିବା ତାଙ୍କ ଭିଡ଼ିଓ ସନ୍ଦେଶରେ ସେ ଉପସ୍ଥାପନା କରିଛନ୍ତି ।

ଫାମିଲି କୋର୍ଟକୁ ବାରମ୍ବାର ଦୌଡିଦୌଡି ସେ ନୟାନ୍ତ ହୋଇପଡିଥିଲେ ।ନ୍ୟାୟ ବଦଳରେ କୋର୍ଟରୁ ମିଳିଥିଲା ପ୍ରତାରଣା ଏହାକୁ ସେ ନିଜର ଶେଷ ଭିଡ଼ିଓ ସନ୍ଦେଶରେ ବର୍ଣନା କରିଛନ୍ତି ।

ଏବେ ନିକଟରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଏଡ଼ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଏବଂ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଜୀବନ ଯୁଦ୍ଧ ଲଢେଇରେ ହାରିଯିବା ଘଟଣା ସାରା ଓଡିଶାବାସୀଙ୍କୁ ଗଭୀର ମର୍ମାହତ କରିଛି । ଏହି ଘଟଣା ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟବିଦାରକ ଏହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ବିଏଡ଼ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ଅଭିଯୋଗ ଅନୁସାରେ ସେହି ବିଭାଗର ମୁଖ୍ୟ ଅଧ୍ୟାପକ ତାଙ୍କୁ ବାରମ୍ବାର ମାନସିକ ନିର୍ଯାତନା ଦେଉଥିଲେ ଏବଂ ଶାରୀରିକ ସମ୍ପର୍କ ରଖିବା ପାଇଁ ତାଙ୍କ ଉପରେ ଚାପ ପକାଉଥିଲେ ଏହାସହିତ ସେମିଷ୍ଟାର ପରୀକ୍ଷାରେ ଫେଲ କରିଦେବେ ବୋଲି ବାରମ୍ବାର ଧମକ ଦେଉଥିଲେ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ତତ୍କାଳୀନ ଫକୀରମୋହନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏହି ବିଷୟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ସେ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ଏବଂ ଘଟଣାକୁ ଚାପିଦେବାକୁ ଉଦ୍ୟମ କରିଥିଲେ ଏବଂ ଅଭିଯୁକ୍ତ ମୁଖ୍ୟ ଅଧ୍ୟାପକଙ୍କୁ ଘଣ୍ଟଘୋଡାଉ ଥିଲେ। ଏଥିରେ ନିଶ୍ଚିତ ଭାବରେ ତାଙ୍କର ସମ୍ପୃକ୍ତି ରହିଛି ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

ସୌମ୍ୟାଶ୍ରୀ ଦୀର୍ଘ ଛଅ ମାସରୁ ଉର୍ଦ୍ଧ ସମୟ ମାନସିକ ଯନ୍ତ୍ରଣା ସହିଚାଲିଥିଲେ । ନିଜର ହୃଦୟର କୋହକୁ ଛାତି ତଳେ ଚାପି ରଖିଥିଲେ ନିଜର ବାପା, ମାଙ୍କ ପାଖରେ ମଧ ନିଜର ଦୁଃଖକୁ ପରିପ୍ରକାଶ କରିନଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ତଳଠୁ ଉଚ୍ଚପଦସ୍ଥ ଅଧିକାରୀ ପ୍ରଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ ଏବଂ ବାଲେଶ୍ୱରର ସମସ୍ତ ଜନପ୍ରତିନିଧି ଯେପରିକି ସାଂସଦ, ବିଧାୟକ, ବିରୋଧୀ ଦଳର ନେତା, ମନ୍ତ୍ରୀଙ୍କୁ ଆକୁଳ ନିବେଦନ କରି ନ୍ୟାୟ ଭିକ୍ଷା କରିଥିଲେ । କିନ୍ତୁ କେହି ତାଙ୍କର ଗୁହାରି ଶୁଣିନଥିଲେ ସମସ୍ତେ କେବଳ ମିଛ ପ୍ରତିଶୃତି, ମିଛ ଆଶ୍ୱାସନା ଦେଉଥିଲେ। ଏପରିକି ଯେଉଁଦିନ ସୁଶ୍ରୀ ସୌମ୍ୟାଶ୍ରୀ ଆତ୍ମାହୃତି ଉଦ୍ୟମ କରିଥିଲେ ସେହିଦିନ ସେହିସମୟରେ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଥିଲେ କିନ୍ତୁ ସେ ନିରାଶ କରିଥିଲେ । କିଛିଦିନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ସୌମ୍ୟାଶ୍ରୀ ନିଜ ସହିତ ହୋଇଥିବା ଅତ୍ୟାଚାର, ଅନ୍ୟାୟ ପରିପ୍ରକାଶ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଠାରୁ ଆରମ୍ଭ କରି ସମସ୍ତ ନେତା,ମନ୍ତ୍ରୀ, ବିଧାୟକ, ସାଂସଦ, ବିରୋଧୀ ଦଳ ନେତା ପ୍ରଯ୍ୟନ୍ତ ସମସ୍ତଙ୍କୁ ନ୍ୟାୟ ପାଇଁ ଆକୁଳ ନିବେଦନ କରିଥିଲେ । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କେହି ତାଙ୍କର ଗୁହାରି ଶୁଣିନଥିଲେ । ସୌମ୍ୟାଶ୍ରୀ ବଞ୍ଚିଥିବା ସମୟରେ ସବୁ ଜାଣି ମଧ ଆଗ ଧାଡ଼ିର ବଡ଼ ପ୍ରିଣ୍ଟ ମିଡ଼ିଆ, ନିଉଜ ଚାଁନେଲ, କେହି କିଛି ଭି ମୁହଁ ଖୋଲୁ ନଥିଲେ, ନେତା, ମନ୍ତ୍ରୀ, ଅଫିସର, ସମାଜସେବୀ, ବିରୋଧୀ ଦଳର ନେତା ସମସ୍ତେ ଯେପରି ଅନ୍ଧ,ମୁକ, ବଧିର ପାଲଟି ଯାଇଥିଲେ । ଜଣେ ନିରୀହ ଝିଅର ଜୀବନ ଦୀପ ଲିଭିଗଲା ପରେ ଏବେ ଛୋଟ ରୁ ବଡ଼ ପ୍ରଯ୍ୟନ୍ତ ସବୁ ନିଉଜ ଚାଁନେଲ, ଖବରକାଗଜ, ନେତା, ମନ୍ତ୍ରୀ, ସମାଜସେବୀ, ବିରୋଧୀ ଦଳ ଚିତ୍କାର କରୁଛନ୍ତି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଯେଉଁ ଲୋତକର ଅଶ୍ରୁ ଝରାଉଛନ୍ତି ଏଇ ସବୁ ପ୍ରହସନ କହିଲେ ଅତ୍ୟୁକ୍ତି ହେବନାହିଁ ।ସମସ୍ତେ ଏବେ ଲୋତକର ବନ୍ୟା କରୁଛନ୍ତି କିନ୍ତୁ କାହାରି ଆଖିରେ ଲୁହ ନାହିଁ । ନ୍ୟାୟର ସବୁ ରାସ୍ତା ଯେପରି ସୌମ୍ୟାଶ୍ରୀଙ୍କ ପାଇଁ ବନ୍ଦ ହୋଇଯାଇଥିଲା ।ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ଠାରୁ ଆରମ୍ଭ କରି, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଜାତୀୟମହିଳା କମିଶନ, ରାଷ୍ଟ୍ରପତି, ରାଜ୍ୟପାଳ ସମସ୍ତଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସ ରେ ଲିଖିତ ଭାବେ ଗୁହାରି କଲାପରେ ସୌମ୍ୟାଶ୍ରୀ ନିରାଶ ହୋଇଥିଲେ ।ସମସ୍ତେ ନିରବଦ୍ରଷ୍ଟା ସାଜିଥିଲେ । ସବୁଆଡୁ ନିରାଶ ହେଲା ପରେ ସୌମ୍ୟାଶ୍ରୀ ଅସହାୟ ହୋଇପଡ଼ିଥିଲେ ।ଶେଷରେ ସେ ନିଜ ଜୀବନକୁ ତୁଚ୍ଛ କରି ଆତ୍ମହୁତି ପରି ଚରମ ନିଷ୍ପତ୍ତି ନେଇଥିଲେ । ନିରବ ମୁକ ବଧିର ପ୍ରଶାସନର ଭ୍ରଷ୍ଟ ବ୍ୟବସ୍ଥା ପାଇଁ ବଳି ପଡିଲେ ବାଲେଶ୍ୱରର ଲଜୁଆ ସାହସୀ ଝିଅ ସୌମ୍ୟାଶ୍ରୀ।

ଗୋପାଳପୁର, ବାଲେଶ୍ୱର
ମୋ: ୭୦୨୦୬୧୧୩୦୦



# ଭଜ ନିତାଇଗୌର ନାମ

**ଶ୍ରୀହରିଗୁରୁ ବୈଷ୍ଣବ ଆଶ୍ରିତ ଅତୀଶ**

ଆମ ରାଜ୍ୟ ଓଡ଼ଶାରେ ପ୍ରାୟତଃ ବର୍ଷ ତମାମ ଘରେ କିମ୍ବା ମଠ ମନ୍ଦିରରେ ହରିନାମ କୀର୍ତ୍ତନ ଅଷ୍ଟପ୍ରହରୀ, ଚତୁର୍ଥ ପ୍ରହରୀ ବା କୌଣସି ମଠ ମନ୍ଦିରରେ ଅଖଣ୍ଡ ନାମ ହେଉଛି। ପ୍ରାୟତଃ ମହାମନ୍ତ୍ର ସବୁଠାରେ ନାମ ସଂକୀର୍ତ୍ତନ ହେଉଛି ସବୁ ଲୋକ ମହାମନ୍ତ୍ର ବିଷୟରେ ଅବଗତ ଆଉ କୋଉଠି (ଭଜ) ନିତାଇ ଗୌର ରାଧେଶ୍ୟାମ... ନାମ କୀର୍ତ୍ତନ ହେଉଛି ଏହି ନାମ କେଉଁଠୁ ଆସିଲା ? ଯିଏ ନାହିଁ ସିଏ ନିଜେ ନାମ ତିଆରି କରିଦେବ ତାକୁ କୀର୍ତ୍ତନ କରାଯିବ କି ? ଛୋଟ ବେଳେ ଥରେ ମୋର ମନେ ଅଛି ଆମ ଗାଁରେ ଜଣେ ଲୋକ କହିଲେ ଭଜ ନିତାଇ ଗୌର..... ନାମ କଣ କଳିର ତାରକ ମନ୍ତ୍ର ଯେ ଏହା ଅଷ୍ଟପ୍ରହରୀରେ କୀର୍ତ୍ତନ ହେବ ମୁଁ ଛୋଟ ଥିବାରୁ ତାହାର ଉତ୍ତର ଜାଣି ନଥିଲି। ତେବେ ଏହି ନିତାଇ ଗୌର ନାମ କିପରି ସୃଷ୍ଟି ହେଲା ଓ ତାହାର ଅର୍ଥ କ'ଣ ଜାଣିବା ଏହି ପ୍ରସଙ୍ଗରେ। ଦିନେ ସନ୍ଧ୍ୟା ସମୟରେ ସଦଗୁରୁଦେବ ନାମଚାୟ ଶ୍ରୀ ଶ୍ରୀ ବାୟା ବାବା ବସିଛନ୍ତି ଜଣେ ଭଦ୍ରଲୋକ ପ୍ରଶ୍ନ କଲେ ବାବା ଆପଣ କହନ୍ତି ଭଗବାନଙ୍କର ଯେ କୌଣସି ନାମ କଲେ ହେବ ତାହାହେଲେ କାହିଁକି ଆପଣଙ୍କ ପାଖରେ ସବୁବେଳେ (ଭଜ) ନିତାଇ ଗୌର ରାଧେ ଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ଏହି ନାମ ହେଉଛି ? ଯାହାର ଯେଉଁ ନାମ ଇଚ୍ଛା ସେହି ନାମ କଲେ ଚଳନ୍ତା ନାହିଁ ସବୁବେଳେ କାହିଁ ସେହି ଗୋଟିଏ ନାମ ହେବ ? ତା ଛଡ଼ା ଅନ୍ୟ ନାମ ଥାଉ ଥାଉ ଏହି ଗୋଟିଏ ନାମ ପ୍ରଚାର କରିବାର କଣ ଆବଶ୍ୟକତା ଅଛି ଏହା ଶୁଣି ଶ୍ରୀ ବାବା ଉତ୍ତର ଦେଲେ ଆପଣ ବୋଧେ ଅନ୍ୟମନସ୍କ ଥିଲେ ବାୟା କହିଲେ ଯାହାକୁ ଯେଉଁ ନାମ ଇଚ୍ଛା ହେଉଛି ସେ କରୁ ଆମକୁ ଏହି ନାମ ଭଲ ଲାଗୁଛି ତେଣୁ ଆମେ ତାହା କରୁଛୁ ତେଣୁ ଅଡୁଆ କୋଉଠି ରହିଲା। ଏହି ନାମ ଛାଡ଼ ଆମେ ଅନ୍ୟ କିଛି ଜାଣୁନ କଳ୍ପତରୁ ଶ୍ରୀଗୁରୁଦେବ ଏହି ନାମ ଶୁଣାଇ ଦେଇଛନ୍ତି ତେଣୁ ଘୋସି ହେଉଛୁ। ସାଧନା ଭଜନ କ'ଣ ଆମେ ଜାଣିଛୁ ? ସେ ଯାହା କହିଯାଇଛନ୍ତି ଆମେ ତାହା କରୁଛୁ। ତାଙ୍କ ଆନୁଗତ୍ୟରେ ତାଙ୍କ ଆଦେଶ ପାଳିବା ଆମ କର୍ତ୍ତବ୍ୟ। ଆମେ ହେଲୁ ଘଣା ବଳଦ ତେଲି ଆମକୁ ଏଥିରେ ଯୋଚି ଯାଇଛି। ଆମେ କି ଜାଣିଛୁ ଭଲ ମନ୍ଦ ଲାଭ କ୍ଷତି ? ଏ ଘଣା ନୂଆ କି ପୁରୁଣା ଏଥିରେ ତେଲ ବାହାରିବ କି ନାହିଁ ଆମେ ଜାଣିନୁ ତାହା ମଧ ଜାଣିବା ଦରକାର ନାହିଁ ସେ କାନ୍ଧରେ ଜୁଆଳି ଲଦି ଦେଇ ଯାଇଛନ୍ତି, ଆମେ ବୁଲୁଛୁ ଭଲ ମନ୍ଦ ସେ ତେଲି ଜାଣେ। ଭଗବାନଙ୍କ ଅନନ୍ତ ନାମ କେଉଁ ନାମ ଆମେ କରିବା ସେଥିପାଇଁ ନିଜେ କିଛି ବିଚାର ନକରି ଶ୍ରୀଗୁରୁଦେବଙ୍କ ଅଦିଷ୍ଟରେ ନାମ କରିବା ନିରାପଦ ଯେତେବେଳେ ଯାହା ଇଚ୍ଛା ହେଲା ସେ ନାମ କରିବା ଦ୍ୱାରା ସାଧନା ପୂର୍ଣ୍ଣ ହୁଏ ନାହିଁ। ତେଣୁ ଗୁରୁ ପରମ୍ପରା ଅନୁସାରେ ସାଧନା କରିବାକୁ ହୁଏ। ସେଥିପାଇଁ ବାୟା କହୁଛି ଶ୍ରୀ କଳ୍ପତରୁ ଗୁରୁଦେବ ଯେଉଁ ନାମ କରିବାକୁ କହିଛନ୍ତି ତାହା ଆମେ କରୁଛୁ। ଏହି ନାମ କିପରି ସୃଷ୍ଟି ହେଲା ଜାଣିଛନ୍ତି ଶ୍ରୀ ଶ୍ରୀ ବଡ଼ବାବାଜୀ ରାଧା ରମଣ ଦେବ ମହାରାଜ ଜଣେ ଶକ୍ତିଧର ମହାପୁରୁଷ ଥରେ ନଦିଆ ଜିଲ୍ଲାର କୃଷ୍ଣ ନଗର ଠାରେ ଜଣେ ଭକ୍ତଙ୍କ ଗୃହରେ କୀର୍ତ୍ତନ କରୁଥାନ୍ତି। କୀର୍ତ୍ତନରେ ମହାଭାବରେ ମତୁଆଲା ହୋଇ ସେଠାରେ ଥିବା କାନ୍ଥକୁ ଆଉଜି ହୋଇ ଠିଆ ହୋଇଥାନ୍ତି ହଠାତ୍ ତାଙ୍କ ମୁଖରୁ ସେହି ମହାଭବ ଅବସ୍ଥାରେ (ଭଜ) ନିତାଇ ଗୌର ରାଧେଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ନାମ ପ୍ରକଟ ହେଲା ସେ ଯେଉଁଠାରେ ଠିଆ ହୋଇଥିଲେ ସେ ପଥର ଚଟାଣରେ ତାଙ୍କ ପାଦ ଚିହ୍ନ ରହିଗଲା। ଭଗବାନ ଯେପରି ସ୍ୱପ୍ରକାଶ ନିଜେ ଇଚ୍ଛା କଲେ ଯେଉଁଠାରେ ଯେମିତି ସ୍ୱ ପ୍ରକାଶ କରନ୍ତି ସେହିପରି ତାଙ୍କ ନାମ ମଧ ସେହିପରି ସ୍ୱତ୍ୱ ପ୍ରକାଶିତ ହୋଇଥାନ୍ତି। ଶୁଦ୍ଧ ଆଧାର ଦେଖିଲେ ନାମ ବା ମନ୍ତ୍ର ସେଠାରେ ପ୍ରକାଶିତ ହୁଅନ୍ତି। ଯୁଗ ଅନୁସାର ଭଗବାନ ଯେପରି ଭିନ୍ନ ଭିନ୍ନ ଅବତାର ନିଅନ୍ତି ସେହିପରି ନିତ୍ୟସିଦ୍ଧ ନାମ ମଧ ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଭାବରେ ପ୍ରକାଶ ହୁଅନ୍ତି। ଏଥିରେ ନୂଆ ପୁରୁଣା କିଛି ନାହିଁ ନିତାଇ ଗୌର କଣ ନୂଆ ନା ହରେ କୃଷ୍ଣ ନାମ ନୂଆ ? ଏଥିରେ କୌଣସି ନାମ ନୂଆ ନୁହେଁ। କେବଳ ସାଧନକ୍ରମରେ ଏହି ନାମମାଳା ଗୁନ୍ଥା ହୋଇଛି। ଦେଖିଥିବେ ଠାକୁରଙ୍କ ପାଖରେ ଯେଉଁ ମାଳା ଲାଗିହୁଏ, ତାହା ବିଚାର ହୁଅ ଫୁଲ ଉପରେ ମାଳା ଉପରେ ନହେଁ। ମଲ୍ଲୀ, ମାଳତୀ, ଯାଇ, ଜୁଇ, କଦମ୍ବ, ବଉଳ ଏହି ଫୁଲର ସବୁ ଠାକୁରଙ୍କୁ ଲାଗି ହୁଅ ଏହାର ମାଳା ମଧ ମାଳୀ ମାଳା ଗୁନ୍ଥିଲା ବେଳେ କିପରି ସୁନ୍ଦର ଦେଖାଯିବ ମାଳୀ ବିଚାର କରି କାହାକୁ ଆଗରେ ପଛରେ ଫୁଲ ମାନଙ୍କୁ ଗୁନ୍ଥିଛି ତେଣୁ ସେଥିରେ କାହିଁକି ନୂଆ ପୁରୁଣା ବିଚାର ହେବ ? ତେଣୁ ଏହି ନିତାଇ ଗୌର ନାମ ନୂଆ ନୁହେଁ।

ସାଧ ସାଧନା ଭେଦରେ ତାହା ଗୁନ୍ଥା ଯାଇଛି ମାତ୍ର। ଭଜ ଓ ଜପ ଦ୍ୱାରା ସାଧ ସାଧନ ନିର୍ଣ୍ଣୟ କରାଯାଇଛି। ଯାହା ଲାଭ କରିବାକୁ ସାଧନ କରାଯାଏ ତାହା ସାଧ ଯାହା କରାଯାଏ ତାହା ସାଧନା। ଏହି ଯେଉଁ ନାମ ମାଳା ଦେଖୁଛନ୍ତି ସେଥିରେ କ୍ରମାନ୍ୱୟରେ ସାଧ ସାଧନା କଥା କୁହାଯାଇଛି। ସାଧ ହେଲା ଭଜ ନିତାଇ ଗୌର ରାଧେଶ୍ୟାମ। ସାଧନ ହେଲା ଜପ ହରେ କୃଷ୍ଣ ହରେ ରାମ। ଆଗ ନିତାଇଙ୍କୁ ଡାକ କାରଣ କଳିପୀଡ଼ିତ ଜୀବ ମାନଙ୍କୁ ଦେଖି ତାଙ୍କ ପରାଣ କାନ୍ଦୁଛି କିପରି ଉଦ୍ଧର ହେବ ଓ ସେ କୃପା କଲେ ଗୌର ମିଳିବେ। ନିତାଇ ଦୟା କିପରି ହେବ ? ହରେକୃଷ୍ଣ ହରେ ରାମ ଜପ କଲେ। ଯଦି ମନରେ ଆସେ ଏହି ଗୌର କିଏ ତେବେ ଉତ୍ତର ହେଉଛି ରାଧେଶ୍ୟାମ ଅର୍ଥାତ୍ ରାଧାକୃଷ୍ଣଙ୍କ ମିଳିତ ବିଗ୍ରହ ହେଉଛନ୍ତି ଶ୍ରୀ ଗୌରାଙ୍ଗ ମହାପ୍ରଭୁ ଏହାଠାରୁ ବଳି ବଡ଼ ସାଧନ କରିବା ନିରାପଦ ଉପାୟ କ'ଣ ? ଏହି ପ୍ରଶ୍ନ ଉତ୍ତର ହେଲା ନିରପରାଧରେ ହରେ କୃଷ୍ଣ ହରେ ରାମ ଜପ କରିବା। ରସଗୋଲା ସମ୍ବନ୍ଧରେ ଖାଲି ପଚାରିଲେ ହେବନି ଖାଇବାକୁ ହୁଏ। ଗୁରୁଦେବଙ୍କ ଅନୁଗତ୍ୟର ଯେତେ ପାରୁଛ ନାମ କରିଯାନ୍ତି ସବୁ ପାଇବେ। ତେଣୁ ଏହି ଦିବ୍ୟ ନାମ ନାମ ସଂକୀର୍ତ୍ତନ କରିବା ବିଧି। ଏହି ନାମର ପ୍ରମାଣ ସ୍ୱରୂପ ସେହି ପାଦପଦ୍ମ ପଥର ଏବେ କଟକ ସ୍ଥିତ ପୁରୀଘାଟ ଥାନା ପାଖରେ ଥିବା ଶ୍ରୀ ରାସବିହାରୀ ମଠରେ ଏକ ମନ୍ଦିର ମଧ୍ୟରେ ପୂଜା ପାଉଛି ସର୍ବସାଧାରଣଙ୍କ ଦର୍ଶନ କରିପାରିବେ ଯାହାକି ନିତାଇ ଗୌର ନାମ କିପରି ସ୍ୱପ୍ରକଟ ଓ ଚିନ୍ମୟ ତାହା ଅନୁଭବ ହୁଅ ତାକୁ ଦେଖି। ନିତାଇ ଗୌର ହରିବୋଲ।

+ମୋ: ୬୩୭୧୫୮୦୫୨୪






## କର୍ମଫଳ

**ପ୍ରମୋଦ କୁମାର ମହାପାତ୍ର**

ପାକ୍‌ର ନାପାକ୍ ଖେଳ
ହାରିକି ବି ହୁଏ ଫିଲଡ଼ ମାର୍ଶାଲ,
ଘରେ ପୋଷି ଆତଙ୍କବାଦୀ ଦଳ,
ପୁଣି ଏମିତି ନିର୍ଲଜ,
କହିଲ - 'ଆମେ ନିର୍ଦ୍ଦୋଷ, ତଦନ୍ତ
କରିବା ଚାଲ !'
ବ୍ରହ୍ମୋସ୍ ମାଡ଼ରେ ଆଣ୍ଠେଇଲ,ମହା
ପରାକ୍ରମୀ ଭାରତ,
କାଳ ନୁହେଁ ସେ ମହାକାଳ...
ଖର୍ବ ତା' ଆଗେ
ତୁମ ବିଚାର, ବୁଦ୍ଧି, ଅକଲ;
ବିଶ୍ୱ ଆଗରେ ବେନକାବ୍
ତୁମ ଛଳ !
ସ୍ଥଗିତ ଚୁକ୍ତି ସିନ୍ଧୁଜଳ-ମୁଣ୍ଡରେ
ପଡିଲା ତାଳ
ହାଏରେ ଫଟା କପାଳ,
ଏବେ ଧାଇଁବ
ଷଣ୍ଢ ପଛେ ଯେହ୍ନେ ଶୃଗାଳ...
ପ୍ରାପ୍ୟ ନିଶ୍ଚେ
ଅପରିଣାମଦର୍ଶୀ ଅର୍ଜିତ କର୍ମଫଳ !!

+ କଳାପାଣି,ବରଗଡ଼
ମୋ -୯୪୩୭୫୬୭୮୩୧୧

## ତା' ର ହାତ ଅଛି

**ଜଗନ୍ ପାଳ**

କହିବାକୁ ତ ସେ କିଛି ଜାଣିନି
ଆଉ ସେ ଯାହା ଜାଣିଛି କାହାକୁ ବା
ଅଛପା ଅଛି
ସକାଳ ୫ ରୁ ଉଠିବାର ଥିଲେ ୬
ଟା। ହେଲାଣି ଉଠ କହି
ଆମକୁ ବ୍ୟସ୍ତ କରି ଉଠେଇଦବାରେ
ତା' ର ହାତ ଅଛି....
ଖାଇବାକୁ ଯେତେ ଆଣିଥିଲେ ବି
ସବୁତକ କେମିତି ଖାଇବା
ଏଇଟା ଶେଷ ଗୁଣ୍ଡା କହି ସବୁତକ
ଖୁଆଇ ଦେବା ରେ
ତା'ର ହାତ ଅଛି.....
ସ୍କୁଲରେ ମାଡ଼ ପାଳି ଥିଲେ ମୋ ନ
ଯିବାର ବାହାନା ଦେଖି
ମୁଁ ମାଷ୍ଟରକୁ ନ ବଡେଇବାକୁ କହି
ସ୍କୁଲ ପଠେଇବାରେ
ତା ' ର ହାତ ଅଛି ......
ପୋଖରୀକୁ ଗାଧେଇ ଯିବାର ପଛେ
ପଛେ ଚାଲିଯାଇ
ମତେ ଶୀଘ୍ର ଗାଧୁଆ ସରିବା ଲାଗି
କେତେବେଳଉ ଆସିଲୁଣି ଶୀଘ୍ର ଉଠ
କହି ଉଠେଇବାରେ
ତା'ର ହାତ ଅଛି.......
ସ୍କୁଲ କୁ ମୁଁ ଯେତେ ସଜ ହେଇ
ବାହାରିଲେ ବି ମୁଣ୍ଡକୁଧରି
କଣ ସବୁ ଏମିତି ଆସାଇଜ କରିଛୁ
କହି
ମୁଣ୍ଡ ସାଉଁଳେଇବାରେ
ତା'ର ହାତ ଅଛି.......
ଅପରାହ୍ନ ରେ ବ୍ୟାଗ୍ ଫୋପାଡି ଦେଇ
ଖେଳିବାକୁ ଗଲାବେଳେ
ଏ ଟୋକାର ପାଠ ସାଠ କିଛି ନାଇଁ
ଦିନରାତି ଖେଳିଲା କହି ଗାଳି
ଦେବାରେ
ତା' ର ହାତ ଅଛି .......
ସନ୍ଧ୍ୟାରେ ପାଠ ପଢୁ ପଢୁଁ ନିଦ
ଆସିଯିବା ଦେଖି
ବାପା କାଳେ ରାଗିବେ
ମୋ ପୁଅଟା ଆଜି ବହେ ପଢ଼ିଲାଣି
ସେତିକି ଥାଉ କହି ଖାଇବାକୁ
ଦକିବାରେ
ତା' ର ହାତ ଅଛି.......
ରାତିରେ ମୁଁ ଶୋଇ ପଡ଼ିଲିଣି ଭାବି
ବାପାଙ୍କ ପାଖରେ
ମୋର ଭବିଷ୍ୟତ କଥା କହି
ମତେ କେତେ ଭଲପାଏ
ଶୁଣେଇବାରେ
ତା ' ର ହାତ ଅଛି.......

+ଚରିମଡିଆ, ବାଙ୍କି, କଟକ-
୭୫୪୦୩୦
ମୋ: ୯୬୬୮୫୬୩୦୦୩

## ପ୍ରିୟ ପଖାଳ

**ଧୀରେନ୍ଦ୍ର ମଲ୍ଲିକ**

ଯେତେ ଖାଦ୍ୟ ଅଛି ଏଇ ଦୁନିଆରେ
ପ୍ରିୟ ମୋ ପଖାଳ ଭାତ,
ତେଣୁ ମୁଁ ନିଇତି ଆନନ୍ଦରେ ଖାଏ
ଭଲ ଭାବେ ଧୋଇ ହାତ।
ପଖାଳ ସାଥିରେ ଶାଗ ଆଳୁଭର୍ତ୍ତା
ଶୁଖୁଆ ବଢ଼ିଆ ଲାଗେ,
ବଡିଚୁରା ଆଉ ଚୁନାମାଛ ଭଜା
ଖୋଜା ପଡେ ପୁଣି ଆଗେ।
ଭାରି ଶରଧାରେ ପଖାଳ ବାଢି କି
ବୋଉ ସବୁବେଳେ ଦିଏ,
ଖାଇସାରି ମୁହିଁ କଂସାଏ ତୋରାଣୀ
ହରଷ ମନରେ ପିଏ।
ମୋ' ପରି ସବୁ ଓଡ଼ିଆ ଭାଇ ବି
ଆଦର କରନ୍ତି ତାକୁ,
ବରଷକ ସାରା ଇଚ୍ଛା କରିଥାନ୍ତି
ଆନନ୍ଦରେ ଖାଇବାକୁ।
ପଖାଳରେ ଭରା ଔଷଧୀୟ ଗୁଣ
ଦେହ ପାଇଁ ଆମ ହିତ,
ଖାଇଲେ ଏହାକୁ ପେଟ ଥଣ୍ଡା ରୁହେ
ସରସ ହୁଅଇ ଚିତ୍ତ।
ଗରୀବର ବନ୍ଧୁ ପଖାଳ ବୋଲିକି
ଜାଣିଛନ୍ତି ଆମେ ସବୁ,
ତେଣୁ ବନ୍ଧୁ କିମ୍ବା ଅତିଥି ଆସିଲେ
ଶ୍ରଦ୍ଧାରେ ପରସି ଦବୁ।
ଓଡ଼ିଶାର ବଡ଼ ଠାକୁରଙ୍କର ବି
ଘିଅ ପଖାଳରେ ମନ,
ସେଲାଗି ଭକ୍ତିରେ ସମର୍ପି ଦିଅନ୍ତି
ସମସ୍ତ ଭକତ ଜନ।

+ନୀଳକଣ୍ଠପୁର,ମଙ୍ଗଳପୁର,
ଯାଜପୁର
ମୋ: ୭୯୦୪୩୯୨୬୮୬








ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୭୩



ଡ. ସିନ୍ଧୁ ସେନ୍

ମହାରାଜ ଜରୁରି ସନ୍ଦେଶ ପାଇଁ ଆପଣଙ୍କୁ ଡାକିଲି ।

କ'ଣ କହ ଦାସୀ, କ'ଣ ଦରକାର ?

କିଛି ଆବଶ୍ୟକ ନାହିଁ ମହାରାଜ, ଆପଣଙ୍କ ପାଇଁ କି ଏକ ଜରୁରି ଖବର ଅଛି।

କି ଖବର ?

ମହାରାଜ, ଦୁଇଜଣ ମନ୍ତ୍ରୀ ମନ୍ତ୍ରଣାକକ୍ଷରେ ଆପଣଙ୍କ ସାକ୍ଷାତ ଅପେକ୍ଷାରେ ଅଛନ୍ତି । ସେମାନଙ୍କ ଜରୁରି କଥାବାର୍ତ୍ତା ଅଛି ?

ଜରୁରି ପୁଣି ମୋ ସହ

କଣ ଆଉ ହୋଇପାରେ ? ଆମ ଗୁପ୍ତଚର ସଂସ୍ଥା ରାମଙ୍କ ବାନରସେନା ଦଳର ଆକଳନ ପାଇଁ ଯାଇଥିଲେ । ସେମାନେ ଆଉ କିଛି ଜରୁରି ଖବର ନେଇ ଆସିନାହାନ୍ତି ତ ? ମୋ ମନରେ ସେମାନଙ୍କ ସହ ସାକ୍ଷାତ ପାଇଁ ଉତ୍କଣ୍ଠା ବଢୁଥିଲା । ତରବର ହୋଇ ମନ୍ତ୍ରଣାକକ୍ଷ ଆଡ଼େ ଆଗେଇଲି । ମୁଁ ଯାହା ଭାବୁଥିଲି । ସେସବୁ ସତ ହିଁ ଥିଲା । ମୋତେ ସାକ୍ଷାତ କରିବା ପାଇଁ ମନ୍ତ୍ରୀ ଶୁକ ଆଉ ସାରଣ ଅପେକ୍ଷା କରିଥିଲେ । ମନରେ ଶଙ୍କା ଜାଗୁଥିଲା । ସେମାନେ ମୋତେ ଶୁଭସମ୍ବାଦ ଦେବେ ତ ? ନା କିଛି ଅଶୁଭ ସମ୍ବାଦ ନେଇ ଆସିଥିବେ ।

ମୋତେ ଦେଖି ମନ୍ତ୍ରୀ ଦୁହେଁ ନିଜନିଜ ଆସନରେ ଛିଡ଼ା ହୋଇ ଅଭିବାଦନ ଜଣାଇଲେ, କହିଲେ ମହାରାଜ ଆମେ ରାମଙ୍କ ଶିବିର ଅଭିମୁଖେ ଗଲାବେଳକୁ ଛଦ୍ମ ବାନର ବେଶ ଧରି ଯାଇଥିଲୁ । ଆମର ବେଶ ଏପରି ଥିଲା ଯେ ବାନର ମାନେ ପ୍ରଥମ ଦେଖାରୁ ତ ଆମକୁ ଆଦୌ ଚିହ୍ନିପାରୁ ନଥିଲେ । ମାତ୍ର ବିଭୀଷଣଙ୍କ ଆଖିରେ ଆମେ ଧରା ପଡ଼ିଗଲୁ । ତାଙ୍କୁ କାକୁତି ମିନତି କରି ଆମ ପରିଚୟ ଗୋପନ ରଖିବାକୁ କହିଲୁ । ମାତ୍ର ପରିସ୍ଥିତି ଭିନ୍ନ ପ୍ରକାର ହେଲା। ବିଭୀଷଣ ଆମକୁ ରାମଙ୍କ ସହ ସାକ୍ଷାତ କରିବାକୁ ପରାମର୍ଶ ଦେଲେ। ତାଙ୍କରି ଇଂଗିତରେ ଆମକୁ ବନ୍ଦୀ କରାଯାଇ ରାମଙ୍କ ପାଖକୁ ନିଆଗଲା । ଆମେ ବାନରର ଛଦ୍ମବେଶରେ ଥିଲେ ମଧ୍ୟ ଆମର ଅସଲ ସ୍ୱରୂପ ଧରା ପଡ଼ିଗଲା । ଆମେ ଯେ ଲଙ୍କାଧିପତିଙ୍କ ଗୁପ୍ତଚର ତାହା ଜାଣିଲା ପରେ ବାନରଦଳ ଆମ ଉପରକୁ ଟେକା ପଥର ଫିଙ୍ଗିଲେ । କିନ୍ତୁ ରାମଙ୍କ ସମ୍ମୁଖରେ ଉପସ୍ଥିତ ହେଲାପରେ ତାଙ୍କରି ନିର୍ଦ୍ଦେଶରେ ଆମକୁ ବନ୍ଦୀ ଅବସ୍ଥାରୁ ମୁକ୍ତି ମିଳିଲା । ରାମ ଆମକୁ ଭଦ୍ରୋଚିତ ବ୍ୟବହାର ଦେଖାଇ କହିଲେ ଆପଣମାନେ ଆମ ସେନାର ବଳ କେତେ ତାହାର ସବିଶେଷ ଆକଳନ କରିବାକୁ ଆସିଛନ୍ତି । ଆମ ନିକଟରେ କିନ୍ତୁ କିଛି ବି ଗୁପ୍ତ ନାହିଁ । ସବୁକିଛି ଖୋଲାଖୋଲି । ବରଂ ଯଦି କିଛି ଅଧିକ ଜାଣିବାକୁ ଚାହାଁନ୍ତି ତେବେ ଆପଣଙ୍କ ରାଜ୍ୟରୁ ଆସିଥିବା ରାକ୍ଷସବୀର ବିଭୀଷଣଙ୍କ ଠାରୁ ବିଶଦ ଭାବେ ବୁଝି ନେଇ ପାରନ୍ତି । ତେବେ, ମୁଁ ମଧ୍ୟ ଆପଣ ଦୁହିଁଙ୍କ ହାତରେ ଲଙ୍କାଧିପତି ରାବଣଙ୍କ ପାଇଁ ସନ୍ଦେଶ ପଠାଉଛି । ତାଙ୍କୁ କହିବେ, ମୁଁ ମଧ୍ୟ ଶତ୍ରୁ ଶିବିରରେ ସୈନ୍ୟବଳର ଆକଳନ କରିବି । କିନ୍ତୁ ଏମିତି ଲୁଚିଛପି ନୁହେଁ । ବାଣପ୍ରହାର କରି ଦେଖିବି ରାକ୍ଷସ ସେନାବଳର ବୀରତ୍ୱ ।

ମୁହଁରେ କିଛି ପ୍ରକାଶ କରି ନପାରିଲେ ମଧ୍ୟ ଭିତରେ ଭିତରେ ମୁଁ ଡରି ଯାଇଥିଲି । ତେବେ କଣ, ମୋତେ ପୂରାପୂରି ଯୁଦ୍ଧର ଧମକ ଦେଇ ସାରିଲେଣି । ନିଶ୍ଚିତ ଯୁଦ୍ଧ ଆଶଙ୍କାରେ ମୁଁ ମଧ୍ୟ ଭୟଭୀତ ହୋଇ ପଡୁଥିଲି । ଶୁକ ଓ ସାରଣ ବାନର ସେନା ମାନଙ୍କର ବୀରତ୍ୱ ବିଷୟରେ କହି ଚାଲିଥିଲେ । ସେମାନଙ୍କ ପକ୍ଷରେ ଅନେକ ମହାବୀର ମଧ୍ୟ ଥିଲେ । ପ୍ରବଳ ପରାକ୍ରମୀ ସୁଗ୍ରୀବଙ୍କ ଠାରୁ ଆରମ୍ଭ କରି ବାଳୀପୁତ୍ର ଅଙ୍ଗଦ ପୁଣି ସେନାପତି ପ୍ରମଥ, ତାଙ୍କ ସହ ଗବାକ୍ଷ, କେଶରୀ ପରି ଅନେକ ବାନରବୀର । ସୁଗ୍ରୀବଙ୍କ ସହ ଅଛନ୍ତି ମଧ୍ୟ ଦଶ, ପନ୍ଦରରୁ ଊର୍ଦ୍ଧ୍ୱ ମନ୍ତ୍ରୀଦଳ। ଯେଉଁମାନଙ୍କ ଶୌର୍ଯ୍ୟବୀର୍ଯ୍ୟ ଅକଳନୀୟ । ଖାଲି କ'ଣ ସେତିକି, ଆମ ଅସ୍ତ୍ରଶସ୍ତ୍ର ତୁଳନାରେ ସେମାନଙ୍କ ପାଖରେ ମହଜୁଦ ଅଛି ଯଥେଷ୍ଟ ଅସ୍ତ୍ର । ବାନର ସେମାନେ। ବାହୁବଳରେ ବଳୀୟାନ୍, ନଖ ଓ ଦାନ୍ତରେ ସେମାନେ ଲଢ଼ିପାରନ୍ତି । ସେମାନଙ୍କ ପାଇଁ ହସ୍ତୀ କିମ୍ବା ଅଶ୍ୱର ଆବଶ୍ୟକତା ନାହିଁ । ଚାଲିଚାଲି ଯୁଦ୍ଧ କରିବା ସେମାନଙ୍କର ଅଭ୍ୟାସ ଡିଆଁଡିଇଁ କରିବା ବଡ଼ବଡ଼ ଗଛମାନ ଉପୁଡ଼ି ଦେବା ପଥର ଖଣ୍ଡ ଫିଙ୍ଗିବା ଅନେକ ସହଜ । ବାନର ହେଲେ ବି ବେଶ୍ ହୃଷ୍ଟପୁଷ୍ଟ ତାଙ୍କ ଶରୀର । ମଲ୍ଲଯୁଦ୍ଧ କରିବାରେ ସେମାନେ ବେଶ୍ ଧୁରନ୍ଧର । ବାନର ମାନଙ୍କ ପାଖରେ ସିନା ଧନୁର୍ବାଣ ନାହିଁ ମହାରାଜ । ହେଲେ ବିନା ଧନୁର୍ବାଣରେ ସେମାନେ ଯାହା କରିପାରିବେ, ଆମେ ରାକ୍ଷସ ହୋଇ ବି ସେମାନଙ୍କୁ ସାମ୍ନା କରିବା କଷ୍ଟକର ହୋଇପଡ଼ିବ । ତେବେ ଏତିକି ଜାଣିଥାନ୍ତୁ, ରାମ, ଲକ୍ଷ୍ମଣ ଦୁଇଭାଇଙ୍କ ହାତରେ ରହିଛି ଧନୁର୍ବାଣ । ଖାଲି ସେତିକି ନୁହେଁ, ଅନେକ ଦିବ୍ୟାସ୍ତ୍ରର ଅଧିକାରୀ ସେ ଦୁହେଁ ।

ମନ୍ତ୍ରୀ ଦ୍ୱୟଙ୍କ କଥା ମୁଁ ଯେତେ ଯେତେ ଶୁଣୁଥିଲି ସେତିକି ମୁଁ କ୍ରୋଧରେ ଉତ୍ତେଜିତ ହୋଇ ପଡୁଥିଲି ସିନା, କିନ୍ତୁ ମନରୁ ସଂପୂର୍ଣ୍ଣ ଭୟ କମୁ ନଥିଲା ସେ ଭୟର ଏକମାତ୍ର କାରଣ ଶ୍ରୀରାମ। ଭାବୁଥିଲି, ସେ ଦିବ୍ୟାସ୍ତ୍ରର ଅଧିକାରୀ । ମୁଁ ମଧ୍ୟ ଦୈବୀବଳରେ ବଳୀୟାନ୍ । ମୋ ଉପରେ ରହିଛି ସ୍ୱୟଂ ବ୍ରହ୍ମଦେବ ଆଉ ଶଙ୍କରଙ୍କ ଆଶୀର୍ବାଦ । ତଥାପି ମୋର ତାଙ୍କୁ ଏମିତି ଭୟ ହେଉଛି କାହିଁକି ? ତାଛଡ଼ା ମୋର ପୁତ୍ର ମଧ୍ୟ କମ୍ ବୀର ନୁହଁନ୍ତି, ସେ ତ ଏକୁଟିଆ ଚାହିଁଲେ ଅନେକ କିଛି କରି ପାରିବେ । ଦିନେ ଯୁଦ୍ଧବଳରେ ତ୍ରିଭୁବନ ବିଜୟୀ ହେବାର ସ୍ୱପ୍ନ ଦେଖୁଥିଲି । ଅଥଚ ଏବେ ଯୁଦ୍ଧ ନାମ ଶୁଣି ଭୟଭୀତ ହୋଇପଡୁଛି । ମୁଁ କ'ଣ ବାସ୍ତବରେ ଦୁର୍ବଳ ହୋଇପଡ଼ିଛି ନା ଏସବୁ ମୋ ମନର ଭ୍ରମ।

ମନ୍ତ୍ରୀଦ୍ୱୟଙ୍କ ମୁହଁରୁ ଆହୁରି କିଛି କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲି । ସେମିତି କିଛି ଚମକପ୍ରଦ କଥା ଶୁଣିବି ବୋଲି ମୁଁ ତ ଆଦୌ ଭାବି ନଥିଲି। ସେମାନେ କହୁଥିଲେ ଖୁବ୍ ଶୀଘ୍ର ସେତୁବନ୍ଧ ନିର୍ମାଣ କାମ ସରିଯିବ । ଆଉ ତା ପରେ ସେତୁବନ୍ଧ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଆଉ ସେତୁବନ୍ଧ ପ୍ରତିଷ୍ଠା ସହ ସେଠି ଏକ ଶିବଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବ । ଶିବଲିଙ୍ଗ ପ୍ରତିଷ୍ଠା ଶୁଣି ମୁଁ ଅତିଶୟ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇପଡ଼ିଲି । ଖୁବ୍ ଭଲହେଲା, ଆଉ ଗୋଟିଏ ଅଧିକା ଶିବାଳୟ ମଧ୍ୟ ପ୍ରତିଷ୍ଠା ହୋଇଯିବ । ରାମ ରାବଣ ଯୁଦ୍ଧ ସହ ଯୋଡ଼ି ହୋଇ ରହିଯିବ ଶିବଲିଙ୍ଗର ପ୍ରତିଷ୍ଠା ଆଉ ସେତୁବନ୍ଧ, ଯାହା ପରବର୍ତ୍ତୀ ସମୟରେ ଏକ ସ୍ମାରକୀ ପୀଠର ମାନ୍ୟତା ପାଇବ । ମନେମନେ ମୋର ପରମ ଆରାଧ ଦେବତା ଶିବଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ପ୍ରଣାମ ଜଣାଇଲି । ତା ପରବର୍ତ୍ତୀ ସମ୍ବାଦ ମୁଁ ଯାହା ଶୁଣିଲି, ସେଥିରେ ମୁଁ ଏକପ୍ରକାର ତଟସ୍ଥ।

ଜାଣନ୍ତି ମହାରାଜ, ବିଭୀଷଣ ରାମଙ୍କୁ ପରାମର୍ଶ ଦେଇଛନ୍ତି, ସେତୁବନ୍ଧ ଆଉ ଶିବଲିଙ୍ଗ ପ୍ରତିଷ୍ଠା ହେବ ଆପଣଙ୍କ ହାତରେ। ଆପଣ ସେଥିରେ ପୌରୋହିତ୍ୟ କରିବେ । ବିଭୀଷଣ ରାମଙ୍କୁ କହିଲେ,ଏ ଖଣ୍ଡମଣ୍ଡଳରେ ଆପଣଙ୍କ ହିଁ କେବଳ ବିଦ୍ୱାନ, ଜ୍ଞାନୀ, ପଣ୍ଡିତଜ୍ଞ ବ୍ରାହ୍ମଣ । ତେଣୁ ଏ ଭଳି ଏକ ଶୁଭକାର୍ଯ୍ୟ ଆପଣଙ୍କ ହାତରେ ସମ୍ପାଦନ କରାଯିବ । ହେଲେ ମହାରାଜ, ଆପଣ ଏଥିରେ ରାଜି ତ ? ଏ କ'ଣ କହୁଛ ମନ୍ତ୍ରୀ, ଏଥିରେ ଅରାଜି ନ ହେବାର ପ୍ରଶ୍ନ ଉଠୁଛି କାହିଁକି ? ବରଂ ରାମଙ୍କ ପାଖରୁ ନିମନ୍ତ୍ରଣ ପାଇବା ମୋ ପାଇଁ ସୌଭାଗ୍ୟ । ଏସବୁ ଶୁଣି ସାରିଲା ପରେ ମନେମନେ ବିଭୀଷଣଙ୍କୁ ସାଧୁବାଦ ଜଣାଉଥିଲି । ବିଭୀଷଣ ଶତ୍ରୁ ଶିବିରରେ ଥିଲେ ବି ମୋ ପ୍ରତି ତା ମନରେ ଏବେବି ଭକ୍ତି ଭାବନା ରହିଛି । ଯେତେ ଯାହା ହେଲେ ରକ୍ତର ଭାଇ ତ । ଏତେ ଶୀଘ୍ର ମୋତେ ଭୁଲିଯିବ କେମିତି ? ମନ୍ତ୍ରୀଙ୍କ ମନରେ ତଥାପି ସନ୍ଦେହ ଥିଲା । ସେ କହୁଥିଲେ ରାଜନ, ଏ କେମିତି ସମ୍ଭବ । ରାମ ଯେ ଆପଣଙ୍କର ଶତ୍ରୁ । ଆଉ ଆପଣ ଶତ୍ରୁପକ୍ଷ ପାଇଁ ପୁରୋହିତ ସାଜିବେ । ତୁମ କଥା ବୁଝିପାରୁଛି । ହୋଇପାରନ୍ତି ରାମ ଲଙ୍କାଧିପତି ରାବଣର ଶତ୍ରୁ । ମାତ୍ର ରାବଣର ମଧ୍ୟ ରହିଛି ଭିନ୍ନ ଏକ ସତ୍ତା । ସେ ଯେ ମହର୍ଷି ବିଶ୍ରବା ଋଷିଙ୍କ ସନ୍ତାନ । ବେଦଜ୍ଞ ବ୍ରାହ୍ମଣ । ସେ ତ ରାମଙ୍କର ଶତ୍ରୁ ନୁହଁନ୍ତି । ତାଛଡ଼ା ମୋ ଶରୀରରେ ବ୍ରାହ୍ମଣ ପିତାଙ୍କର ରକ୍ତ ପ୍ରବାହିତ ହେଉଛି ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୯୯ ॥

ବ୍ରହ୍ମାମାନେ ସାଧନା ବଳରେ ଯେ କୌଣସି ସମୟ (ଟାଇମ ଲାଇନ) ମଧ୍ୟରେ ପ୍ରବେଶ କରି ପାରୁଥିଲେ। ସାଧାରଣ ମାନବଠାରୁ ଏମାନଙ୍କ ଚେତନା ଶକ୍ତି ବହୁତ୍ ଅଧିକ ଥିଲା। ସେମାନଙ୍କ ପ୍ରତି ଭୟ ରେ ହେଉ ବା ପ୍ରେମରେ ହେଉ ସାଧାରଣ ଲୋକମାନେ ବଶୀଭୂତ ହେଉଥିଲେ।

ଅତି ମାନବ ଓ ଅମର ମାନବ ସୃଷ୍ଟି କରିବା ଏବଂ ମଣିଷର ମୃତ୍ୟୁ ପରେ ତାକୁ ଜୀବନ ଦାନ ଦେବା ଭାରତୀୟ ପ୍ରଜାପତି ମାନେ କରିପାରୁଥିଲେ। ନାରୀକୁ ପୁରୁଷ ତଥା ପୁରୁଷକୁ ସେମାନେ ନାରୀରେ ପରିଣତ କରି ପାରୁଥିଲେ। (ଯେପରି ବର୍ତ୍ତମାନ କରାଯାଇପାରୁଛି। ଇଳା ଆଦି ଉପାଖ୍ୟାନ ଏହାର ଉଦାହରଣ।) ପୁରୁଷମାନେ ସନ୍ତାନ ଜନ୍ମ କରିପାରୁଥିଲେ। ହରିଣ ସହିତ ବିଭାଣ୍ଡକ ସହବାସ କରିବାରୁ ଋଷ୍ୟଶୃଙ୍ଗ ଜନ୍ମ ହୋଇଥିଲେ। ବାସ୍ତବରେଏକ ପ୍ରକାର ହରିଣର ଗୁଣସୂତ୍ର ମଣିଷ ସହ ସମାନ। ଶ୍ରୀ ଗଣେଶଙ୍କର ମସ୍ତକ କାଟି ସାରିବା ପରେ ଶିବ ସେଥିରେ ଏକ ହସ୍ତୀର ମସ୍ତକକୁ ଯୋଡ଼ି ଦେଇଥିଲେ, ଦକ୍ଷ ପ୍ରଜାପତିଙ୍କ ମସ୍ତକରେ ଏକ ଛାଗଳର ମସ୍ତକକୁ ଯୋଡ଼ିଥିଲେ, କେତେକ ସର୍ପଙ୍କ ଉପରେ ମଣିଷର ସୁନ୍ଦର ମସ୍ତକ ଏବଂ ମତ୍ସ୍ୟ ମାନଙ୍କଠାରେ ସୁନ୍ଦରୀ ଯୁବତୀ ମାନଙ୍କର ମସ୍ତକ ଲଗାଇ ସେମାନଙ୍କୁ ମତ୍ସ୍ୟ କନ୍ୟାରେ ପରିଣତ କରୁଥିଲେ। ଏହି ସମସ୍ତ ଉପାଖ୍ୟାନ ଗୁଡିକ ଆଧୁନିକ ବୈଜ୍ଞାନିକ ମାନଙ୍କ ପକ୍ଷରେ ଯୁକ୍ତିଯୁକ୍ତ ନହୋଇ ପାରିଲେ ମଧ୍ୟ ସମ୍ଭବତଃ ସେମାନେ କୌଣସି ଭିନ୍ନ ଜାତିର ହସ୍ତୀ, ଛାଗଳ ଆଦି ମାନବ ସହ ଯୋଡିଥିଲେ, କିମ୍ବା କୌଣସି ପ୍ରକାର ଅନ୍ତର୍ବିଜ୍ଞାନ ପଦ୍ଧତି ଗ୍ରହଣ କରୁଥିଲେ, (ଯାହା ପଠିତ) ଏହାର ସତ୍ୟତା ମଧ୍ୟ ଭବିଷ୍ୟତ ଉପରେ ନିର୍ଭର କରେ। ବର୍ତ୍ତମାନ ମାନବର ନଷ୍ଟ ହୋଇଯାଇଥିବା ଆଭ୍ୟନ୍ତରୀଣ ଅଙ୍ଗଗୁଡିକ ସୃଷ୍ଟି କରି ପ୍ରତିରୋପଣ କରିବା ପାଇଁ ପଶୁ ଭ୍ରୁଣରେ ମଣିଷର ପ୍ଲୁରିପ୍ଲୋଟେଣ୍ଟଷ୍ଟେମ ବା ଆଇପିଏସ କୋଷିକା ଗୁଡିକ ଇଂଜେକ୍ଟ କରୁଥିଲେ। ତାହା ଫଳରେ ମାନବ ମଧ୍ୟରେ ପାକସ୍ଥଳୀ, ମୂତ୍ରାଶୟ, ହୃଦୟ ଆଦି ପୁନର୍ବାର ରୋପଣ କରାଯାଇ ପାରୁଛି। । ଆଇପିଏସ କୋଷିକା ହେଉଛି ସେହି ଭ୍ରୁଣ, ଯାହାକୁ ପୁନଃ ସଂଯୋଜନ କରାଯାଇ ପାରିବ। ଏକ ଜାତୀୟ ଜୀବ ଗୁଡ଼ିକର ମଧ୍ୟ ଏକା ସେଲରେ ଗଠିତ ପାନକ୍ରୀୟସ ସୃଷ୍ଟି ଦ୍ୱାରା ଅନ୍ୟ ଜଣଙ୍କୁ ରୋଗ ମୁକ୍ତ କରାଯାଇ ପାରିବ। ବର୍ତ୍ତମାନ ମଣିଷର ଚର୍ମ କୋଷିକାକୁ ନେଇ ଗାଈର ଦିମ୍ବାଣୁରେ ହାଇବ୍ରିଡଏମ୍ବ୍ରିଓରେ ବିକଶିତ କରାଯାଉଛି। ଶରୀର କୋଷରୁ ମାନବ ସୃଷ୍ଟି କରାଯାଇପାରୁଛି। ସେମାନେ ମଧ୍ୟ ଅନ୍ତର୍ବିଜ୍ଞାନ ବଳରେ, ଶଲ୍ୟ ଚିକିତ୍ସା, ପ୍ଲାଷ୍ଟିକ ସର୍ଜ୍ଜରୀ ପରି ବିଜ୍ଞାନ ଜାଣିଥିଲେ। କଶ୍ୟପ ଅସୁର ଓ ଦେବତା, ଦେବତା ଓ ମନୁଷ୍ୟ, ଅସୁର ଓ ମନୁଷ୍ୟ ମାନଂକ ମିଳନ କରି ବୈଜ୍ଞାନିକ ପଦ୍ଧତିରେ ନୂତନ ମାନବ ସୃଷ୍ଟି କରୁଥିଲେ। କଶ୍ୟପଙ୍କ ସମୟର ବୈଜ୍ଞାନିକ ମାନେ ବିଜ୍ଞାନର ଆଦି ଜନକ ଥିଲେ କହିଲେ ଚଳେ। ହୋଇପାରେ ସେମାନଙ୍କ ବିଜ୍ଞାନ ପଦ୍ଧତି ସ୍ୱତନ୍ତ୍ର ତଥା ଉଭୟ ଆନ୍ତର୍ବିଜ୍ଞାନ ଓ ବହିର୍ବିଜ୍ଞାନ ଥିଲା। ସେମାନଙ୍କ ଆତ୍ମା ଓ ଆଧାତ୍ମିକ ଗୁରୁ ବିଜ୍ଞାନ ଅତି ଉଚ୍ଚ ସ୍ତରର ଥିଲା। ବିଶ୍ୱାସ ଏହାର ଆଧାର ଥିଲା। ଭାଗବତରେ ଜଣେ ଚଣ୍ଡାଳ ସବୁଆଡେ ମାଂସ ଓ ଜୀବହତ୍ୟା କରିଥିବା ଜଣେ ରାଜା ଜୀବ ଆକ୍ରମଣ କରିବାର ଭୟଙ୍କର ଦୃଶ୍ୟ ଦେଖିଥିଲେ। ଏହା ମାନସିକ ଅନୁତାପ ହୋଇ ପାରେ । ବିଜ୍ଞାନ କହେ ଯେ, ସେତୁ ବନ୍ଧ ଏକ ପ୍ରାକୃତିକ ଶିଳାସ୍ତର, ତଥାପି ସେମାନେ ଏହି ବିଶ୍ୱାସ ଦେଇ ପାରିଥିଲେ ଯେ ମାନବ ମଧ୍ୟ ଶକ୍ତି ବଳରେ ଏପରି ଏକ ସେତୁବନ୍ଧ ନିର୍ମାଣ କରିବା ସମ୍ଭବ। ଶ୍ରୀରାମଙ୍କ ଆଧାତ୍ମିକ ଶକ୍ତି ଉପରେ ବିଶ୍ୱାସକୁ ଦୃଢ଼ ରଖ। କାରଣ ଜ୍ଞାନ ବିଶେଷ ହେଲେହିଁ ବିଜ୍ଞାନ ଲାଭ ହୁଏ।

କଶ୍ୟପ ବିଜ୍ଞାନ ଶାଳାରେ ଆଉ କଣ, କଣ କରୁଥିଲେ ? (କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ




## ଚିନ୍ମୟ ଚିନ୍ତନ

ରତ୍ନକାନ୍ତି ମିଶ୍ର

ସୂରୁଜ ହୋଇ ସେ ନବୀନ ପ୍ରଭାତେ ଢାଳିଦିଏ ଖୁସି ରେଣୁ
ପୁଷ୍ପ ବାଟିକାରେ ସୁମନ ପୁଣି ସେ ଭ୍ରମରର ଗୁଣୁଗୁଣୁ ,
ତରୁ ଲତା ଗିରି ଆକାଶ ମାଟିରେ ସେଇ ତ ଭରିଛି ରଙ୍ଗ
ସେଇ ଚିତ୍ରକର ଆଙ୍କିଛି ଜୀବନେ ଜୀଜିବିଷାର ଉମଙ୍ଗ ।

ବିଶ୍ୱକର୍ମା ହୋଇ ଗଢୁଥାଏ ସେଇ କୋଟି କୋଟି ଜୀବ-ରଥ
ସେ ରଥକୁ ଟାଣି ନିଅଇ ସଂସାରେ ତାଙ୍କ ସୃଷ୍ଟ ପଞ୍ଚଭୂତ,
ସମୟ ଡେମ୍ଫରୁ ଜୀବ ଜଗତକୁ ତୋଳେ ସେଇ ନ୍ଧିକାରେ,
ଯତନ ବି ସେଇ ନିଅଇ ସବୁରି ସଂଗୋପିତ ସାନ୍ନିଧ୍ୟରେ ।

ହୃଦୟ ରଥରେ ସଂସ୍ଥାପିତ ସିଏ ଭକ୍ତି ବଡ଼ଦାଣ୍ଡେ ଗଢ଼େ
ଶ୍ରଦ୍ଧାର ଶରଧାବାଲି ତା'ର ପ୍ରିୟ ଜୀବନର ପ୍ରତି ମୋଡ଼େ,
ଅନ୍ଧାର ଏଡାଇ ପ୍ରକାଶିତ ସିଏ ଭରସା ଦୀପାଳି ଜାଳି
ପ୍ରତିଟି ପ୍ରାଣକୁ ଶୁଣାଏ ସେ ପୂତ ଶଙ୍ଖ ଧ୍ୱନି ହୁଳହୁଳି ।

ଅନନ୍ତ ଆବେଗେ ପୁରିଉଠେ ମନ ଦିବ୍ୟ ବିହ୍ୱଳତା ଖେଳେ
ଚିନ୍ମୟ ଚିନ୍ତନେ ଉତଫୁଲ୍ଲିତ ବିଶ୍ୱ ତାଙ୍କରି କରୁଣା ବଳେ ।


+ ଆଳି, କେନ୍ଦ୍ରାପଡା


## ବରଷା ଦିନଟି ଆସିଲା

ନଳିନୀ ଦାଶ

ବରଷା ଦିନଟି ଆସିଲା
ଆକାଶେ ବଉଦ ଭାଷିଲା
ମେଘ ଘୋଟିଆସି ବରଷା ଢ଼ାଳିଲା
ଧରଣୀ କୋଳରେ ଖସିଲା ।

ମାଟି ମାଆ ଆମ ହସିଲା
ସବୁଜ ସୁନ୍ଦର ଦିଶିଲା
ନଦୀ ଝରଣାରେ ପାଣି ବହିଯାଇ
ସାଗରରେ ଯାଇ ମିଶିଲା ।

କୁନା ଓଦା ହୋଇ ଥରିଲା
ଚାଷୀ ଭାଇ ଚାଷ କରିଲା
ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ
ସବୁମୁଖେ ଖୁସି ଭରିଲା ।

ମେଘ ଦେଖି ଶିଖୀ ନାଚିଲା
ସାପ ଗାତେ ଯାଇ ଲୁଚିଲା
ବରଷା ଦିନରେ ବାଡି ବଗିଚାରେ
ଜାମୁକୋଳି ସବୁ ପାଚିଲା ।

ଆକାଶରୁ ମେଘ ଝରିଲା
ଡାଳେ ଫୁଲକଢି ଧରିଲା
ସୁରୂଜ କିରଣ ଦେହରେ ପଡ଼ିଲେ
ଗଛଡ଼ାଳେ ଫଳ ଭରିଲା ।

ନାଉରିଆ ନାଆ ବାହିଲା
ଗାଆଁ ଦାଣ୍ଡେ ପାଣି ବୋହିଲା
ଜେଜେ ମାଆ ବସି ନାତି ନାତୁଣୀଙ୍କୁ
ରାଜାରାଣୀ ଗପ କହିଲା ।

ବର୍ଷା ଝରି ଝରି ଆସିଲା
ମାଟି ଚାରିଆଡେ ବାସିଲା
କାଉଁରୀ ଛୁଆଁରେ ଭିଜେଇ ଦେଲାସେ
ପକ୍ଷୀ ବସାରେ ତା ବସିଲା ।

ଗଛ ଡାଳେ ଫୁଲ ଫୁଟିଲା
ମହକ ତାହାର ଛୁଟିଲା
ଜଗତର ହିତେ ମହୁମାଛି ଆସି
ଫୁଲଠାରୁ ମହୁ ଲୁଟିଲା ।


+ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ : ୯୨୩୮୯୯୬୬୪୯




## ମା'ର ମମତା

କୁମୁଦିନୀ ଘି



ଯେତେ ଦୂରେ ଥିଲେ ଭୁଲି ହେବ ନାହିଁ
ମାଆର ମମତା ସତେ,
ମାଆ ଏକା ସିନା କିଛି ସ୍ୱାର୍ଥ ବିନା
ଭଲ ପାଉଥାଏ କେତେ ।
ନଅ ମାସ ଧରି ଗର୍ଭ କଷ୍ଟ ସହି
ଜନମ ଦେଇଛି ଯିଏ,
ସାଗରୁ ଗଭୀର ହୃଦୟଟି ତାର
ମାଆ ପରି ହେବ କିଏ ?
ରକତ ନିଗାଡି ମମତା ଅଜାଡ଼ି
ସଜାଡି ଛୁଆକୁ ତାର,
ଭଲ ମଣିଷଟେ ହେବାକୁ ଆକଟେ
କୁସଙ୍ଗରୁ ରଖି ଦୂର।
କେତେ ଦୁଃଖ କଷ୍ଟ ? ସହିକି ମାଆ ତା'
ଛୁଆକୁ କରଇ ବଡ,
ସେଇ ଛୁଆ ଦିନେ ବଡ ହେଲା ପରେ
ମାଆକୁ କରଇ ପର ।
ମାଆ ଯେତେ ଦିନ ଥିବ ଏ ସଂସାରେ
ଦିଅ ହେ ସ୍ନେହ ସମ୍ମାନ,
ମାଆ ଗଲାପରେ ଆଉ କି ଫେରିବ
ତୁଛାରେ କଲେ କ୍ରନ୍ଦନ ।
ତୁଣ୍ଡରେ ନଦେଇ ବେଣା ମୂଳେ ଥୋଇ
କହିଲେ- ମାଆ ଲୋ ଖା',
କି ଧର୍ମ ସତରେ ଅଛି ମୋ ମତରେ
ନଦେଲେ ଜୀଅନ୍ତେ ଆହା ।
ମା' ନାଇଁ ଯା'ର ସା' ନାଇଁ ତା'ର
କଥାଟି ନିହାତି ସତ,
ମା ବାପା ମୋର ସାକ୍ଷାତ ଈଶ୍ୱର
ପ୍ରଣମୁଛି ଶତ ଶତ।


+ ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ, କଳାହାଣ୍ଡି
ମୋ: ୯୩୪୮୬୫୩୫୮୯




## ହେ ନୀଳାଧିଶ

ଜୟଶ୍ରୀ ପଟ୍ଟନାୟକ

ହେ ନୀଳାଧିଶ ଆସ ତୁମ ନୀଳକନ୍ଦରେ
କର ନିବାସ
ନୀଳାଚଳ ଛାଡ଼ି ଗଲଣି ବୋଲି
ଭକତଙ୍କ ଅବଶୋଷ।

ଦ୍ୱିତୀୟାରୁ ଯାଇ ଜନମ ବେଦୀରେ
ରହିଲଣି ତୁମେ ପ୍ରଭୁ
କରମ ବେଦୀକୁ ଫେରିଆସ ବୋଲି
ଗୁହାରୀ କରନ୍ତି ସବୁ
ମାଉସୀ ହାତରୁ ପୋଡ଼ପିଠା ଖିଆ
କେବେ ହୋଇବ ହେ ଶେଷ..
ହେ ନୀଳାଧିଶ ନୀଳକନ୍ଦରେ କର ନିବାସ।

ଗୁମାନ କରନ୍ତି ଲକ୍ଷ୍ମୀ ଠାକୁରାଣୀ
ନେଲନାହିଁ ବୋଲି ତାଙ୍କୁ
ଭାଇ ଭଉଣୀଙ୍କ ସଂଗତରେ ଗଲ
ଭୁଲିଯାଇ ଚଞ୍ଚଳାଙ୍କୁ
ଆଉ କେତେଦିନ ରହିବ ଦାଣ୍ଡରେ
ଉଆସେ ବାହୁଡ଼ି ଆସ..
ହେ ନୀଳାଧିଶ ନୀଳକନ୍ଦରେ କର ନିବାସ।

ଶ୍ରୀମନ୍ଦିର ଶିରି ଦିଶେନାହିଁ ଆଉ
ନାହଁ ବୋଲି ତୁମେ କ୍ଷେତ୍ରେ
ପଣ୍ଡା ପଢିଆରୀ ନଇବେଦ୍ୟ ଧରି
ଖୋଜନ୍ତି ତୁମକୁ ନେତ୍ରେ
ନବଦିନ ଯାତ୍ରା ସାରି ଗୁଣ୍ଡିଚାର
ଆସ ମହାବାହୁ ଆସ
ହେ ନୀଳାଧିଶ, ନୀଳକନ୍ଦରେ କର ନିବାସ।


+ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

# ଜିଲ୍ଲା ନୋଡାଲ ସଚିବଙ୍କ ମାଲକାନଗିରି ଜିଲ୍ଲା ଗସ୍ତ

ମାଲକାନଗିରି, ୧୬/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଦାୟିତ୍ୱରେ ଥିବା ଜିଲ୍ଲା ନୋଡାଲ ସଚିବ ତଥା ଶିକ୍ଷ ବିଭାଗ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ପାଟିଲ ଜିଲ୍ଲାରେ ଚାଲିଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ। ସର୍ବପ୍ରଥମେ ସଚିବ ସମାଜ ମଙ୍ଗଳ ବିଭାଗ ଅଧିନରେ ମମତା, ପୋଷଣ ଅଭିଯାନ ଓ ସୁଭଦ୍ରା ଯୋଜନା ବିଷୟରେ ପଚାରି ବୁଝିଥିଲେ। ଆକାଂକ୍ଷୀ ବ୍ଲକ ମାନଙ୍କରେ ଏହି ସବୁ ଯୋଜନାରେ ଯେପରି ସମସ୍ତ ଲୋକ ଉପକୃତ ହେବେ ସେଥିପ୍ରତି ସଚିବ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ କାରଣରୁ ବଂଚିତ ହୋଇଥିବା ସୁଭଦ୍ରା ହିତାଧୀକାରୀଙ୍କୁ ଅଗ୍ରାଧିକାର ଭିତିରେ ଏହି ଯୋଜନାରେ ସାମିଲ କରେଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପିଏମ୍ ଜନମନ ଅଧୀନରେ ଜିଲ୍ଲାର ଆଦିମ ଜନଜାତି ବଣ୍ଡା ଓ ଦିଦାୟୀଙ୍କ ନିମନ୍ତେ ପକ୍କା ଘର, ଶୌଚାଳୟ, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଜନଜାତି ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଓ ସେତୁ ଯୋଜନାରେ ବଣ୍ଡା ଓ ଦିଦାୟୀ ଜନଜାତିଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ବୈଠକରେ କୁହାଯାଇଛି । ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନାରେ ଜିଲ୍ଲାର ୯୫ ଟି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ରୂପାନ୍ତରଣ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏଥିନିମନ୍ତେ କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରାଳୟ ୩୬୯ ଟି ପ୍ରକଳ୍ପ ପାଇଁ ୧୯ କୋଟି ୩୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଜନଜାତି ଆଶ୍ରମ ବିଦ୍ୟାଳୟର ଭିତିଭୂମି ସହ ହୋଷ୍ଟେଲ ବ୍ୟବସ୍ଥା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ବର୍ଷା ଋତୁ ସମୟରେ ମ୍ୟାଲେରିଆ ଡେଙ୍ଗୁ ଇତ୍ୟାଦି ରୋଗରୁ ରକ୍ଷା ପାଇବା ପାଇଁ ଏଲଏଲଏନ ମଶାରୀ ଓ ପର୍ଯ୍ୟାପ୍ତ ଔଷଧ ବଂଟନ ବ୍ୟବସ୍ଥା ବିଷୟରେ ମଧ ସଚିବ ପଚାରି ବୁଝିଥିଲେ। ସେହିପରି ଶିକ୍ଷା ବିଭାଗକୁ ସ୍କୁଲ ପୋଷାକ, ବହି, ମଧାହ୍ନ ଭୋଜନ ଓ ଆନୁଷଙ୍ଗିକ ବିଦ୍ୟାଳୟ ଭିତିଭୂମି ବିଷୟରେ ପଚରା ଯାଇଛି। ଆକାଂକ୍ଷୀ ଜିଲ୍ଲା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ବିସ୍ତାରରେ ଆଲୋଚନା କରାଯାଇଛି। ଜିଲ୍ଲାରେ ଜଳସେଚନର ସ୍ଥିତି ନେଇ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ସହ ସଚିବ ଆଲୋଚନା କରିଥିଲେ। ଜିଲ୍ଲାରେ କେନାଲ ସ୍ଥିତି ସହ ଶତ ପ୍ରତିଶତ ଜଳ ସେଚନ ହେଉଛି ନା ନାହିଁ ତାହା ମଧ୍ୟ ସୁନିର୍ଶ୍ଚିତ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରାସ୍ତା ନିର୍ମାଣ କାର୍ଯ୍ୟ, ଗ୍ରାମ୍ୟ ଗୃହ ନିର୍ମାଣ, ପ୍ରାଣୀ ସମ୍ପଦ ସ୍ଥିତି ଏବଂ ଦକ୍ଷତା ବିକାଶ ଓ ନିଯୁକ୍ତି ନେଇ ମଧ୍ୟ ଆଲୋଚନା କରାଯାଇଛି । ସେହିପରି ମୁଦ୍ରା ଲୋନ୍, ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ଜନଧନ ଏକାଉଂଟ ନେଇ ଲିଡ୍ ବ୍ୟାଙ୍କ୍ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ବିଶେଷ ଭାବେ ସୁକ୍ଷ୍ମ କ୍ଷୁଦ୍ର ମଧମ ଉଦ୍ୟୋଗୀଙ୍କୁ ଯୋଗ୍ୟତା ଭିତିରେ ଋଣ ଯୋଗାଇ ଦେବା ପାଇଁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ସଚିବ ଚିତ୍ରକୋଣ୍ଡା ବ୍ଲକ୍ ର ବଡପଡା ଏଜୁକେସନାଲ କମ୍ପ୍ଲେକ୍ସ, ଡ୍ରାଗନ୍ ଫଳ ଚାଷ, ଆମ ବ୍ୟାଙ୍କ୍, ମିନି ମେଗା ପାଇପ ୱାଟର, ଅଙ୍ଗନୱାଡ଼ି କେନ୍ଦ୍ର, ଟନେଲକ୍ୟାମ୍ପ ବହୁମୁଖି ଉତ୍କର୍ଷ କେନ୍ଦ୍ର, ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଇକୋ ପାର୍କ ପରିଦର୍ଶନରେ ଯାଇ ସ୍ଥିତି ଦେଖିଥିଲେ। ସେହିପରି ଜିଲ୍ଲାରେ ଚାଲିଥିବା ରେଳ ପ୍ରକଳ୍ପ କାର୍ଯ୍ୟ ମଧ ସଚିବ ସମୀକ୍ଷା କରିଥିଲେ । ଅନ୍ୟ ମାନଙ୍କ ମଧରେ ବୈଠକରେ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଆଇଆଇଏମ୍ ସମ୍ବଲପୁରରେ ଅନ୍ତର୍ଜାତୀୟ ସମ୍ମିଳନୀ

ସମ୍ବଲପୁର, ୧୬/୦୭ (ନି.ପ୍ର): ଆଇଆଇଏମ ସମ୍ବଲପୁର ପକ୍ଷରୁ ଭାରତୀୟ ସାମାଜିକ ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏସଏସଆର)ର ମିଳିତ ସହଯୋଗରେ 'ମେଟାଭର୍ସ ବ୍ୟାଙ୍କିଂ'ଆଣ୍ଡ ଫାଇନାନ୍ସିଆଲ ଟ୍ରାନ୍ସଫର୍ମେସନ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ (ଆଇସିଏମବିଏଫଟି ୨୦୨୫) ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ଶିକ୍ଷ ଲିଡର, ଫିନ୍‌ଟେକ୍ ସଂସ୍ଥା ଏବଂ ନୀତି ନିର୍ମାତାମାନେ ଯୋଗଦେଇଥିଲେ। 'ବିକଶିତ ଭାରତ ଅ୨୦୪୭ ପାଇଁ ମେଟାଭର୍ସ ବ୍ୟାଙ୍କିଂ: ଟ୍ରେଣ୍ଡସ୍, ଟେକ୍ ଆଣ୍ଡ ଟ୍ରାନ୍ସଫର୍ମେସନ୍' ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସମସ୍ତ ଅଂଶୀଦାରମାନଙ୍କୁ ମେଟାଭର୍ସର ଆବଶ୍ୟକତା ଏବଂ ବ୍ୟାପକତା ବିଷୟରେ ସଚେତନ କରିବା ଯାହା ଭାରତରେ ବ୍ୟାଙ୍କିଂ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀ କରଣର ଭବିଷ୍ୟତକୁ ବଦଳାଇବା ପାଇଁ ଆଧୁନିକ ପ୍ରଯୁକ୍ତି ବିଦ୍ୟାକୁ କାର୍ଯ୍ୟକାରୀ କରିବ। ଏହି ସମ୍ମିଳନୀରେ ମେଟାଭର୍ସ, ୱେବ୍, ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ବ୍ଲକଚେନ୍ ଭଳି ଉଦୀୟମାନ ବିଷୟଗୁଡ଼ିକ କିପରି ଆର୍ଥିକ ସେବାକୁ ଦ୍ରୁତତର, ଅନ୍ତର୍ଭୁକ୍ତୀ କରଣ ଏବଂ ଅପହଂଚ ଅଂଚଳ ଗୁଡ଼ିକରେ ଉପଲବ୍ଧ କରାଇବାରେ ପରିବର୍ତନ ଆଣୁଛି, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ମେଟାଭର୍ସ ବ୍ୟାଙ୍କିଂ(ଭର୍ଚୁଆଲ ବ୍ୟାଙ୍କ ଶାଖା ଖୋଲିବା) ଲୋକମାନଙ୍କ ଆର୍ଥକ ସେବା ଅନୁଭୂତିରେ ଏକ ବୃହତ୍ ପରିବର୍ତନ ଆଣିଛି। ଭର୍ଚୁଆଲ ରିଆଲିଟି (ଭିଆର) ଏବଂ ଆଗମେଂଟେଡ୍ ରିଆଲିଟି(ଏଆର୍) ଭଳି ପ୍ରଯୁକ୍ତି ବିଦ୍ୟା ଗୁଡ଼ିକର ପ୍ରୟୋଗ ମାଧ୍ୟମରେ ବ୍ୟାଙ୍କଗୁଡ଼ିକ ୩ଡି ଭର୍ଚୁଆଲ ସ୍ଥାନ ସୃଷ୍ଟି କରୁଛନ୍ତି ଯାହା ଦ୍ୱାରା ଗ୍ରାହକମାନେ ଘରୁ ଖାତା ପରିଚାଳନା, ନେଣଦେଣ, ଦେୟ ପ୍ରଦାନ କିମ୍ବା ଆର୍ଥକ ପରାମର୍ଶ ମଧ ନେଇପାରିବେ। ଏହି ଭର୍ଚୁଆଲ ତଥା ଅଧିକ ଇଂଟରଆକ୍ଟିଭ୍ ଏବଂ ବ୍ୟକ୍ତିଗତ ଅନୁଭୂତି ବ୍ୟାଙ୍କଗୁଡ଼ିକୁ ଦୂରଦୂରାନ୍ତ ଓ ସେବା ପହଂଚି ପାରୁନଥିବା ଅଂଚଳର ଗ୍ରାହକଙ୍କ ସହିତ ଭଲ ଭାବରେ ଯୋଗାଯୋଗ କରିବାରେ ସାହାଯ୍ୟ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ଏଚସିଏଲ ଟେକ୍ନୋଲୋଜିଜର ଗ୍ଲୋବାଲ ଅପରେସନ୍ସ ଡାଇରେକ୍ଟର-ଡିଜିଟାଲ ବିଜନେସ ଡି. ପ୍ରବୀଣ କେ ଚୌଧୁରୀ, ବୋଷ୍ଟନ କନସଲ୍ଟିଂ ଗ୍ରୁପର ବିସିଜି ଭାଟେଞ୍ଚର ମ୍ୟାନେଜର ସାଗର ବୈଷ୍ଣବୀ, ନୌସେନାର ନ୍ୟାସନାଲ ମାରିଟାଇମ୍ ଫାଉଣ୍ଡେସନ୍‌ର ଅନରାରି ଆଡଜଙ୍କୁ ଫେଲୋ ଡ. ଆତୁଲ୍ ତ୍ରିପାଠୀ ଓ ମେଲଷ୍ଟାର ଇନଫର୍ମେସନ ଟେକ୍ନୋଲୋଜିସ୍ ଲିମିଟେଡ୍‌ର ଗ୍ରୁପ୍ ସିଆଇଓ ସମରେନ୍ଦ୍ର ମହାନ୍ତିଙ୍କ ଭଳି ଅତିଥି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୮୦ରୁ ଅଧିକ ଗବେଷଣା ପ୍ରବନ୍ଧ ସହିତ ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ନିଜ ଅଭିଭାଷଣରେ କହିଥିଲେ ଯେ, "ବର୍ତମାନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ, ଯେତେବେଳେ ଆମେ ମେଟାଭର୍ସର ଅସୀମ ସମ୍ଭାବନାକୁ ଗ୍ରହଣ କରୁଛୁ। ଏଆଇ ପରିଚାଳିତ କେସ୍ ଷ୍ଟଡି, ହାଇବ୍ରିଡ୍ ?-ବୋର୍ଡ କ୍ଲାସରୁମ୍ ଏବଂ ସ୍ମାର୍ଟ ଶିକ୍ଷା ମୌଳିକ ସୁବିଧା ସହିତ ଆମେ ଶିକ୍ଷାର ଭବିଷ୍ୟତକୁ ପୁନର୍ଗଠିତ କରୁଛୁ। ଏହି ପ୍ରଯୁକ୍ତି ବିଦ୍ୟାଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ବାସ୍ତବ ବିଶ୍ୱର ଆହ୍ୱାନଗୁଡ଼ିକୁ ସାମ୍ନା କରିବା, ମିଳିତ ଭାବେ ସୃଷ୍ଟି କରିବା ଏବଂ ଶାସନ, ସର୍ବସାଧାରଣ ସେବା ଏବଂ ପ୍ରଯୁକ୍ତି ଦ୍ୱାରା ପରିଚାଳିତ ଶିଳ୍ପଗୁଡ଼ିକ ପାଇଁ ପ୍ରସ୍ତୁତ ଏକ ଉନ୍ନତ ପ୍ରତିଭା ଦଳର ଅଂଶ ହେବାର ସୁଯୋଗ ଦେଉଛି। ଆମର ଏଆଇ ପରିଚାଳିତ କ୍ଲାସରୁମ୍ ଏବଂ ନୂତନ ଭାବେ ଆରମ୍ଭ କରାଯାଇଥିବା ଡାଟା ସାଇନ୍ସ ଏବଂ ଆର୍ଟିଫିସିଆଲ ଇଂଟେଲିଜେନ୍ସରେ ବିଏସ୍ ପାଠ୍ୟକ୍ରମ ଭଳି ପଦକ୍ଷେପଗୁଡ଼ିକ ଯୁବ ପ୍ରତିଭାମାନଙ୍କୁ ଡିଜିଟାଲ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ପ୍ରଧାନମନ୍ତ୍ରୀଙ୍କ '୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ' ଲକ୍ଷ୍ୟ କୁ ହାସଲ କରିବା ପାଇଁ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କୁ ଏକାଠି ଆସିବା ଆବଶ୍ୟକ ଏବଂ ଏହି ଡିଜିଟାଲ ବିପ୍ଳବ ସେଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।" ସମ୍ମିଳନୀରେ 'ଭାରତରେ ମେଟାଭର୍ସ ବ୍ୟାଙ୍କିଂ ଏବଂ ଆର୍ଥକ ବ୍ୟବସ୍ଥାର ଭବିଷ୍ୟତ' ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

# ପୀତାମ୍ବର ଦାସଙ୍କ ତିନୋଟି ନାଟକ ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର , ୧୬/୦୭ (ନି.ପ୍ର): ଗତ ୧୪ ତାରିଖ ସଂଧାରେ ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ଦ୍ୱାରା ସାହିତ୍ୟିକ ପୀତାମ୍ବର ଦାସଙ୍କ ରଚିତ ତିନୋଟି ନାଟକ 'ସଂପର୍କ', 'ସପନକୁ ରାତି ନିଅଣ୍ଟ' ଓ 'ଭକୁଆ' ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଶିକ୍ଷାବିତ୍ ଡ. ସୁବାସ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉନ୍ମୋଚନ କାର୍ଯ୍ୟକ୍ରମରେ ନାଟ୍ୟକାର ପୀତାମ୍ବର ଦାସ ସ୍ୱରଚିତ ତିନୋଟି ନାଟକ ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ନାଟ୍ୟକାର ଶ୍ରୀଯୁକ୍ତ ହେମେନ୍ଦ୍ର ମହାପାତ୍ର ଯୋଗଦେଇ ଅତୀତ ଓ ଅଧୁନା ନାଟକର ବିଭିନ୍ନ ଦିଗଦିଗନ୍ତ ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ 'ସପନକୁ ରାତି ନିଅଣ୍ଟ' ନାଟକ ପୁସ୍ତକଟିକୁ ସମୀକ୍ଷା କରି ନାଟ୍ୟକାରଙ୍କର ଏହି ନାଟକଟି ଏକ ପାରିବାରିକ ନିଚ୍ଛକ କାହାଣୀ ବୋଲି ବର୍ଣ୍ଣନା କରିଥିଲେ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଗବେଷକ ଡ. ଭାଗବତ ପ୍ରସାଦ ଦାସ 'ସଂପର୍କ' ଓ 'ଭକୁଆ' ଦୁଇଟି ନାଟକ ପୁସ୍ତକ ଉପରେ ସମୀକ୍ଷାତ୍ମକ ବକ୍ତବ୍ୟ ରଖି କହିଥିଲେ ଯେ 'ସଂପର୍କ' ନାଟକଟି ପାରିବାରିକ ସମ୍ପର୍କର ନିବିଡ଼ତା, ଗଭୀର ଓ ମଧୁର ବୁଝାଉଥିବା ବେଳେ 'ଭକୁଆ' ନାଟକଟି ଏକ ହାସ୍ୟରସାତ୍ମକ ନାଟକ। ଏହି ନାଟକର ଚରିତ୍ର ଚାହା ବିକୁଥିବା ଝିଅଟିଏ କିପରି ଶିକ୍ଷିତ ବେରୋଜଗାରୀ ଯୁବକମାନଙ୍କୁ ନିଜ ପ୍ରେମ ଫାଶରେ ପକାଇବାର ବାହାନା କରି ସେମାନଙ୍କୁ ରୋଜଗାରକ୍ଷମ ହେବାକୁ ଆହ୍ୱାନ ଦେଇ ସେଇ ଯୁବକମାନଙ୍କୁ ଭକୁଆ ବନେଇଛି ତାହାହିଁ ଏହି ନାଟକର ମୁଖ୍ୟ ବିଷୟବସ୍ତୁ। ପ୍ରାରମ୍ଭରେ ପରିଷଦର ସହ-ସମ୍ପାଦକ ଶ୍ରୀ ରାଜେଶ କୁମାର ଗିରି ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ସାଧାରଣ ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଶେଷରେ ପରିଷଦର ବରିଷ୍ଠ ସଦସ୍ୟା ପ୍ରାଧ୍ୟାପିକା ଜ୍ୟୋସ୍ନା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ,ବିଶିଷ୍ଠ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ବିଶ୍ୱ ଯୁବ ଦକ୍ଷତା ଦିବସରେ ଦୀକ୍ଷା ଭାରତର ଗ୍ରାମାଚଂଳରେ ଦକ୍ଷତାର ରୂପାନ୍ତରଣକାରୀ ଶକ୍ତିକୁ ପାଳନ କରୁଛି

ରାଉରକେଲା, ୧୬/୦୭ (ନି.ପ୍ର): ଡାଲମିଆ ଭାରତ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହନ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ତାହାର ପ୍ରମୁଖ ଦକ୍ଷତା ବିକାଶ ପ୍ରୟାସ ଦୀକ୍ଷା (ଡାଲମିଆ ଇନଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ୍ ହାର୍ଟନେସିଂ) ଜରିଆରେ ଭାରତର ଗ୍ରାମାଚଂଳରେ ଜୀବନରେ ରୂପାନ୍ତରଣ ଆଣୁଛି । ଏହାର ରାଜଗାଙ୍ଗପୁର କେନ୍ଦ୍ରରେ ଦୀକ୍ଷା ସ୍ଥାନୀୟ ଯୁବବର୍ଗଙ୍କୁ ଶିଳ୍ପ ଉପଯୋଗୀ ଦକ୍ଷତାରେ ସୁସଜ୍ଜିତ କରି ସେମାନଙ୍କୁ ସଶକ୍ତ କରିବା ସହିତ ସେମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ, ଇଜ୍ଜତ ଏବଂ ସ୍ୱାବଲମ୍ବୀ ଭାବରେ ଜୀବନ ନିର୍ବାହ କରିବାର ସୁଯୋଗ ଲାଭ କରିବାରେ ସହାୟତା କରୁଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଓଡ଼ିଶାର ସୁନ୍ଦରଗଡର ୧୯ ବର୍ଷ ବୟସ୍କା ଦୀପ୍ତି ଲାକ୍ରା । ଆର୍ଥିକ ନିଅଂଟ ତାଙ୍କୁ କଲେଜରୁ ଅଧାରୁ ପାଠ ଛାଡିବାକୁ ବାଧ କରିଥିଲା ଯାହା ତାଙ୍କ ଭବିଷ୍ୟତକୁ ଅନିର୍ଶ୍ଚିତତା ମଧକୁ ଠେଲି ଦେଇଥିଲା । ଦୀପ୍ତି ରାଜଗାଙ୍ଗପୁରସ୍ଥିତ ଦୀକ୍ଷା କେନ୍ଦ୍ରର ଜେନେରାଲ ଡିଉଟି ଆସିଷ୍ଟାଂଟ ପାଠ୍ୟକ୍ରମରେ ଯୋଗଦେଲେ, ଯେଉଁଠାରେ ସେ କ୍ଷେତ୍ରସ୍ତରରେ ତାଲିମ୍ ନେବା ସହିତ ଶିଳ୍ପ କ୍ଷେତ୍ର ସହିତ ସଂସ୍ପର୍ଶରେ ଆସିଲେ ଏବଂ ତାଙ୍କୁ ସେଠାରେ ନିଯୁକ୍ତି ନିମନ୍ତେ ସମର୍ଥନ ମିଳିଲା । ଆଜି ସେ ବର୍ଷକୁ ୨.୬୪ ଲକ୍ଷ ଟଙ୍କା ଦରମାରେ ହାଇଦ୍ରାବାଦରେ ଚାକିରୀ କରୁଛନ୍ତି ଏବଂ ତାଙ୍କ ପରିବାରକୁ ସମର୍ଥନ ଯୋଗାଇ ଦେଉଛନ୍ତି । ଏଥିସହିତ ସେ ଗ୍ରାମର ଯୁବତୀମାନଙ୍କୁ ସେମାନଙ୍କର ଭବିଷ୍ୟତ ଗଢିତୋଳିବା ନିମନ୍ତେ ପ୍ରେରଣା ଦେଉଛନ୍ତି ।ଦୀପ୍ତିଙ୍କ କାହାଣୀ ଦୀକ୍ଷା ଦ୍ୱାରା ସୃଷ୍ଟି ହୋଇଥିବା ଅନେକ ସଫଳତା କାହାଣୀ ମଧ୍ୟରୁ ଗୋଟିଏ । ଆଜି ସୁଦ୍ଧା ଏହା ନିଜର ରାଜଗାଙ୍ଗପୁର କେନ୍ଦ୍ରରେ ୧୮୮୦ରୁ ଅଧିକ ଯୁବବର୍ଗଙ୍କୁ ସ୍ୱାସ୍ଥ୍ୟସେବା, ବୈଦ୍ୟୁତିକ, ସିଲେଇ ମେସିନ ଅପରେଟର, ଗ୍ରାହକ ସମ୍ପର୍କ ପରିଚାଳନା (କଷ୍ଟମର ରିଲେସନସିପ୍ ମ୍ୟାନେଜମେଂଟ) ଏବଂ ୱେରହାଉସ ଏଗଜିକ୍ୟୁଟିଭ ଆଦି ବିଭାଗରେ ତାଲିମ୍ ପ୍ରଦାନ କରିସାରିଛି । ଅଶୋକ କୁମାର ଗୁପ୍ତା, ସିଇଓ, ଡାଲମିଆ ଭାରତ ଫାଉଣ୍ଡେସନ କହିଥିଲେ, "ବିଶ୍ୱ ଯୁବ ଦକ୍ଷତା ଦିବସରେ ଆମେ ଏହା ସ୍ମରଣ କରୁଛୁ ଯେ ସଠିକ ଦକ୍ଷତା ସହିତ ତୃଣମୂଳ ସ୍ତରରୁ ଆମର ଯୁବବର୍ଗଙ୍କୁ ସଶକ୍ତ କରାଯିବା ସହିତ ଆତ୍ମନିର୍ଭର ଭାରତ ନିର୍ମାଣ ଆରମ୍ଭ ହେଉଛି । ଡାଲମିଆ ଭାରତରେ ଆମେ ଏକ ସୁଦୃଢ଼ ଏବଂ ଅଧିକ ସ୍ୱାବଲମ୍ବୀ ରାଷ୍ଟ୍ର ନିର୍ମାଣ ନିମନ୍ତେ ପ୍ରାକ୍ଟିକାଲ ତାଲିମ୍ ଜରିଆରେ ବାସ୍ତବ ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଛୁ । ଦୀପ୍ତିଙ୍କ ଭଳି ସଫଳତାର କାହାଣୀ ଦକ୍ଷତାର ବିକାଶ ଦ୍ୱାରା ଜୀବନରେ କିଭଳି ବାସ୍ତବ ରୂପାନ୍ତରଣ ଆସିପାରିବ ତାହା ପ୍ରଦର୍ଶିତ ହୋଇଛି । ଭାରତର ଯୁବବର୍ଗଙ୍କୁ ସମର୍ଥନ କରିବା ନେଇ ଆମେ ଗୌରବାନ୍ୱିତ ମନେକରୁଛୁ ଏବଂ ସେମାନଙ୍କର ଅଭିବୃଦ୍ଧି ନିମନ୍ତେ ନିବେଶ ଜାରି ରଖିବୁ ।"ଦୀକ୍ଷାର ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଏହାର ପୂର୍ଣ୍ଣାଙ୍ଗ ଆଭିମୁଖ୍ୟ ପାଇଁ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ପ୍ରତିଷ୍ଠା ଲାଭ କରିଛି, ଯେଉଁଥିରେ ପ୍ରାକ୍ଟିକାଲ ତାଲିମ, କ୍ୟାରିୟର କାଉନସେଲିଂ ଏବଂ ନିଯୁକ୍ତି ନିମନ୍ତେ ସମର୍ଥନ ଆଦିର ସମ୍ମିଶ୍ରଣ ରହିଛି । ପାଠ୍ୟକ୍ରମଗୁଡିକ ଶିଳ୍ପ ଆବଶ୍ୟକତା ସହିତ ମେଳ ଖାଉଛି ଏବଂ ଏହା ଏନଏସ୍‌ଡିସି ଓ ବିଭିନ୍ନ ସେକ୍ଟର ସ୍କିଲ କାଉନସିଲ ଗୁଡିକ ଦ୍ୱାରା ପ୍ରମାଣିକୃତ ହେବା ସହିତ ଏହି ପାଠ୍ୟକ୍ରମଗୁଡିକ ନାବାର୍ଡ, ବୋଶ ଏବଂ ସ୍ନାଇଡର ଇଲେକ୍ଟ୍ରିକ ଆଦି ଅନ୍ୟ ସଂଗଠନଗୁଡିକ ସହିତ ରଣକୌଶଳାତ୍ମକ ସହଭାଗୀତା ଜରିଆରେ ସୁଦୃଢ଼ ହୋଇଛି । ଏଠାରୁ ଉତୀର୍ଣ୍ଣ ଅନେକ ଯୁବବର୍ଗ ସେମାନଙ୍କର ନିଜସ୍ୱ ଉଦ୍ୟୋଗ ଆରମ୍ଭ କରିସାରିଛନ୍ତି, ଯାହା ପଛୁଆ ସମୁଦାୟଙ୍କ ମଧ୍ୟରେ ଆୟ ଏବଂ ଆତ୍ମବିଶ୍ୱାସ ବୃଦ୍ଧିକରୁଛି । ୨୦୨୫ ଆର୍ଥିକ ବର୍ଷରେ କେବଳ ୨୦ଟି କେନ୍ଦ୍ରରେ ୬୯୨୫ ଜଣ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ଅନେକ ତିନିମାସ ମଧ୍ୟରେ ନିଯୁକ୍ତି ହାସଲ ଅଥବା ବ୍ୟବସାୟ ଆରମ୍ଭ କରିଛନ୍ତି । ଶିକ୍ଷାନବୀଶଙ୍କ ମଧ୍ୟରେ ୫୦ ପ୍ରତିଶତରୁ ଅଧିକ ମହିଳା ଅଛନ୍ତି ଏବଂ ଦୀକ୍ଷା ଅର୍ଥନୈତିକ ସଶକ୍ତିକରଣ ଜରିଆରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଜାରି ରଖିଛି । ସମୁଦାୟ ବିଶ୍ୱ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ କରୁଥିବାବେଳେ ଡାଲମିଆ ଭାରତ ଫାଉଣ୍ଡେସନ ଦକ୍ଷତା ନିର୍ମାଣ, ରଣକୌଶଳାତ୍ମକ ସହଭାଗୀତା ଏବଂ ସମାବେଶୀ ବିକାଶ ଜରିଆରେ ଭାରତର ପରବର୍ତୀ ପିଢିକୁ ସଶକ୍ତ କରିବା ନିମନ୍ତେ ପୁନଃପ୍ରତିବଦ୍ଧତା ପ୍ରକାଶ କରୁଛି ।

# ୨୮ ଟିକିଆ ହାତୀ ପଲଙ୍କ ଉପଦ୍ରବ ଜାରୀ : ପୁଣି ଭାଙ୍ଗିଲେ ୩ଘର

ଚମ୍ପୁଆ, ୧୬/୦୭ (ନି.ପ୍ର): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କୃଷ୍ଣପୁର, ଗମ୍ଭାରିଆ ଠାରେ ଆଡ୍ଡା ଜମାଇ ଥିବା ୨୮ଟିକିଆ ହାତୀ ପଲ ବିଭିନ୍ନ ଗ୍ରାମରେ ପଶି ଉପଦ୍ରବ ଜାରୀ ରଖିଛନ୍ତି । ଏହି ହାତୀ ପଲ ଗତକାଲି ଚମ୍ପୁଆ ବ୍ଲକର ଗମ୍ଭାରିଆ, ସାନନଇ ଓ ରଜିଆ ଗ୍ରାମରେ ୧୩ ଘର ଭାଙ୍ଗିଥିବା ବେଳେ ଆଜି ଗମ୍ଭାରିଆ ଗ୍ରାମରେ ପୁଣି ୩ ଟି ଘର ଭାଙ୍ଗି ଥିବା ଜଣାପଡିଛି । ଗମ୍ଭାରିଆ ଗ୍ରାମ ନୂଆଗୋଡ଼ା ସାହିର କରୁଣା ମହାନ୍ତଙ୍କ ଘର ଭାଙ୍ଗିବା ସହ ଧାନ ଖାଇ ବିଞ୍ଚି ଦେଇଥିବା ବେଳେ ଅନ୍ୟଟି ଗମ୍ଭାରିଆ ଗ୍ରାମ ଆହାର ଗୋଡ଼ା ର ଚତୁର୍ଭୁଜ ନାୟକଙ୍କ ଘର ଭାଙ୍ଗିଥିବା ଜଣାପଡିଛି । ଏଥି ସହ ବନ ବିଭାଗ କର୍ମଚାରୀ ମାନେ ମଧ ହାତୀଙ୍କୁ ଘଉଡାଇବାରେ ବିଫଳ ହେଉଥିବାରୁ ହାତୀଙ୍କ ଦ୍ୱାରା କ୍ଷତି ଗ୍ରସ୍ତ ହୋଇଥିବା ପରିବାରଙ୍କୁ ଚିହ୍ନଟ କରି କ୍ଷତି ପୁରଣ ଯୋଗାଇ ଦେବାକୁ ପ୍ରଶାସନଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# କଲେଜରୁ ଘରକୁ ଫେରୁଥିବା ବେଳେ ଛାତ୍ରୀ ଅସୁସ୍ଥ

କୋରେଇ, ୧୬/୦୭ (ନି.ପ୍ର): ପାଣିକୋଇଲି ସ୍ଥିତ ମା ତାରିଣୀ ମହାବିଦ୍ୟାଳୟରେ ଯୁକ୍ତ ୩ର ଦ୍ୱିତୀୟ ବର୍ଷର ଅଧ୍ୟୟନ ରତ ଛାତ୍ରୀ ଆଜି ମହାବିଦ୍ୟାଳୟରୁ କ୍ଲାସ ସାରି ଘରକୁ ଫେରୁଥିବା ସମୟରେ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ଉଦ୍ଧାର କରି ନିକଟସ୍ତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି । ପ୍ରକାଶଯେ ଗୋଳେଇପୁର ପଂଚାୟତ ହାଟସାହି ଗ୍ରାମର ନିର୍ମଳ ମଲିକଙ୍କ ସ୍ତ୍ରୀ ବିଦୁସ୍ମିତା ମଲିକ (୨୪) ପାଣିକୋଇଲି ମା ତାରିଣୀ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅଟନ୍ତି । ଆଜି କ୍ଲାସ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ମହିନ୍ଦ୍ରା ସୋରୁ ମନିକଟରେ ଅସୁସ୍ଥ ଅନୁଭବ କରି ସାଇକେଲରୁ ପଡିଯାଇଥିଲେ । ତାଙ୍କ ସଂଗରେ ଥିବା ସହଯୋଗୀ ଛାତ୍ରୀ ତାଙ୍କୁ ଉଠାଇଥିଲେ । ଖବରପାଇ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଦସ୍ୟ ମାନେ ପହଂଚି ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତି କରି ଚିକିତ୍ସା କରାଇଥିଲେ ।

# ହାଟ ବଜାରରେ ୧୦୦ ଛୁଇଁଲାଣି ପନିପରିବା ଦର

ଘଟଗାଁ, ୧୬/୦୭ (ନି.ପ୍ର): ସଂପ୍ରତି ଲଗାଣ ବର୍ଷାର ପ୍ରଭାବରୁ କେନ୍ଦୁଝରରେ ପନିପରିବା ଦର ଅହେତୁକ ଭାବେ ବୃଦ୍ଧି ପାଇଛି। କେତେକ ପରିବା ଦର କିଲୋ ୭୦/୮୦ଟଙ୍କା ଥିବାବେଳେ ଆଉ କେତେକ ପରିବା ଦର ୧୦୦ ଟଙ୍କାକୁ ଛୁଇଁଥିବାର ଜଣାପଡ଼ିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଜିଲ୍ଲା, ରାଜ୍ୟ ତଥା ଉତର ଓଡ଼ିଶାରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଜିଲ୍ଲାରୁ ଉତ୍ପାଦିତ ଓ ବାହ୍ୟରାଜ୍ୟରୁ ଆମଦାନୀ ପରିବା ଉପରେ ପ୍ରଭାବ ପଡ଼ିବା କାରଣରୁ ପନିପରିବା ଦର ଅହେତୁକ ଭାବେ ବୃଦ୍ଧିପାଇ ଖାଉଟିଙ୍କୁ ବିବ୍ରତ କରିଛି। ସଂପ୍ରତି କେନ୍ଦୁଝରର ହାଟ ବଜାରରେ ବାଇଗଣ, ପୋଟଳ, କଲରା, କିଲୋ ୮୦ଟଙ୍କାରେ ବିକ୍ରି ହେଉଥିବାବେଳେ, ଭେଣ୍ଡି, କାକୁଡ଼ି, ସାରୁ, ବିଲାତି, ବନ୍ଧାକୋବି, କଖାରୁ କିଲୋ ୬୦ଟଙ୍କା ଫୁଲକୋବି ଓ ରୁମାଛୁଇଁ କିଲୋ ୧୦୦ଟଙ୍କାକୁ ଛୁଇଁଥିବାବେଳେ ମାଛ, ମାଂସ, ଚିକେନ ଦର ମଧ ମହଙ୍ଗା ରହିଛି। ଅଧିକାଂଶ ପରିବା ବାହାର ରାଜ୍ୟରୁ ଆସୁଥିବାରୁ ଓ ସେଠାରେ ଲଗାଣ ବର୍ଷା, ବନ୍ୟା ପରିସ୍ଥିତି ଯୋଗୁଁ ଆମଦାନୀ ପରିବା ଦର ମଧ ଖାଉଟିଙ୍କୁ ଅସହ୍ୟ କରିଛି। କୋବି, ମାଟିଆଳୁ, ଛୁଇଁ, ଗାଜର, ବିଟ ଭଳି କେତେକ ପରିବା ବେଙ୍ଗାଲୁର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ମଧ୍ୟପ୍ରଦେଶ ଆଦି ରାଜ୍ୟରୁ କିଛି ଆମଦାନୀ ହୋଇଥାଏ। ହେଲେ ବର୍ଷା ଦିନରେ ଲଗାଣ ବର୍ଷା, ବାତ୍ୟା, ଓ ବନ୍ୟା ଭଳି ପରିସ୍ଥିତି ସୃଷ୍ଟିହୋଇ ପନିପରିବା ଉପରେ ବେଶ ପ୍ରଭାବ ପକାଇଥାଏ। ଫଳସ୍ୱରୂପ ଏହିଦିନରେ ପନିପରିବା ଦର ପ୍ରାୟତଃ ଉଚ୍ଚା ରହିଥାଏ ବୋଲି ଜଣାପଡ଼ିଛି। ସେହିଭଳି ରାଜ୍ୟରେ ଆବଶ୍ୟକତା ଅନୁସାରେ ଶୀତଳ ଭଣ୍ଡାରର ବ୍ୟବସ୍ଥା ନଥିବାରୁ ପନିପରିବାକୁ ସଂଚିତ କରି ରଖାଯାଇପାରୁ ନାହିଁ ଏବଂ ଲଗାଣ ବର୍ଷା ଲାଗି ରହିଲେ ପନିପରିବା ନଷ୍ଟ ହେବା ଓ କିଛିଦିନ ବ୍ୟବଧାନରେ ପରିବାର ଅଭାବ ପରିସ୍ଥିତି ମଧ ସୃଷ୍ଟି ହୋଇଥାଏ। ଏହିଭଳି ବିଭିନ୍ନ କାରଣରୁ ପନିପରିବା ଦର ବିଭିନ୍ନ ଋତୁରେ ବର୍ଦ୍ଧିତ ହୋଇ ଖାଉଟିମାନଙ୍କୁ ବିବ୍ରତ କରିଥାଏ। ସେହିଭଳି ବଣ ପାହାଡ଼ ଘେରା କେନ୍ଦୁଝର ଜିଲ୍ଲାର ଜଙ୍ଗଲ ନିକଟବର୍ତୀ ଗରିବ ଅଧିବାସୀମାନେ ଭଳି ଜଙ୍ଗଲୀ ଛତୁ ରୁଟୁକା, ବିହୁଡୁଣି, ପତ୍ରଛତୁ, ମଣ୍ଡା ପତ୍ରଛତୁ, ମଣ୍ଡାଛତୁ ମଧ ବଜାରକୁ ବିକ୍ରିପାଇଁ ଆସିଥାଏ, ଏସବୁ ଛତୁର ସ୍ୱାଦ ଆମିଷ ଠାରୁ ଅଧିକ ସ୍ୱାଦିଷ୍ଟ, ହେଲେ ଏସବୁ ଛତୁର ଦର ମଧ ଗତ ବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି, ବର୍ତମାନ ରୁଟୁକା କିଲୋ ୮୦୦ଟଙ୍କାରେ ବିକ୍ରି ହେଉଥିବାବେଳେ ବିହୁଡୁଣି କିଲୋ ୧୨୦୦ରୁ ୧୫୦୦ଟଙ୍କାରେ ବିକ୍ରି ହେଉଛି, ଯାହାକି ଲୋକମାନଙ୍କୁ ଅସହ୍ୟ କରିଛି।

# ସେଲ ରାଉରକେଲା ଇସ୍ପାତ କାରଖାନାରେ 'ଯୁବ ପ୍ରବନ୍ଧକଙ୍କ ନିମନ୍ତେ ଗ୍ରାହକ ଅଭିମୁଖୀକରଣ କାର୍ଯ୍ୟକ୍ରମ' ଆୟୋଜିତ

ରାଉରକେଲା, ୧୬/୦୭ (ନି.ପ୍ର): ରାଞ୍ଚି ସ୍ଥିତ ପରିଚାଳନା ତାଲିମ ପ୍ରତିଷ୍ଠାନ (ଏମ୍ ଟି ଆଇ) ଏବଂ ଆର ଏସ ପି ର ଜ୍ଞାନାର୍ଜନ ଓ ବିକାଶ ବିଭାଗ (ଏଲ ଏଣ୍ଡ ଡି) ମିଳିତ ସହଭାଗିତା ରେ "ଯୁବ ପ୍ରବନ୍ଧକଙ୍କ ପାଇଁ ଗ୍ରାହକ ଅଭିମୁଖୀକରଣ" ଉପରେ ସେଲ୍, ଆରଏସପିର କେନ୍ଦ୍ରୀୟ ଶକ୍ତି ତାଲିମ ପ୍ରତିଷ୍ଠାନ (ସି ପି ଟି ଆଇ) ରେ ଜୁଲାଇ ୧୧ ଓ ୧୨ ତାରିଖ ରେ ଏକ ଦୁଇ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଭୟ ଉଦଘାଟନୀ ଓ ଉଦଯାପନୀ ଅଧିବେଶନରେ ଏଚ ଆର- ଏଲ ଏଣ୍ଡ ଡି ବିଭାଗ ର ସି ଜି ଏମ ଶ୍ରୀ ପି କେ ସାହୁ, ଏଚ ଆର ଏଲ ଏଣ୍ଡ ଡି ବିଭାଗ ର ଜିଏମ ଶ୍ରୀ ଏଚ୍.ଏନ୍. ପତି, ଏବଂ ଏମଟିଆଇ ରାଞ୍ଚି ର ଜିଏମ ପର୍ଚ୍ଚେଜ ସୁଶ୍ରୀ ଶବନମ୍ ଶାଦାବ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା ଏବଂ କେନ୍ଦ୍ରୀୟ ମାର୍କେଟିଂ ସଂଗଠନ (ସିଏମ୍‌ଓ)ର କର୍ମଚାରୀମାନେ ମଧ ଅଂଶଗ୍ରହଣ କରିଥିଲେ। ଏହି ଦୁଇ ଦିନିଆ ବୈଷୟିକ ଅଧିବେଶନ ଇସ୍ପାତ ଶିଳ୍ପରେ ଗ୍ରାହକ ଅଭିମୁଖୀକରଣର ଏକ ସାମଗ୍ରିକ ବୁଝାମଣା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇସ୍ପାତ ଶିଳ୍ପରେ ଗ୍ରାହକ-କୈନ୍ଦ୍ରିକ ଅଭ୍ୟାସଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଅନ୍ତର୍ଭୁକ୍ତ ହୋଇଥିଲା। ମୁଖ୍ୟ ବିଷୟଗୁଡ଼ିକ ମଧରେ ଗ୍ରାହକ ଅଭିମୁଖୀକରଣକୁ ବୁଝିବା, ଗ୍ରାହକଙ୍କ ଆବଶ୍ୟକତା ଏବଂ ଆଶା ସହିତ ସମନ୍ୱିତ ମାନସିକତା ବିକାଶ କରିବା ଉପରେ ଧାନ କେନ୍ଦ୍ରିତ କରିବା ସହିତ ଇସ୍ପାତ ଶିଳ୍ପରେ ଗ୍ରାହକ ମୂଲ୍ୟ ପରିଚାଳନା (ସିଭିଏମ୍) - ଗ୍ରାହକ ପାରସ୍ପରିକ କ୍ରିୟା, ଗ୍ରାହକଙ୍କ ସହିତ ପ୍ରଭାବଶାଳୀ ସମ୍ପର୍କ ଏବଂ ସମ୍ପର୍କ ଗଠନର ଗୁରୁତ୍ୱ ଇତ୍ୟାଦି ସାମିଲ ଥିଲା। ଉଭୟ ଅଧିବେଶନ ସୁଶ୍ରୀ ସବନମ ଶଦାବଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ସିଜିଏମ ସେଲ୍ସ ଓ ସିଏମଓ ରାଉରକେଲାର ଏସଆରଏମ ଶ୍ରୀ ସିଦ୍ଧାର୍ଥ ବାନାର୍ଜୀଙ୍କ ଦ୍ୱାରା ସମ୍ପନ୍ନ ଇସ୍ପାତ ଶିଳ୍ପରେ ଗ୍ରାହକ ମୂଲ୍ୟ ପରିଚାଳନା ଉପରେ ଅଧିବେଶନ ଅଂଶଗ୍ରହଣକାରୀମାନଙ୍କୁ ସ୍ଥିର ମୂଲ୍ୟ ପ୍ରଦାନ କରିବା ଏବଂ ଗ୍ରାହକ ସନ୍ତୋଷ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ରଣନୀତି ଅନୁସନ୍ଧାନ ଏବଂ ପରୀକ୍ଷା କରିବାରେ ସାହାଯ୍ୟ କରିଥିଲା। ଏତଦ ବ୍ୟତିତ, ଆର ଏସ ପି ର ନୂତନ ପ୍ଲେଟ ମିଲ ବିଭାଗ ର ଜି ଏମ ଶ୍ରୀ ନୀଳମଣି ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ 'ପ୍ରଭାବଶାଳୀ ସି ଭି ଏମ ପାଇଁ ସିଷ୍ଟମଗୁଡ଼ିକୁ ସକ୍ଷମ କରିବା' ବିଷୟ ଗ୍ରାହକ-କେନ୍ଦ୍ରିକ ପଦକ୍ଷେପଗୁଡ଼ିକୁ ବଜାୟ ରଖିବାରେ ଦୃଢ଼ ପ୍ରକ୍ରିୟା, ପ୍ରଯୁକ୍ତିବିଦ୍ୟା ଏବଂ ସଂଗଠନାତ୍ମକ ସମର୍ଥନର ଭୂମିକା ଉପରେ ଆଲୋକପାତ ହୋଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଧାରଣାଗୁଡ଼ିକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକ୍ରମରେ ମତବିନିମୟ ଅଧିବେଶନ, କ୍ୱିଜ୍, ପ୍ରତିଫଳନ ଉପରେ ଆଲୋଚନା କରଯାଇଥିଲା। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁଶ୍ରୀ ଶବନମ୍ ଶାଦାବ ଓ ଏଚ ଆର – ଏଲ ଏଣ୍ଡ ଡି ବିଭାଗ ର ସିନିୟର ମ୍ୟାନେଜର ଶ୍ରୀ ଏଲ୍ ମାରାଣ୍ଡି ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୫ ପାଳିତ

ସମ୍ବଲପୁର, ୧୬/୦୭ (ନି.ପ୍ର): ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ, ସମ୍ବଲପୁର ତରଫରୁ ଆୟୋଜିତ ହୋଇଥିବା ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୫ ଆଜି ତା ୧୫.୦୭.୨୦୨୫ ରିଖ ଦିବା ୧୦:୦୦ ଘଟିକା ସମୟରେ ଉକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଂଚଳିକ ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସତୀଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏତଦ୍ସହିତ ସମ୍ବଲପୁରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଏବଂ ପ୍ରସାରଣ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଆମନ୍ତ୍ରିତ ହୋଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ, ସମ୍ବଲପୁରର ଉପ ନିର୍ଦ୍ଦେଶକ ଶ୍ରୀ ଶଙ୍କର ଚରଣ ମୁର୍ମୁ ଏହି କାର୍ଯ୍ୟକ୍ରମର ପରିଚାଳନା ଭାରଗ୍ରହଣ କରି ଥିଲେ। ଏହି ସଭାରେ ବିଶ୍ୱ ଯୁବ ଦକ୍ଷତା ଦିବସର ମହତ୍ୱ ଏବଂ ରାଷ୍ଟ୍ରଗଠନ କ୍ଷେତ୍ରରେ ଯୁବସମାଜର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନେ ଯୋଗଦାନ ଦେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା କୁଇଜ୍ ଓ ପ୍ରବନ୍ଧଲିଖନ ଇତ୍ୟାଦିରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

# ଏଫଏମ କଲେଜର ଦିବଙ୍ଗତ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ନୀଳଗିରି ବନ୍ଦ ସଫଳ



ନୀଳଗିରି, ୧୬/୭ (ନି.ପ୍ର): ବାଲେଶ୍ୱର ଫକୀରମୋହନ ସ୍ୱୟଂଚାଳିତ କଲେଜରେ ଇଣ୍ଟିଗ୍ରେଟେଡ୍ ବିଇଡ୍‌ର ଦ୍ୱିତୀୟବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନପାଇ ଆତ୍ମହୁତି ଦେବା ଘଟଣା ଓଡିଶା ରାଜନୀତିକୁ ହଲଚଲ କରିଛି। ଆଜି ରାଜ୍ୟ ସରକାରଙ୍କୁ ବିରୋଧୀ ବିଜେଡ଼ି ଘେରିଥବା ବେଳେ ଦଳପକ୍ଷରୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଧର୍ମଘଟ କରାଯାଇଥିବା ବେଳେ ଅନୁରୂପ ଭାବେ ନୀଳଗିରି ବିଜେଡ଼ି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ବାଇପାସ ଠାରେ ଟାୟାର ଜାଳି ଧର୍ମଘଟ କରାଯାଇଛି।ପୂର୍ବାହ୍ନ୬ ଘଟିକାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ବନ୍ଦପାଳନ କରାଯାଇଥିଲା।ଉକ୍ତ ଧର୍ମଘଟରେ ପ୍ରଥମେ ବାଇକ ରାଲିରେ ବଜାର ପରିକ୍ରମା କରାଯାଇଥିବା ବେଳେ ସମସ୍ତ ଦୋକାନ ବଜାର, ସରକାରୀ ଦପ୍ତର, ବନ୍ଦ କରାଯାଇଥିବାର ଦେଖିବାକୁ ମିଳିଛି।ଏଥିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଶିକ୍ଷାମନ୍ତ୍ରୀ ସୂର୍ଯ୍ୟାବଂଶୀ ସୁରଜ, ବାଲେଶ୍ୱର ବିଧାୟକଙ୍କ ଇସ୍ତଫା ଦାବୀ କରାଯାଇଥିବା ବେଳେ ଆତ୍ମହତ୍ୟାର ସଂପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଛି। ଏହି ବନ୍ଦପାଳନ ଏବଂ ବିକ୍ଷୋଭରେ ପୂର୍ବତନ ବିଧାୟକଙ୍କ ସହିତ ନୀଳଗିରି ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପେନ୍ଦ୍ର ଦାସ, ଗଙ୍ଗାଧର ମିଶ୍ର, ରବୀନ୍ଦ୍ର ପରିଡା, ରାଜୀବ ଦାସବାବୁ, ଉଦୟଜ୍ୟୋତି ମହାନ୍ତି, ବିଜୟ ଲେଙ୍କା, ରମେଶ ବାଗ, ଶରତ ଦାସ, ରବୀନ୍ଦ୍ର ପାତ୍ର, ଭାଗବତ ଖିଲାର, ସଞ୍ଜୟ ସିଂ, ଉପେନ୍ଦ୍ର ନାୟକ, ବୁଦ୍ଧଦେବ ସରକାର, ଲୁନା ଦାସ, ଅଚ୍ୟୁତ ପ୍ରଧାନ, ରାମକୃଷ୍ଣ ମହାପାତ୍ର, ସାବିତ୍ରୀ ସିଂ, ଚାନ୍ଦମଣି ମୁର୍ମୁ, ରମାକାନ୍ତ ମହାଳିକ, ବିନିତା ମଢେଇ ପ୍ରମୁଖ ବହୁ ନେତୃସ୍ଥାନୀୟ କର୍ମୀ ଉକ୍ତ ଧର୍ମଘଟରେ ସାମିଲଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ନୀଳଗିରି ପୋଲିସ ଧର୍ମଘଟ ସ୍ଥଳୀରେ ଉପସ୍ଥିତ ଥିଲେ । ନୀଳଗିରିରେ ଆଜି ଏହି ଧର୍ମ ଘଟ ସମ୍ପୂର୍ଣ୍ଣ ସଫଳ ହୋଇଥିବାର ଦେଖିବାକୁ ମିଳିଛି।

## ଅବକାରୀ ଥାନା ପକ୍ଷରୁ ପୃଥକ ସ୍ଥାନରେ ଚଢାଉ: ୨ଜଣ ଗିରଫ

ବେତନଟୀ, ୧୬/୭ (ନି.ପ୍ର): ବେତନଟୀ ଅବକାରୀ ଥାନା ପକ୍ଷରୁ ବୁଧବାର ପୃଥକ ସ୍ଥାନରେ ଚଢାଉକରି ମହୁଲପୋଚ ନଷ୍ଟ ସମେତ ରନ୍ଧାମଦ ଜବତ ଘଟଣାରେ ଦୁଇଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବଡ଼ସାହି ଥାନା ଅଧୀନ ବଣତାଳପଦା ଗ୍ରାମର ମହେନ୍ଦ୍ର ହେମ୍ବ୍ରମର ସ୍ତ୍ରୀ ସାଲୋ ହେମ୍ବ୍ରମ ନିକଟରୁ ୨୫ ଲିଟର ଚୋରା ଦେଶମଦ ଏବଂ ସେହି ବଣତାଳପଦା ଗ୍ରାମର ଶ୍ୟାମସୁନ୍ଦର ମାଝୀର ପୁଅ ବୁଧସା ମାଝୀ(୫୩) ନିକଟରୁ ଦେଢଶହ କେଜି ମହୁଲପୋଚ ସମେତ ୧୫ଲିଟର ରକ୍ଷାମଦ ଜବତ କରାଯାଇଥିଲା ଏନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁକରି ଗିରଫ ଉଭୟ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟପରୀକ୍ଷାପରେ ଅପରାହ୍ନରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିଲା।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବୀରେ ପାରାଦୀପ ବିଜେଡି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ଓ କୁଶପୁତଳିକା ଦାହ




ପାରାଦୀପ, ୧୬/୭ (ନି.ପ୍ର): ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତିକୁ ନେଇ ସାରା ରାଜ୍ୟ ପଡୁଛି ଉଠୁଛି। ଏହି ମୃତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହୁତି ପଛରେ ରାଜ୍ୟ ବିଜେପି ସରକାରଙ୍କ ହାତ ରହିଛି।ଏନେଇ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ ଦାୟୀ ରହିବା ସହିତ ମୃତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବୀରେ ପାରାଦୀପ ବିଜେଡି ପକ୍ଷରୁ ଆଜି ବିକ୍ଷୋଭ କରାଯିବା ସହ ଉଚ୍ଚ ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ବରିଷ୍ଠ ବିଜେଡି ନେତା କୁମରବର ନାୟକଙ୍କ ନେତୃତ୍ୱରେ ଶହ ଶହ ଦଳୀୟ କର୍ମୀଙ୍କୁ ନେଇ ଆଜି ଅପରାହ୍ନରେ ନୂଆବଜାର ମେମୋରିଆଲ୍ ଟ୍ରଷ୍ଟରୁ ଏକ ଶୋଭାଯାତ୍ରା ବାହାରି ପାରାଦୀପ ଥାନା ଛକ ନିକଟରେ ପହଂଚିଥିଲା। ଉକ୍ତ ବିକ୍ଷୋଭ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସବିତା ମହାପାତ୍ର, ଜ୍ୟୋତିକାନ୍ତ ପରିଡା, ପାରିଷଦ ମନୋଜ ନାୟକ, ଅନୁପ ସାହାଣି, କୈଳାସ ଚନ୍ଦ୍ର ସାହୁ, ସୁଶୀଲ ମହାପାତ୍ର, ସୁଶୀଲ ମହାପାତ୍ର, ମାନସ ବିଶ୍ୱାଳ, ରଶ୍ମୀରଂଜନ ପରିଡା, ଅଶୋକ ସାହୁ, ଲପନ ପରିଡା, ନରେନ୍ଦ୍ର ରାଉତ, ଦୀପକ ସ୍ୱାଇଁ, ଝାଡେଶ୍ୱର ମାନ୍ନା ଓ ପ୍ରଦୀପ ସାମଲ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିଥିଲେ।

# ୩ ବାଘଛାଲ ଜବତ: ୭ ଗିରଫ

## ♦ଧନପ୍ରାପ୍ତି ଲାଗି ବାଘଛାଲ ଘରେ ରଖି ପୂଜା କରୁଥିଲେ ଅଭିଯୁକ୍ତ
## ♦ମୟୂରଭଞ୍ଜ ଦେଇ ଛତିଶଗଡ ଯାଏଁ ବ୍ୟାପିଛି ବାଘଛାଲ ରେକେଟ
## ♦ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ସରକାରୀ ଶିକ୍ଷକ ଓ ତନ୍ତ୍ର ସାଧକ ସାମିଲ



ବାରିପଦା , ୧୬/୭ (ନି.ପ୍ର): ବାଘଛାଲକୁ ଘରେ ରଖି ପୂଜା କଲେ ମିଳିବ ଅଜସ୍ର ଟଙ୍କା। ଏଭଳି ଅନ୍ଧବିଶ୍ୱାସ କାରଣରୁ ଜଣେ ତନ୍ତ୍ର ସାଧକ ଅଭିଯୁକ୍ତ ଘରେ ରଖିଥିଲେ ବାଘଛାଲ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ସ୍ୱତନ୍ତ୍ର ଗୁଇନ୍ଦା ଟିମ ଠାରୁ ଖବର ପାଇ ବନ ବିଭାଗ ସହିତ ଶିମିଳିପାଳ ଟାଇଗର ରିଜର୍ଭ ମିଳିତ ଭାବରେ କପ୍ତିପଦା, ବଡ଼ସାହି, ଡୁକୁରା ଓ ଖୁଣ୍ଟା ରେଞ୍ଜର ବିଭିନ୍ନ ଅଞ୍ଚଳରେ ରେଡ କରିଥିଲେ। ବଡ଼ସାହିର ଜଣେ ବ୍ୟକ୍ତି ପୂଜା କରିବା ପାଇଁ ଘରେ ରଖିଥିବା ବାଘଛାଲ ଜବତ କରିବା ପରେ ତାଙ୍କୁ ପଚରା ଉଚରା କରି ଉଦଳା ଓ ଖୁଣ୍ଟା ଅଞ୍ଚଳରେ ଆଉ ଦୁଇଟି ବାଘଛାଲ ଥିବାର ସୁରାକ ପାଇଥିଲା ବନ ବିଭାଗ। ତୁରନ୍ତ ବିଳମ୍ବିତ ରାତିରେ ଚଢାଉ କରି ଆଉ ଦୁଇଟି କଲରା ପତରିଆ ବାଘ ଛାଲ ଜବତ କରିବା ସହିତ ଅନ୍ୟ ୬ ଜଣ ଚୋରା ବେପାରୀଙ୍କୁ ଗିରଫ କରିଛି ବିଭାଗ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବଡ଼ସାହିର ଜଣେ ସରକାରୀ ସ୍କୁଲ ଶିକ୍ଷକଙ୍କ ସହିତ ଜଣେ ବେପାରୀ, ବାଲେଶ୍ୱର ଜିଲ୍ଲାର ୨ଜଣ ବେପାରୀ ଏବଂ ଉଦଳା ରେଞ୍ଜ ଅଞ୍ଚଳର ୩ ଜଣ ସାମିଲ ରହିଛନ୍ତି। ଗିରଫ ୭ଜଣ ଅଭିଯୁକ୍ତ ମାନେ ବଡ଼ସାହି ଥାନାର ଚନ୍ଦନଚତୁରି ଗ୍ରାମର ରାଇସେନ ଚାପେୟାର, ପାଉଁଶିଆ ଗ୍ରାମର ମନରଞ୍ଜନ ଟିପିରିଆ ଓ ଗୁରୁପ୍ରସାଦ ପତ୍ର, ଖୁଣ୍ଟା ଥାନା ଅନ୍ତର୍ଗତ କୁଆଁରପାଳ ଗ୍ରାମର ସେର୍ମାସିରି ସୋରେନ, ଉଦଳା ଥାନା ଅନ୍ତର୍ଗତ କୁଟଲିଙ୍ଗ ଗ୍ରାମର ଚଂପାଇ ମୁର୍ମୁ, ବାଲେଶ୍ୱର ଜିଲ୍ଲାର ବରହମପୁର ଗ୍ରାମର ସୁନାରାମ ହେମ୍ବ୍ରମ, ନିଳିଗିରି ଥାନା ଅଂଚଳର ତେଣ୍ଡା ଗ୍ରାମର ଆମର କୁମାର ସିଂ ବୋଲି ଜଣାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଜବତ ବାଘ ଛାଲ ଗୁଡ଼ିକର ଅବସ୍ଥା ଦେଖି ସେଗୁଡିକ ଅନେକ ପୁରୁଣା ହୋଇଥିବା ସହିତ ଛତିଶଗଡ଼ରୁ ଆସିଥିବା ନେଇ ସନ୍ଦେହ କରୁଛି ବନବିଭାଗ। ଏଣୁ ଏହି ବାଘ ଛାଲ ରେକେଟର ଚେର ମୟୁରଭଞ୍ଜ ରୁ ଛତିଶଗଡ଼ ପର୍ଯ୍ୟନ୍ତ ଲମ୍ବିଛି ବୋଲି କୁହାଯାଉଛି। ତେବେ ଘଟଣା ବାବଦରେ ସବିଶେଷ ତଦନ୍ତ ଚାଲିଥିବା ବେଳେ, ଆଗକୁ ଆହୁରି ଅଧିକ ଚୋରା ବାଘଛାଲ ବେପାରୀ ଗିରଫ ହେବେ ବୋଲି କହିଛନ୍ତି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ଏବଂ ବାରିପଦା ବନ ଖଣ୍ଡ ଅଧିକାରୀ ଏ. ଉମା ମହେଶ।

**AFFIDAVIT**

By virtue of an affidavit sworn before Notary Public, Balasore dated 19.06.2025. I, Rashmirekha Pradhan, aged about 41 years, W/o.-Upendra Nath Pradhan of At./P.O.-Dahapada, P.S.-Sahadevkhunta, Dist.-Balasore have declared that prior to my marriage I am known as Milimani Biswal and the same name has been mentioned in my Educational Certificates and also in the Postal Policy vide No. R-OR-BN-EA-104486, dtd.06.02.2008 in Dahapada Post Office. But after my marriage with Upendra Nath Pradhan my name and surname has been changed from Milimani Biswal to Rashmirekha Pradhan. Milimani Biswal and Rashmirekha Pradhan both D/o.-Nandan Biswal and W/o.-Upendra Nath Pradhan is one and same person.

**Sd/-Rashmirekha Pradhan**

**AFFIDAVIT**

BY VIRTUE OF AN AFFIDAVIT BEFORE EXECUTIVE MAGISTRATE BHUBANESWAR. I, PRADIP KUMAR DASH S/O LATE SADHU CHARAN DASH, AT- CHAKEISIHANI, PO- RASULGARH, BHUBANESWAR- 751010. MY FATHER NAME WAS WRONGLY RECORDED AS SUDHAKAR DAS INSTEAD OF SADHU CHARAN DASH IN MY LAND ROR VIDE KHATA NO – 257/1214, PLOT NO – 18/2250, AREA- A0.080 DECS, MOUZA – SHYAMSUNDARPUR, PS – CHANDAKA, HENCEFORTH HE WILL BE KNOWN AS SADHU CHARAN DASH FOR ALL PURPOSES.

**PRADIP KUMAR DASH**

# ବନ୍ଦ କୋଠରୀ ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବେତନଟୀ, ୧୬/୭ (ନି.ପ୍ର): ବେତନଟୀ ଟାଟାପାୱାର କାର୍ଯ୍ୟାଳୟରେ କାର୍ଯ୍ୟରତ ଯାଜପୁର ଅଞ୍ଚଳର ଜନୈକ ଷ୍ଟୋର ସୁପରଭାଇଜରଙ୍କ ଝୁଲନ୍ତା ମୃତଦେହ ବନ୍ଦ କୋଠରୀ ଭିତରୁ କବାଟ ଭାଙ୍ଗି ବୁଧବାର ରାତି ଉଦ୍ଧାର କରାଯାଇଛି । ମୃତକ ଜଣକ ହେଉଛନ୍ତି ବନ୍ତଳାଉପକଣ୍ଠ ଉପୁଳା ଅଞ୍ଚଳର ରଞ୍ଜନ ମଲ୍ଲିକଙ୍କ ପୁଅ ଶଶାଙ୍କଶେଖର ମଲ୍ଲିକ(୩୦) । ହସ୍ତଗତ ସୂଚନା ମୁତାବକ ବେତନଟୀସ୍ଥିତ ଟାଟାପାୱାର କାର୍ଯ୍ୟାଳୟରେ ଷ୍ଟୋର ସୁପରଭାଇଜର ଭାବରେ ଶଶାଙ୍କ ଶେକର ଅଢ଼େଇବର୍ଷ ହେବ ଚାକିରୀ କରିଆସୁଥିଲେ। ଘଟଣାଦିନ ଅର୍ଥାତ ବୁଧବାର ମଧ ଶଶାଙ୍କ ନିଜର ଡ୍ୟୁଟିସାରି ଅପରାହ୍ନରେ ବେତନଟୀସ୍ଥିତ ଭଡାଘରକୁ ଫେରିଥିଲେ । କୌଣସି କାମରେ ସହକର୍ମୀମାନେ ବାରମ୍ୱାର କଲ କରିଥିଲେ ସୁଦ୍ଧା ଶଶାଙ୍କ ଫୋନ ରିସିଭ ନକରିବାରୁ ସେମାନେ ତାଙ୍କର ଭଡାଘର ନିକଟରେ ପହଞ୍ଚି କବାଟ ବାଡେଇଥିଲେ । ଦୀର୍ଘସମୟ ଧରି କବାଟ ବାଡେଇଥିଲେ ସୁଦ୍ଧା ଶଶାଙ୍କ କବାଟ ଖୋଲିନଥିଲେ କି କୌଣସି ଉତ୍ତର ଦେଇନଥିଲେ । ସନ୍ଦେହ ହେବାରୁ ସହକର୍ମୀ ମାନେ ଛାତ ସ୍କାଏଲାଇଟ ଦେଇ ଅନୁଧ୍ୟାନ କରିବାପରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏହାପରେ ଘରମାଲିକ ଏବଂ ପାଖ ପଡୋଶୀଙ୍କୁ ଡାକି କବାଟ ଭାଙ୍ଗି ଉଦ୍ଧାର କରିଥିଲେ । ଏନେଇ ପୁଲିସକୁ ଖବରଦେବାପରେ ବେତନଟୀ ଥାନା ଏଏସଆଇ ସାନନ୍ଦ ନାଏକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି ଶଶାଙ୍କ ଶେଖରଙ୍କ ଘରଲୋକଙ୍କୁ ଖବର ଦିଆଯାଇଥିବା ବେଳେ ସେମାନେ ପହଞ୍ଚିବାପରେ ଶବବ୍ୟବଛେଦ ନେଇ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ । ସହକର୍ମୀଙ୍କ ସୂଚନା ମୁତାବକ ପ୍ରାୟ ୫ମାସ ପୂର୍ବରୁ ଶଶାଙ୍କ ଶେଖର ବିବାହ କରିଥିବା ବେଳେ ଦୁଇ-ତିନିମାସ ହେବ ବେତନଟୀରେ ଘରଭଡା ନେଇ ପତ୍ନୀଙ୍କ ସହିତ ରହିଆସୁଥିଲେ । ସପ୍ତାହେ ପାଖାପାଖି ହେବ ପତ୍ନୀ ପଳାଇ ଯାଇଥିବା ବେଳେ ସେ ଅଧିକାଂଶ ସମୟରେ ମାନସିକ ଦୁଶ୍ଚିନ୍ତାରେ ରହୁଥ?ବା ନେଇ ସହକର୍ମୀମାନେ ସୂଚନା ଦେଇଛନ୍ତି । ଏନେଇ ବେତନଟୀ ପୁଲିସ ୩୨ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖୁଥିବା ବେଳେ ପରିବାରବର୍ଗ ପହଞ୍ଚିବା ପରେ ପରବର୍ତ୍ତି ପ୍ରକ୍ରିୟା ଆରମ୍ଭ ହେବାନେଇ ବେତନଟୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଇଗ୍ନୋରେ ନାମଲେଖା ...

ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ । ସମସ୍ତ ପ୍ରକାର ସୂଚନା ପାଇଁ ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୋ ତରଫରୁ ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡ଼. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଏଫଏମ ଛାତ୍ରୀ ମୃତ୍ୟୁ...

ଉପଜିଲ୍ଲାପାଳ ବାଲେଶ୍ୱର ସର୍କିଟ ହାଉସ ଅଭିମୁଖେ ଯାଉଥିବା ବେଳେ ଷ୍ଟେସନ ଛକରେ ଗାଡିକୁ ଅଟକାଇ ଥିଲେ । ଶେଷରେ ଉପଜିଲ୍ଲାପାଳ ନିଜେ ଗାଡିରୁ ଓହ୍ଲାଇ ଚାଲି ଚାଲି ସର୍କିଟ ହାଉସ୍ ଅଭିମୁଖେ ଯାଇଥିଲେ । ଏପଟେ ବାଲେଶ୍ୱର ବନ୍ଦ ପ୍ରସଙ୍ଗରେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ । ସେ କହିଛନ୍ତି, ବିରୋଧୀ ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଘଟଣାରେ ପ୍ରିନ୍ସିପାଲ୍ ଓ ଏଚଓଡିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ବିରୋଧୀ ଦଳର କର୍ମୀ ହିଁ ପୀଡିତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ । ପୂର୍ବ ସରକାର ଘଟଣାପ୍ରତି ସମ୍ବେଦନଶୀଳ ହେଉନଥିଲେ, ଅଭିଯୁକ୍ତ ବନ୍ଧା ହେଉନଥିଲା । ଏବେ ନୂଆ ସରକାରରେ ଅଭିଯୁକ୍ତଙ୍କ ବିରୋଧରେ ଆକ୍ସନ ହେଉଛି । ପୀଡିତାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତି ଭେଟି ସମବେଦନା ଜଣାଇଛନ୍ତି । ସରକାର ତ୍ୱରିତ ନ୍ୟାୟ ପାଇଁ ବ୍ୟବସ୍ଥା କରିଛନ୍ତି। ଅପରପକ୍ଷେ ଏଫଏମ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିଜେଡିର ଲୋକସେବା ଭବନ ଘେରାଉ ଉଦ୍ୟମ। ଲୋୟର ପିଏମଜିରେ ଶହଶହ ବିଜେଡି କର୍ମୀ । ଏଫଏମ୍ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଚାଲିଛି ପ୍ରତିବାଦ । ବିଜେଡିର ବରିଷ୍ଠ ନେତାଙ୍କ ସହ ଯୁବ-ଛାତ୍ର ଓ ମହିଳା କର୍ମୀ ସାମିଲ ହୋଇଛନ୍ତି ଆନ୍ଦୋଳନରେ । ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି । ବିଧାନସଭା ଚତୁଃପାର୍ଶ୍ୱରେ କମିଶନରେଟ୍ ପୋଲିସର ଛାଉଣି । ସମସ୍ତ ଆନ୍ଦୋଳନକାରୀଙ୍କ ଉପରେ ନଜର ରଖିଛି ଡ୍ରୋନ୍ । ଆଇନ୍ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଚେତାବନୀ ଦିଆଯାଇଛି ।

### ଲୋୟର ପିଏମ୍‌ଜିରେ...

ପାଣିମାଡ଼ ସହ ଲୁହବୁହା ଗ୍ୟାସ ପ୍ରୟୋଗରେ ଆହତ ହୋଇଛନ୍ତି ବିଜେଡି ନେତା ଓ କର୍ମୀ । ବିଜେଡିର ନେତା ପ୍ରଣବପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଓ ସୁଲତା ଦେଓ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ବିଜେଡି ନେତାଙ୍କ ଭଳି କିଛି ପୁଲିସ ବି ଆହତ ହୋଇଛନ୍ତି । ଆହତ ପୁଲିସଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି । ପୁଲିସ୍ କମିସନର ଆହତଙ୍କୁ ହସ୍ପିଟାଲରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି । ତେବେ ସରକାରରୁ ଯିବା ପରେ ପ୍ରଥମ ଥର ଲାଗି ବିଜେଡିକୁ ଏଭଳି ମୁଦ୍ରାରେ ଦେଖିବାକୁ ମିଳିଛି । ବିରୋଧୀ ଭାବେ ସରକାର ବିରୋଧରେ ବିଜେଡି ଆନ୍ଦୋଳନକୁ ଜୋରଦାର କରିଛି ।

### ଛାତ୍ରୀଙ୍କ ଆତ୍ମହୁତି ଘଟଣା...

ଏହି ଘଟଣାରେ ଯେକେହିବି ଦୋଶି ଥିବେ ସେ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଶା ରହିଛି । ତେବେ ତଦନ୍ତ କରିବ ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା । ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କୁ ତଦନ୍ତ ଭାର ଦିଆଯାଇଛି । ତଦନ୍ତ ଦାୟିତ୍ୱ ଦେଲେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର । ତଦନ୍ତ ଅଧିକାରୀଙ୍କୁ ସହଯୋଗ କରିବେ ଇନ୍ସପେକ୍ଟର ପାଞ୍ଚାଳି ରାଉତ । ସୂଚନା ଅନୁଯାୟୀ, ଏହି ମାମଲାରେ ଦୁଇଜଣିଆ କମିଟି ତଦନ୍ତ କରିବେ । ପୂର୍ବରୁ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରୁଥିଲା କ୍ରାଇମବ୍ରାଞ୍ଚ । ମାମଲାକୁ ଅନୁଧ୍ୟାନ କରୁଥିଲା । ଆଉ ଏବେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିବ ବୋଲି ବିଧିବଦ୍ଧ ନିର୍ଦ୍ଦେଶ ଆସିଛି ।

### ରାଜ୍ୟ କ୍ୟାବିନେଟ୍‌ରେ...

ରହିବ ୧୪ଟି ଥାନା ରହିବ। ରାଜ୍ୟ ସରକାର ଏମର୍ଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମକୁ ଅନୁମୋଦନ ଦେଇଛନ୍ତି। ଏମର୍ଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ ପାଇଁ ସୃଷ୍ଟି ହେବ ୪,୧୯୫ ପୋଷ୍ଟ। ସେହିପରି ସମୃଦ୍ଧ ସହର ଯୋଜନାକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ଦେଇଛନ୍ତି। ସମୃଦ୍ଧ ସହର ଯୋଜନା ପାଇଁ ୪, ୮୭୯.୩୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନରେ ସମୃଦ୍ଧ ସହର ଯୋଜନା ସହାୟକ ହେବ।

### ସୌମ୍ୟାଶ୍ରୀଙ୍କ ବାପାଙ୍କ...

ଫୋନ୍‌ରେ ଆଲୋଚନା ବେଳେ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ରାହୁଲ । ଏନେଇ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି ରାହୁଲ । ପୀଡ଼ିତାଙ୍କ ପରିବାରକୁ କିଭଳି ନିଶ୍ଚିତ ନ୍ୟାୟ ମିଳିବ ସେ କଥା ନିଜ ପୋଷ୍ଟରେ ଜଣାଇଛନ୍ତି ରାହୁଲ । ସେପଟେ ଖୁବଶୀଘ୍ର ବାଲେଶ୍ୱର ଆସିପାରନ୍ତି ପ୍ରିୟଙ୍କା ଗାନ୍ଧୀ । ବାଲେଶ୍ୱର ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି । ଜାତୀୟ ସ୍ତରରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି ।

### ସୀମା ଡେଇଁଲା...

ଦାବି କରିଛନ୍ତି । ଆଉ ଏହାର ପ୍ରତିବାଦରେ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛି ଚାଷୀ ସଂଗଠନ । ସରକାରୀ ସହାୟତା ସହ କୁକୁଡ଼ାଙ୍କ ନମୁନା ସଂଗ୍ରହ ପାଇଁ ଦାବି କରିଛନ୍ତି ଚାଷୀ । ଅଧିକାରୀ କହିଛନ୍ତି, ଉପରିସ୍ଥ ଅଧିକାରୀଙ୍କ ଠାରୁ ନିର୍ଦ୍ଦେଶ ଆସିବା ପରେ ନମୁନା ସଂଗ୍ରହ ପାଇଁ ପଠାଯିବ । ପୁରୀ ଓ କେନ୍ଦ୍ରାପଡ଼ାରେ ଆତଙ୍କ ଖେଳିବା ପରେ ଏବେ ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ ବାର୍ଡ ଫ୍ଲୁ ଭୟ ଦେଖାଦେଇଛି ।

# ଯୁକ୍ତ ୩ ସ୍ୱଟ୍ ଆଡମିଶନ ଅବଧି ୧୯ ଜୁଲାଇକୁ ବୃଦ୍ଧି

ଭୁବନେଶ୍ୱର, ୧୬/୭ (ନି.ପ୍ର): ସ୍ନାତକ ପାଠ୍ୟକ୍ରମର ସ୍ୱଟ୍ ନାମଲେଖା ଅବଧିକୁ ବୃଦ୍ଧି କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି। ପୂର୍ବରୁ ଜୁଲାଇ ୧୬ ତାରିଖରେ ସ୍ୱଟ୍ ନାମଲେଖା ପ୍ରକ୍ରିୟା ଶେଷ ହେବାର ଥିଲା, କିନ୍ତୁ ବର୍ତ୍ତମାନ ଏହାକୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସାମସ୍ ଅଧୀନରେ ସ୍ନାତକ ପାଠ୍ୟକ୍ରମ ପ୍ରଦାନ କରୁଥିବା ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ୱଟ୍ ନାମଲେଖା ପ୍ରକ୍ରିୟାକୁ ବର୍ଦ୍ଧିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଫକିର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରି ମୃତ୍ୟୁକୁ ନେଇ ଜଳେଶ୍ୱର ବନ୍ଦ



ଜଳେଶ୍ୱର, ୧୬/୭ (ନି.ପ୍ର): ବାଲେଶ୍ୱର ଫକିର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଛାତ୍ରୀ ସମ୍ୟାଶ୍ରି ବିଶୀଙ୍କ ମୃତ୍ୟୁକୁ ସାରା ରାଜ୍ୟ ରେ ନେଇ ସବୁଠି ଚର୍ଚ୍ଚା ।ଯାହାଫଳରେ ବୁଧବାର ବିଜେଡି ତରଫରୁ ସମଗ୍ର ବାଲେଶ୍ୱର ଜିଲ୍ଲା ରେ ବନ୍ଦ ସହିତ ଜଳେଶ୍ୱର ବ୍ଲକ୍ ଏବଂ ପୌରପାଳିକା ଅଞ୍ଚଳ ରେ ସକାଳ ୬ ଘଟିକା ରୁ ୧ ଟା ପର୍ଯ୍ୟନ୍ତ ବନ୍ଦ ଦେଖିବା ପାଇଁ ମିଳିଥିଲା। ଜଳେଶ୍ୱର ସହରରେ ବଡବଜାର, ଷ୍ଟେସନ୍ ବଜାର, ଏବଂ ଆମ୍ବଳୀଅଠା ରେ ଏବଂ ଜାତୀୟ ରାଜପଥ ଏବଂ ସମଗ୍ର ବ୍ଲକ୍ ଅଞ୍ଚଳ ରେ ସମସ୍ତ ସ୍କୁଲ, କଲେଜ ବନ୍ଦ ଦେଖିବା ପାଇଁ ମିଳିଥିଲା। ଏହି ସମୟ ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ,ବାଲେଶ୍ୱର ସାଂସଦ, ଉଚ୍ଚଶିକ୍ଷାମନ୍ତ୍ରିଙ୍କ ଇସ୍ତଫା ସହିତ ବିଜେପି ସରକାର୍ ହାଏ, ହାଏ ନାରା ରେ ସମଗ୍ର ଜଳେଶ୍ୱର କମ୍ପିଥିଲା ଏବଂ ସମସ୍ତ ଯାନବାହାନ ଚଳା ଚଳ ବନ୍ଦ ରହିଥିଲା ଏବଂ ସମସ୍ତ ସ୍କୁଲ ଏବଂ କାର୍ଯ୍ୟଳୟ ବନ୍ଦ ରହିଥିଲା। ବନ୍ଦ ସମୟ ରେ ଜରୁରୀ କାଳୀନ ସେବା ଅଟକା ଯାଇନାହିଁ। ଜଳେଶ୍ୱର ବିଜେଡି ତରଫରୁ ବିଜେଡି ବ୍ଲକ୍ ସଭାପତି ଦିଲ୍ଲିପ ସାମଲ, ଜଳେଶ୍ୱର ପୌରପାଳିକା ଅଧକ୍ଷ ପ୍ରଡିପ କୁମାର୍ ପ୍ରଧାନ, ଜିଲ୍ଲାପରିଷଦ ଉପାଧକ୍ଷା ଆନୁଷୟା ସାମଲ, ବ୍ଲକ୍ ଉପାଧକ୍ଷ ସଞ୍ଜିତା ସେନାପତି ,ଜଳେଶ୍ୱର ପୌରପାଳିକାର ଉପାଧକ୍ଷା ପୁଷ୍ପପ୍ରିୟା କାମିଲା, ଶଙ୍କର ଘୋଷ, ସଞ୍ଜୟ ଦାସ୍, କାଉନସିଲର ସୁରଜ୍ ଚୌରାଶିଆ, ଆନନ୍ଦ କର, ଗୋବିନ୍ଦ ସାହୁ , ସରପଂଚ ଶୁବିନିତା ଦତ୍ତ, ସସ୍ମିତା ବାରିକ, ଗିରିଜା ସାସମଲ୍ , ଅଜୟ ମହାନ୍ତି , ମଧୁସୂଦନ ସେନାପତି ସହିତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ସୌମ୍ୟାଶ୍ରୀଙ୍କ ପାଇଁ ସଦର ବିଜେଡି ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୬/୭ (ନି.ପ୍ର): ଆଜି ବାଲେଶ୍ୱର ବିଜୁ ଜନତା ଦଳ ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଫକୀର ମୋହନ ସଂୟଶାସିତ ମହାବିଦ୍ୟାଳୟର ଛାତ୍ରୀ ୰ ସୌମ୍ୟାଶ୍ରୀ ବିଶିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଫକୀର ମୋହନ ଗୋଲାଇଠାରେ ଅନୁଷ୍ଠିତ ହୋଇଯାଇଛି ।ସ ଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ପ୍ରତ୍ୟେକ ତତ୍ତ୍ୱାବଧନରେ ଶ୍ରଦ୍ଧାଞ୍ଜଳି ସଭାରେ ଦଳୀୟ କର୍ମୀମାନେ ମହମବତୀ ଜାଳି ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁନିସିପାଲିଟିର ଉପାଧ୍ୟକ୍ଷ କୈଳାସ ସେଠୀ, ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ରଞ୍ଜନ ବାଗ,ପୂର୍ବତନ ଉପ ନଗରପାଳ ମନୋଜ ରାଉତ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଧିରେନ ନାୟକ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ବିଭୁଦତ୍ତ ପରିଡା, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ ଅନସର, କାଉସିଲର ତଥା ଟାଉନ ମହିଳା ସଭାପତି ମୀନା ମହାନ୍ତି, କାଉସିଲର ମିତା ପଟ୍ଟନାୟକ, କବିତା ମୃମୁ, ମିରାଜ ବାନୋ, ସଂଧ୍ୟାରାଣୀ ଜେନା, ସବିତା ରାଣୀ ଦାସ, ଶଶିରେଖା ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ,ସେକ ଆୟୁବ, କାର୍ତ୍ତିକ ସାହୁ, ପୂର୍ବତନ କାଉନସିଲର ସାକିର ଖାନ, ଧନଞ୍ଜୟ ଜେନା, ସଂଜୟ ବେହେରା, ବିଶ୍ୱଜିତ ମହାପାତ୍ର, ନଳିନୀ ରଂଜନ ଦାସ, ରିତିକ ଜୀ, ଅଶୋକ ଆଢ୍ୟ, ଜଗନ୍ନାଥ ମହାରଣା, ଅଶୋକ ଦାସ, ସୁନିଆ ମୃମୁ, ଅତୁଲ ଶତପଥୀ, ଦେବାଶିଷ ଦାଶ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।




## ପାରାଦୀପରେ ଭାରତୀୟ ତଟ ରକ୍ଷକର ପ୍ରଦୂଷଣ ପ୍ରତିକ୍ରିୟା ସମ୍ମିଳନୀ




ପାରାଦୀପ, ୧୬/୭ (ନି.ପ୍ର): ଭାରତୀୟ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ- ୭ ପକ୍ଷରୁ ଓଡ଼ିଶାର ସମସ୍ତ ହିତାଧିକାରୀ ସଂଗଠନ ଗୁଡିକ ପାଇଁ ୧୫ ଓ ୧୬ ତାରିଖ ପାରାଦୀପ ରେ ଦୁଇ ଦିନିଆ ପ୍ରଦୂଷଣ ପ୍ରତିକ୍ରିୟା କାର୍ଯ୍ୟଶାଳା ଓ ଟେବୁଲ ଟପ୍ ଅଭ୍ୟାସ ଆୟୋଜନ କରାଯାଇଥିଲା । ଏଥିରେ ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ବିପିସିଏଲ୍, ଏଚ୍‌ପିସିଏଲ୍, ଆଇଓସିଏଲ୍, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ଆପତ୍କାଳୀନ ପରିଚାଳନା ପ୍ରାଧିକରଣ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଭାରତୀୟ ତଟ ରକ୍ଷକ ଦେଶରେ ସମୁଦ୍ର ତଟ ଉପରେ ଘଟୁଥିବା ତୈଳ ପ୍ରଦୂଷଣ ସହ ପ୍ରତିରୋଧ କାର୍ଯ୍ୟ ପାଇଁ ମୁଖ୍ୟ ନୋଡାଲ୍ ସଂଗଠନ ଭାବରେ କାର୍ଯ୍ୟ କରୁଛି । ଏହି କାର୍ଯ୍ୟଶାଳାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଏଜେନ୍ସିଙ୍କ ମଧ୍ୟରେ ସହଯୋଗ, ପ୍ରସ୍ତୁତି ଓ ସମନ୍ୱୟକୁ ଶକ୍ତିଶାଳୀ କରିବା, ଯାହା ଦ୍ୱାରା ଓଡ଼ିଶାର ସମୁଦ୍ର ତଟକୁ ପ୍ରଦୂଷଣରୁ ସୁରକ୍ଷା ଦିଆଯିବା । ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ତଟ ରକ୍ଷକ ଓଡ଼ିଶାର ଜିଲ୍ଲା କମାଣ୍ଡର ଯୋଗ ଦେଇ ଉଦଘାଟନ କରିବା ସହିତ ଏହି ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ ହିତାଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ, ପ୍ରସ୍ତୁତି ଓ ପ୍ରତିକ୍ରିୟା କ୍ଷମତା ବୃଦ୍ଧି ପାଇବ । ଏହା ଭବିଷ୍ୟତରେ ସମୁଦ୍ର ତଟ ପ୍ରଦୂଷଣକୁ ପ୍ରତିହତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କହିଥିଲେ । ପ୍ରଥମ ଦିନର କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ପୃକ୍ତ ବିଷୟରେ ପ୍ରସ୍ତୁତି କରଣ ଓ ଆଲୋଚନା କରାଯାଇଥିଲା । ଦ୍ୱିତୀୟ ଦିନ ଟେବୁଲ ଟପ୍ ଅଭ୍ୟାସ ପରେ ପ୍ରାକ୍ଟିକାଲ୍ ପ୍ରଦୂଷଣ ପ୍ରତିକ୍ରିୟା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା, ଯାହା ଭାରତୀୟ ତଟ ରକ୍ଷକ ଜାହାଜ 'ବିଜୟା' ଓ ପାରାଦୀପ ବନ୍ଦର ପ୍ରାଧିକରଣ ର ଜାହାଜ 'ଓସେନ ଏଲିଗାନସ' ରେ କରାଯାଇଥିଲା । ଏଭଳି କାର୍ଯ୍ୟକ୍ରମ ଆୟୋଜନ ରେ ରାଜ୍ୟର ସମୁଦ୍ର ତଟକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ଓ ସମନ୍ୱିତ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବାରେ ସକ୍ଷମ ହେବ ।

## ବାଲିଆପାଳରେ ବର୍ଷା ଓ ବନ୍ୟା ବିପ୍ୟାତ

ଲଙ୍ଗଳେଶ୍ୱର, ୧୬/୭ (ନି.ପ୍ର): ବାଲିଆପାଳରେ କେତେଦିନ ହେବ ବନ୍ୟା ବିପ୍ୟାତ ଲାଗି ରହିଥିବା ବେଳେ ଆଜି ବର୍ଷା ବିପ୍ୟାତ ଅଧିକ ହୋଇଛି । ଆଜି ପୂର୍ବାହ୍ନରୁ ବର୍ଷା ସହ ଘଡ ଘଡି ପ୍ରାୟେ ଦୁଇ ଘଣ୍ଟା ଧରି ଲାଗି ରହିଥିଲା । ବର୍ଷା ଯୋଗୁଁ ଚାଷ ଜମିରେ ଏକ ଫୁଟ ପାଣି ଜମି ରହିଛି । ଖରିଫ ଧାନ ତଳି ପାଣିରେ ବୁଡି ରହିଛି । ଖୋଳସା, ଚାନ୍ଦମଣୀ, କାଳନ୍ଦା, ମଧୁପୁରା, ଚୌମୁଖ, ବଡାଶ ଆଦି ପାଣ୍ଡ ଜମିରେ ବର୍ଷା ପାଣି ଲହଡି ଭାଙ୍ଗୁଛି । ବର୍ଷା ଓ ଘଡ ଘଡି ଯୋଗୁଁ କେତେକ ଜାଗାରେ ବିଦ୍ୟୁତ ସରବରାହ ବନ୍ଦ ରହିଛି । ବର୍ଷା ଯୋଗୁଁ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା, ଜାମ କୁଣ୍ଡା ଆଦି ବନ୍ୟା ପ୍ଲାବିତ ଗାଁ ଗୁଡିକର ଦୁର୍ଦ୍ଦଶା କହିଲେ ନ ସରେ । ଲୋକେ ଘରୁ ବାହାରି ପାରୁ ନାହାଁନ୍ତି । ସବୁଠି ପାଣି ଓ କାଦ ପଚ ପଚ ।ବନ୍ୟା ଓ ବର୍ଷା ଆଉ ଅଧିକ ଦିନ ଲାଗି ରହିଲେ ପରିସ୍ଥିତି ସଙ୍ଗିନୀ ହେବ ବୋଲି ଲୋକ କହିଛନ୍ତି ।

## ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ନ୍ୟାୟ ପ୍ରଦାନ ଦାବିରେ ବସ୍ତା ବ୍ଲକ ବିଜୁଜନତା ଦଳ ପକ୍ଷରୁ ବନ୍ଦ ପାଳିତ




ବସ୍ତା, ୧୬/୭ (ନି.ପ୍ର): ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିସି ଙ୍କୁ ନ୍ୟାୟ ଦେବା ପାଇଁ ବାଲେଶ୍ୱର ଜିଲ୍ଲାର ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା ନେତୃତ୍ୱରେ ବୁଧବାର ୮ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ବସ୍ତା ବ୍ଲକରେ ସମ୍ପୂର୍ଣ୍ଣ ରୂପେ ବନ୍ଦ ସଫଳ ହୋଇଛି । ଏହି ଆଠଘଣ୍ଟିଆ ବନ୍ଦ ପ୍ରଭାବରେ ବସ୍ତା,ଗାନ୍ଧୀଛକ, ଦରଡା,ବରୁଣଗଡିଆ, ମଥାନୀ ,ବାହାର୍ଦ୍ଦା ବଜାର ବନ୍ଦ ରହିବା ସହିତ ସବୁ ସ୍ଥାନରୁ ଯାଉଥିବା ଯାତ୍ରୀବାହି ବସ୍, ପଞ୍ଚାୟତରୁ ବ୍ଲକ କୁ ଯାଉଥିବା ସରକାରୀ ବସ ଗୁଡିକ ଚଳାଚଳ ବନ୍ଦ ରହିଥିଲା । ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ,ବ୍ୟାଙ୍କ ତହସିଲ, ବ୍ଲକ କାର୍ଯ୍ୟାଳୟ ଗୁଡିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା । ଏହି ବନ୍ଦକୁ ସଫଳ କରିବା ପାଇଁ ବିଜେଡିର କର୍ମୀମାନେ ପିକେଟିଙ୍ଗ କରିବା ସହିତ ବିଭିନ୍ନ ସ୍ଥାନରେ ଟାୟାର ଜାଳି ସୌମ୍ୟଶ୍ରୀ ଙ୍କ ପ୍ରତି ଅନ୍ୟାୟକୁ ପ୍ରତିବାଦ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉବୋଲି ଦାବି କରିଥିଲେ । ଏହି ବନ୍ଦ ଡାକରା ବସ୍ତା ବିଧାୟିକା ସୁବାସିନୀ ଜେନା ଦଳୀୟ ନେତୃବୃନ୍ଦଙ୍କ ସହିତ ଯୋଗଦେଇ ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ନ୍ୟାୟ ପ୍ରଦାନ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ବସ୍ତା ବିଜୁଜନତା ଦଳର ବ୍ଲକ ସଭାପତି ଅନିଲ କୁମାର ମହାନ୍ତି, ଜିଲ୍ଲା ପରିଷଦ ଦେବୀକା ସୋରେନ, ବିଷ୍ଣୁପ୍ରିୟା ବୁଗୁଡି, ବରିଷ୍ଠ ନେତା ମହାଦେବ ଦାସ, ସରପଞ୍ଚ ମମତା ରାଣୀ ସିଟ୍ଟୁ,ଗୌରାଙ୍ଗ ଚନ୍ଦ୍ର ବେହେରା, ଚନ୍ଦନ ଜେନା, ସମିତି ସଭ୍ୟ ଜୟପ୍ରକାଶ ନାରାୟଣ ବେହେରା, ଅନୁପମ ମହାନ୍ତି, ସୁଶାନ୍ତ ବେହେରା, ସରୋଜ ଦାସ, ରଘୁନାଥ ଜେନା, ଦିଲୀପ ରଞ୍ଜନ ଦଳାଇ, ନୃସିଂହ ଚରଣ ଦାସ, ଦେବାଶିଷ କର ଓ ଶ୍ରୀକାନ୍ତ ନାଥଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ରହି ଏହି ବନ୍ଦକୁ ସଫଳ କରିଥିଲେ ।

## ରାଜ୍ୟସ୍ତରୀୟ ସାହାଣୀ କପ ଫୁଟବଲ ଚମ୍ପିୟାନସିପ: ମୟୂରଭଞ୍ଜର ୨୫ ଜଣିଆ ଟିମ୍ ଘୋଷିତ



ବାରିପଦା, ୧୬/୭ (ନି.ପ୍ର): ଫୁଟବଲ ଏସୋସିଏସନ ଅଫ ଓଡିଶା ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ୬୪ ତମ ରାଜ୍ୟସ୍ତରୀୟ ବରିଷ୍ଠ ଆନ୍ତଃଜିଲ୍ଲା ଫୁଟବଲ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜର ୨୫ ଜଣିଆ ଦଳ ଘୋଷିତ ହୋଇଯାଇଛି. ରାଇସେନ ଟୁଡୁ (ଅଧିନାୟକ), ମାନଚିତ୍ର ମାର୍ଣ୍ଡି (ଉପ ଅଧିନାୟକ)ଙ୍କ ସମେତ ଜୀବନ ବାସ୍କେ, ନାରଣ ମୁଣ୍ଡା, ବିଶାଲ ଟୋପୋ, ରାମଚନ୍ଦ୍ର ହେମ୍ବ୍ରମ, ସିପୁନ ହାଁସଦା, ଜିତମଲ ଟୁଡୁ, ମାଙ୍ଗତ ମାର୍ଣ୍ଡି, ରାମଚନ୍ଦ୍ର ବେଶ୍ରା, ମାନସିଂ ମାଝୀ, ଭରତ ଚନ୍ଦ୍ର ମାଝୀ, ସାଲାହୀ ଟୁଡୁ, ସୁକୁଲ ହେମ୍ବ୍ରମ, ଠାକୁର ହେମ୍ବ୍ରମ, ଗଣେଶ ସୋରେନ, ରଘୁନାଥ ସୋରେନ, ବାବୁଲି ନାଏକ, ନୀଲେଶ ତିଗା, ବୀରସିଂ ନାଏକ, ଲକ୍ଷ୍ମଣ ମାଝୀ, ଠାକୁରା ମୁର୍ମୁ, ମାଟୁ ଟୁଡୁ, ସୁମିତ କୁମାର ଓ ସିଲୁ ମୁର୍ମୁ ଦଳରେ ସାମିଲ ଅଛନ୍ତି । ଦଳ ସହିତ କୋଚ ଅବନୀ ମୋହନ ମହାନ୍ତି ଓ ମେନେଜର ଭାବେ ଶ୍ରୀନିବାସ ହେମ୍ବ୍ରମ ଗସ୍ତ କରିଛନ୍ତି । ଚଳିତ ମାସ ୧୭ ତାରିଖ ଦିନ ମୟୁରଭଞ୍ଜ ତାର ପ୍ରଥମ ମ୍ୟାଚ କୋରାପୁଟ ସହିତ ଖେଳିବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି । ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ହରପ୍ରସାଦ ପାତ୍ର, ଅମ୍ବିକା ରାଉତ ଓ ବରିଷ୍ଠ ସଦସ୍ୟ ରାଜୀବ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ପଥରରେ ଛେଞ୍ଚି ଅତ୍ୟନ୍ତ ନୃଶଂସ ଭାବେ ଜନ୍ମକଲା ବୃଦ୍ଧ ବାପା, ମା'ଙ୍କୁ ହତ୍ୟାକଲା ମଦ୍ୟପ ପୁଅ

ବେତନଟୀ, ୧୬/୭ (ନି.ପ୍ର): ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ଉତ୍ତରପାଳ ଗାଁ ଉପକଣ୍ଠ ଧନାପାଳ ଗ୍ରାମରେ ନିଜର ଜନ୍ମକଲା ବୃଦ୍ଧ ବାପା, ମା'ଙ୍କୁ ପଥରରେ ଛେଚି ଅତ୍ୟନ୍ତ ନୃଶଂସ ଭାବରେ ହତ୍ୟା କଲା ମଦ୍ୟପ ପୁଅ । ଅଭିଯୁକ୍ତ ହତ୍ୟାକାରୀ ପୁଅ ହେଉଛି ଧନାପାଳ ଗ୍ରାମର ଶୁକୁରା ଓରଫ ହିମାଂଶୁ ସାହୁ । ସୂଚନା ମୁତାବକ ଅଭିଯୁକ୍ତ ହତ୍ୟାକାରୀ ଶୁକୁରା ଓରଫ ହିମାଂଶୁ ପେଶାରେ ଅଟୋ ଚାଳକ ହୋଇଥିବା ବେଳେ ଘରେ ୮୫ ବର୍ଷୀୟ ବୃଦ୍ଧ ବାପା ହାଡିବନ୍ଧୁ ସାହୁ ଏବଂ ୭୮ବର୍ଷୀୟା ବୃଦ୍ଧା ମା'ଶାନ୍ତିଲତା ସାହୁ ରହୁଥିଲେ । ପାରିବାରିକ ସମସ୍ୟା ପାଇଁ ଅଭିଯୁକ୍ତ ହତ୍ୟାକାରୀ ହିମାଂଶୁଙ୍କ ସ୍ତ୍ରୀ ଏବଂ ପିଲାଛୁଆ ଦୀର୍ଘଦିନ ହେବ ସ୍ୱାମୀ ଠାରୁ ଅଲଗା ଘରେ ରହିଆସୁଥିଲେ । ତେବେ ଘଟଣାଦିନ ଅର୍ଥାତ ବୁଧବାର ସକାଳେ ହିମାଂଶୁଙ୍କ ବୃଦ୍ଧା ମା'ଙ୍କ କ୍ଷତାକ୍ତ ମୃତଦେହ ଘର ଅଗଣାରେ ପଡ଼ିଥିବା ବେଳେ ହିମାଂଶୁ ସ୍ୱାଭାବିକ ଭାବରେ ଦାଣ୍ଡପିଣ୍ଡାରେ ପଡ଼ିଥିବା ପଲଙ୍କ ଉପରେ ବସିଥିଲା । ଗ୍ରାମବାସୀଙ୍କ ମନରେ ସନ୍ଦେହ ହେବାରୁ ସମସ୍ତେ ଏକଜୁଟ ହୋଇଥିଲେ । ଏହାପରେ ଗ୍ରାମବାସୀ ପୁଲିସକୁ ଖବର ଦେବାପରେ ମାଣତ୍ରୀ ଫାଣ୍ଡି ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ହତ୍ୟାକାରୀ ପୁଅକୁ ଗିରଫ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି । ଖୋଦ ଜନ୍ମକଲା ପୁଅ ବୃଦ୍ଧ ବାପା, ମା'ଙ୍କୁ ଅତ୍ୟନ୍ତ ନୃଶଂସ ଭାବରେ ପଥରରେ ଛେଚି ହତ୍ୟା କରିବା ଘଟଣା ଗ୍ରାମରେ ଭୟର ବାତାବରଣ ଖେଳାଇ ଦେଇଥିବା ବେଳେ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି । ଏଭଳି ଜଘନ୍ୟ ହତ୍ୟାରେ ବ୍ୟବହୃତ ପଥର ପୁଲିସ ଖୋଜୁଥିବା ବେଳେ ଅଧିକ ତଦନ୍ତ ଆରମ୍ଭ କରିଛି ।

## ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ଜିପି ସ୍ତରୀୟ କର୍ମଶାଳା

ବଡ଼ସାହି, ୧୬/୭ (ନି.ପ୍ର): ମାନଗୋବିନ୍ଦପୁର ଓ ଶାଳଗାଁ ପଂଚାୟତ ସମ୍ମିଳନୀ କକ୍ଷଠାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜ ସହଯୋଗରେ ତଥା, ବଡ଼ସାହି ବ୍ଲକ ପ୍ରଶାସନ ଦ୍ୱାରା ବିପର୍ଯ୍ୟୟ ହ୍ରାସ ନିମନ୍ତେ ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ କର୍ମଶାଳା ମାନଗୋବିନ୍ଦପୁର ସରପଞ୍ଚ କୁନି ସିଂ ଓ ଶାଳଗାଁ ସମିତି ସଭ୍ୟ ବିଶ୍ୱମ୍ଭର ବେହେରାଙ୍କ ଅଧ୍ୟକ୍ଷତାରେ ଜୁଲାଇ ୧୫-୧୬ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜିପିଡିଓ ଅବିନାଶ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ଯୋଗ ଦେଇ ବିପର୍ଯ୍ୟୟ ସମୟରେ ଅସୁରକ୍ଷିତ ଗୋଷ୍ଠୀ ସମୂହ ଯଥା ଗର୍ଭବତୀ ଓ ପ୍ରସୂତି ମହିଳା, କିଶୋରୀ ବାଳିକା, ଶିଶୁ, ବୟସ୍କ ବ୍ୟକ୍ତି, ବିକଳାଙ୍ଗ, ତୃତୀୟ ଲିଙ୍ଗ ଆଦିଙ୍କୁ ଚିହ୍ନଟ କରି ସେମାନଙ୍କୁ କିଭଳି ଉତ୍ତମ ସେବା ତଥା ସୁରକ୍ଷିତ ପରିବେଶ ଯୋଗାଇ ଦିଆ ଯାଇପାରିବ ଏବଂ ଶିଶୁ ଅଧିକାର, ମୌଳିକ ଅଧିକାରର ସୁରକ୍ଷା, ସମାନତା ଓ ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠା, ସମସ୍ତଙ୍କୁ ନ୍ୟାୟ ପ୍ରଦାନ ସହିତ ଲିଙ୍ଗ ଭିତ୍ତିକ ହିଂସା, ବାଲ୍ୟ ବିବାହ, ମହିଳା ଓ ଶିଶୁ ଚାଲାଣ ଆଦି ଦୂର କରି ଏକ ସୁସ୍ଥ, ସଂଗଠିତ ଓ ସୁରକ୍ଷିତ ସମାଜ ଗଠନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ । ସମାଜରେ ଦୁର୍ବଳ ଗୋଷ୍ଠୀଙ୍କୁ ସଶକ୍ତ କରାଯିବା, ମହିଳା ନେତୃତ୍ୱ ପ୍ରତି ଧ୍ୟାନ ଦେବା, ଯୋଜନା ପ୍ରସ୍ତୁତି ଓ ତାର ସଫଳ ରୂପାୟନ ସହିତ ସମସ୍ତଙ୍କର ସହଯୋଗରେ ଏକ ବିପର୍ଯ୍ୟୟ ସହନଶୀଳ ସମାଜ ଗଠନ କରାଯାଇ ପାରିବ ତାହା ଏହି ପ୍ରୋଗ୍ରାମର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଏମ ବି କେ, ସି ଆର ପି, ଅଙ୍ଗନ ୱାଡି, ଆଶା କର୍ମୀ,ପି ଆର ଆଇ ମେମ୍ବର, ଶିକ୍ଷକ ଓ ପଂଚାୟତ ପ୍ରତିନିଧି ସମୂହ ଯୋଗ ଦେଇଥିଲେ । ଓସଡ଼ମା ଗୋଷ୍ଠୀ ସ୍ତରୀୟ ମାଷ୍ଟର ଟ୍ରେନର ଜୁଳିମଣି ବେହେରା, ମାନସୀ ମିଶ୍ର, କବିତା ଘୋଡେଇ ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ବଡ଼ସାହି ବ୍ଲକର ନୋଡାଲ ଏନଜି ଓ 'ସଂକଳ୍ପ'ର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ଉପସ୍ଥିତ ରହି ଆଗାମୀ ତାଲିମ କାର୍ଯ୍ୟକ୍ରମ ସମ୍ପର୍କ ରେ ସୂଚନା ପ୍ରଦାନ କରିଥିଲେ । ମାନଗୋବିନ୍ଦପୁର ଓ ଶାଳଗାଁ ପଂଚାୟତ ନିର୍ବାହୀ ଅଧିକାରୀ ମୀନାରାଣୀ ମହାନ୍ତି ଓ ଦୀପକ କୁମାର ମହାକୁଡ଼ଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା । ଶେଷରେ ଫୋର୍ଡର ସନ୍ତୋଷ କୁମାର ଖଣ୍ଡା ସମସଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଧାର ନାହିଁ ବୋଲି ବିଦ୍ୟାଳୟର ମାଟି ମାଡ଼ିପାରିଲେ ନାହିଁ ବାସନ୍ତି



ଉଦଳା , ୧୬/୭ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖୁଂଟାବିଲ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଗଣେଶ ଟୁଡୁ ଓ ତାଙ୍କର ସହଧର୍ମିଣି ମାଇନ ମୁର୍ମୁଙ୍କର ୭ ବର୍ଷ ବୟସର କନ୍ୟା ବାସନ୍ତି ଟୁଡୁ ବିଦ୍ୟାଳୟର ମାଟି ମାଡ଼ି ନଥିବାର ଜଣାଯାଇଛି । ଏ ବାବଦରେ ମାତା 'ମାଇନ', ତାଙ୍କର କନ୍ୟା 'ବାସନ୍ତି' ଗ୍ରାମରେ ଥିବା ଅଙ୍ଗନୱାଡ଼ି ପାଠ ସାରିଛନ୍ତି, ପରେ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯିବାରୁ କାର୍ଯ୍ୟରତ ଶିକ୍ଷକ ତାଙ୍କୁ ଆଧାର କାର୍ଡ଼ ମାଗିଥିବାର କଥା କହିଛନ୍ତି । ଆଧାର କାର୍ଡ଼ ନଥିଲେ ନାମ ଲେଖାଯାଇପାରିବ ନାହିଁ ବୋଲି କହି ଶିକ୍ଷକ ତାଙ୍କୁ ଫେରାଇ ଦେଇଥିବାର କଥା ସେ ଅଭିଯୋଗ କରିଛନ୍ତି । ସେହିପରି ପରିବାରର ସମସ୍ତ ସଦସ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର କଥା ଜଣାଇଛନ୍ତି । ବିଭାଗୀୟ କତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ସୋମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଏବିଭିପି ଭଦ୍ରକ କଲେଜ ପକ୍ଷରୁ ବିଶାଳ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା




ଭଦ୍ରକ, ୧୬/୭ (ନି.ପ୍ର): ଏବିଭିପି, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଶାଖା ପକ୍ଷରୁ ଏଫଏମ କଲେଜର ଛାତ୍ରୀ ତଥା ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ପରାପ୍ରେକ୍ଷୀରେ କଲେଜ ପରିସରରୁ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା ବାହାରି ସହର ମଧ୍ୟରେ ଥିବା ଟାଉନ ହଲ ପରିସରରେ ଶେଷ ହୋଇଥିଲା । ସେଠାରେ ୰ ସୋମ୍ୟାଶ୍ରୀଙ୍କ ଫଟୋ ଚିତ୍ର ଆଗରେ ଛାତ୍ର ଛାତ୍ରୀମାନେ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଘଟିଥିବା ଅଭାବନୀୟ ଘଟଣାରେ ସମସ୍ତ ଅଭିଯୁକ୍ତ ମାନଙ୍କ ସହ ଯେଉଁ ଛାତ୍ର କଂଗ୍ରେସ ଓ ଛାତ୍ର ବିଜେଡ଼ିର କର୍ମୀମାନେ ସ୍ୱର୍ଗତ ଛାତ୍ରୀଙ୍କୁ ମାନସିକ ଭାବେ ବିଭିନ୍ନ ନିର୍ଯାତନା ଦେଉଥିଲେ ଏବଂ ସୋସିଆଲ ମିଡ଼ିଆରେ ଚରିତ୍ର ସଂହାର କରୁଥିଲେ ସେମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏବିଭିପି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖାଯାଇଛି । ଏତତ୍ ବ୍ୟତୀତ ଏଫଏମ କଲେଜର ଗଠିତ ଥିବା ଆଇସିସି କମିଟିର ସମସ୍ତ ସଦସ୍ୟଙ୍କୁ ତଦନ୍ତର ପରିସର ଭୁକ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ରାଜ୍ୟର ଥିବା ଅନ୍ୟାନ୍ୟ କଲେଜର ଆଇସିସି କମିଟିକୁ ତର୍ଜମା ରାଜ୍ୟ ସରକାର କରନ୍ତୁ ବୋଲି ଏବିଭିପିର ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଛନ୍ତି । ଏହି ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ଭଦ୍ରକ କଲେଜର ଛାତ୍ର ନେତା ତଥା ଏବିଭିପିର ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ରୁଦ୍ର ପ୍ରତାପ ଆଚାର୍ଯ୍ୟ, ପ୍ରିତିମା ପଣ୍ଡା, ତ୍ରିଲୋଚନ ବାରିକ, ତନୁଶ୍ରୀ ବେହେରା, ଶୁଭମ୍ ପାଢ଼ୀ, ଦେବାଶିଷ ପାଣିଗ୍ରାହୀ, ଶୁଭଶ୍ରୀ ଦେବର୍ଚ୍ଚନା, ସାହିଲ୍ ବେହେରା, ମନୋରଞ୍ଜନ ନାୟକ, ସାହିଲ ସମାନି, ମିତାଲି ଦାସ, ଦୁର୍ଗା ଶଙ୍କର ଜେନା, ମୁକେଶ ବାରିକ, ଦେବୀ ପ୍ରସାଦ ଦାଶ, ରବି ରେଡ୍ଡୀ, ଗୌତମୀ ପାଢ଼ୀ, ଦିବ୍ୟ କାନୁନଗୋ , ରଞ୍ଜୁଲତା ପୁଟିଆ, ସୁମିତ୍ରା ସେଠୀ, ସିଦ୍ଧାର୍ଥ ଶଙ୍କର ମହାନ୍ତିଙ୍କ ସମେତ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ କଲେଜରେ ଶୋକସଭା, ଦୀପ ପ୍ରଜ୍ୱଳନ ଆଦି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜିଲ୍ଲା ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ କହିଛନ୍ତି ।

## ନେହେରୁ ଯୁବ ସେବା ସଂଗଠନ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ




ବାସୁଦେବପୁର, ୧୬/୭ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ନିକଟରେ ଥିବା ଆଦି ଏକାଡେମୀରେ ନେହେରୁ ଯୁବ ସେବା ସଂଗଠନ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇ ଯାଇଛି । ଏହି ଦିବସ ତଥା ଉତ୍ସବରେ କରଞ୍ଜ ଆଡିଆ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ବଳରାମ ମଲ୍ଲିକ, ଜିନିୟସ୍ ଏକାଡେମୀର ଅଧ୍ୟାପକ ସୀତାରାମ ମଲ୍ଲିକ, ସମାଜସେବୀ ମୃତ୍ୟୁଞ୍ଜୟ ବିଶ୍ୱାଳ, ଓ କେ ୟୁଥ୍ କ୍ଲବ୍ ର ସଭାପତି ଶ୍ରୀକାନ୍ତ ଜେନା, ଆଦି ଏକାଡେମୀ ର ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ରାଉତ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଶ୍ୱ ଯୁବ ଦକ୍ଷତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ଓ ସଫଳତାର ସହିତ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର ଯୁବ ପୀଢ଼ି ଦେଶର ଭବିଷ୍ୟତ ଓ ସାହା ଭରସା ବୋଲି ଅତିଥି ବନ୍ଧୁ ପ୍ରକାଶ କରିଥିଲେ । ଶେଷରେ ଶ୍ରୀକାନ୍ତ ଜେନା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦଳାରେ ନିଯୁକ୍ତ ହେଲେ ୯ ଜଣ ସି.ଆର.ସି.ସି

ଉଦଳା , ୧୬/୭ (ନି.ପ୍ର): ଉଦଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂଆ କରି ୯ ଜଣ ସି.ଆର.ସି.ସି. କାର୍ଯ୍ୟରେ ଯୋଗ ଦେଇଥିବାର ଜଣାଯାଇଛି । ଗୌର କିଶୋର ବିନ୍ଧାଣି ଉଦଳା ଏନଏସି କ୍ଲଷ୍ଟର ପାଇଁ ନିଯୁକ୍ତି ପାଇଥିବା ବେଳେ ରାଢ଼ୋ କ୍ଲଷ୍ଟର ପାଇଁ ଲଳିତ କୁମାର ବେହେରା, ଦୁଗୁଧାରେ ନନ୍ଦନ ପଣ୍ଡା, ଅଦାପାଳରେ ମହେଶ୍ୱର ରାଉତ, ବଡ଼ଖମଣରେ ଗୌରାଙ୍ଗ ପାଲ, ଶ୍ରୀଦାମଚନ୍ଦ୍ରପୁରରେ ଆଲୋକ ପରିଡ଼ା, ପାଟଶାଣିପୁରରେ ଭାନୁପ୍ରସାଦ ପାତ୍ର, ଡ଼ିମଗଡ଼ିଆରେ ପ୍ରମୋଦ ସାହୁ ଓ ବହୁବନ୍ଧ କ୍ଲଷ୍ଟରରେ ବୈଶାଖି ସାହୁ ପ୍ରମୁଖ ନିଯୁକ୍ତି ପାଇଛନ୍ତି । ପୂର୍ବରୁ ୩ଜଣ ସି.ଆର.ସି.ସି. ଦାୟିତ୍ୱରେ ଅଛନ୍ତି । ସେମାନେ ହେଲେ ତପନ କୁମାର ମିଶ୍ର, ଦୀପକ କୁମାର ଦାସ ଓ ଶାନ୍ତନୁ କୁମାର ଦାଶ । ଏହି ସି.ଆର.ସି.ସି. ମାନେ ଯଥାକ୍ରମେ ନୂଆଗାଁ, ଅଠଣଗାଁ ଓ କଇଁସାରି କ୍ଲଷ୍ଟରର ଦାୟିତ୍ୱ ତୁଲାଉଛନ୍ତି । ନୂଆ ଓ ପୁରୁଣା ସମସ୍ତଙ୍କୁ ମିଶାଇ ମୋଟ ଉଦଳାରେ ୧୨ ଜଣ ସି.ଆର.ସି.ସି. କାର୍ଯ୍ୟରତ ଥିବାର ଜଣାଯାଇଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida